# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୨୫/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, April 25/2021 | ★★

୧୭ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ପୁଣି ୩୧ ରୋଗୀଙ୍କ ମୃତ୍ୟୁ

## ଦିଲ୍ଲୀରେ ୨୫, ପଞ୍ଜାବରେ ୬

**ନୂଆଦିଲ୍ଲୀ, ୨୪।୪**

ଜାତୀୟ ରାଜଧାନୀ ଦିଲ୍ଲୀ ସମେତ କେତେକ ରାଜ୍ୟର ହସ୍ପିଟାଲଗୁଡ଼ିକ ଅକ୍ସିଜେନ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଦିଲ୍ଲୀର କେତେକ କୋଭିଡ୍ ହସ୍ପିଟାଲରେ ୫ ଦିନ ହେଲା ଅକ୍ସିଜେନ ଅଭାବରୁ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ଘଟୁଛି। ସାର୍ ଗଙ୍ଗାରାମ ହସ୍ପିଟାଲ(ଏସ୍‌ଜିଆର୍‌ଏଚ୍)ରେ ଅକ୍ସିଜେନ ଚାପ କମ୍ ଯୋଗୁ ଶୁକ୍ରବାର ୨୫ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାର ୨୪ଘଣ୍ଟା ନ ପୂରୁଣୁ ଦିଲ୍ଲୀର ଜୟପୁର ଗୋଲ୍ଡେନ ହସ୍ପିଟାଲରେ ଆଉ ୨୫ଜଣ ଏବଂ ଶନିବାର ପଞ୍ଜାବର ଏକ ଘରୋଇ ହସ୍ପିଟାଲରେ ୬ଜଣ ଏପରି ମୋଟ ୩୧ ରୋଗୀଙ୍କ ଅକ୍ସିଜେନ ଅଭାବରୁ ଜୀବନ ଯାଇଛି।

ଦିଲ୍ଲୀସ୍ଥିତ ଗଙ୍ଗାରାମ ହସ୍ପିଟାଲରେ ଅମ୍ଳଜାନର ନିମ୍ନ ଚାପ ଯୋଗୁ ୨୫ ରୋଗୀଙ୍କ ମୃତ୍ୟୁ ଘଟିଥାଇପାରେ ଶନିବାର ପ୍ରଥମେ କୁହାଯାଇଥିଲା। ଏହାର କିଛି ସମୟ ପରେ ଏସ୍‌ଜିଆର୍‌ଏଚ୍ ଅଧ୍ୟକ୍ଷ ଡକ୍ଟର ଡି.ଏସ୍. ରାଣା ଏହାକୁ ଖଣ୍ଡନ କରିଥିଲେ। ☞ପୃଷ୍ଠା-୪

**ଅକ୍ସିଜେନ ଅଭାବ ନେଉଛି ପ୍ରାଣ**



## ସୀମା ଶୁଳ୍କ ମୁକ୍ତ ହେବ ଅକ୍ସିଜେନ

**ନୂଆଦିଲ୍ଲୀ, ୨୪।୪(ପି.ଟି.)**

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଅନେକ ରାଜ୍ୟରେ ମେଡିକାଲ ଅକ୍ସିଜେନ ସଙ୍କଟ ଦେଖାଦେଇଛି। ଅକ୍ସିଜେନ ଅଭାବରୁ ପ୍ରତ୍ୟହ ବହୁସଂଖ୍ୟାରେ ରୋଗୀଙ୍କ ମୃତ୍ୟୁ ଘଟିଲାଣି। ଅମ୍ଳଜାନ ଅଭାବ ଦେଶରେ ଏକ ଜରୁରୀ ସ୍ଥିତି ସୃଷ୍ଟି ସୃଷ୍ଟି କରିଛି। ଦେଶରେ ପର୍ଯ୍ୟାପ୍ତ ପରିମାଣର ମେଡିକାଲ ଅକ୍ସିଜେନ ଉପଲବ୍ଧ କରାଇବା ପାଇଁ କେନ୍ଦ୍ର ସରକାର ଶନିବାର ବିଦେଶରୁ ଅକ୍ସିଜେନ୍, ଆନୁଷଙ୍ଗିକ ଚିକିତ୍ସା ଉପକରଣ ଆମଦାନୀ ଉପରୁ ସୀମା ଶୁଳ୍କ ଏବଂ ହେଲ୍‌ଥ ସେସ୍ ୩ ମାସ ପାଇଁ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଦେଶରୁ ଆମଦାନୀ ହେବାକୁ ଥିବା କୋଭିଡ୍ ଟିକା କ୍ଷେତ୍ରରେ ମଧ୍ୟ ଉପରୋକ୍ତ ଟିକସ ଛାଡ଼ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର ସରକାର ସୀମା ଶୁଳ୍କ ଛାଡ଼ କରିଥିବାରୁ ଅକ୍ସିଜେନ୍, ଟିକା ଓ ଆନୁଷଙ୍ଗିକ ଚିକିତ୍ସା ଉପକରଣ ଆମଦାନୀ ବଢ଼ିବା ସହ ☞ପୃଷ୍ଠା-୪






## ଓଡ଼ିଶାରେ ୪ ଲକ୍ଷ ଟପିଲା ସଂକ୍ରମଣ

୨୪ ଘଣ୍ଟାରେ ୬,୬୪୭ ଚିହ୍ନଟ, ୮ ମୃତ

୩

## ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ୍ ରମାନା

୨

**ଆଜିର ସମ୍ପାଦକୀୟ**

ଭୋଗିବାକୁ ପଡ଼ିବ

# ମେ’ ୧୫ ଯାଏ ଦର୍ଶନ ବନ୍ଦ

**ପୁରୀ ଅଫିସ, ୨୪।୪**



- ନୀତିକାନ୍ତି, ରଥ ନିର୍ମାଣ କାର୍ଯ୍ୟ ଜାରି ରହିବ
- ଶ୍ରୀମନ୍ଦିର କର୍ମଚାରୀ, ସେବାୟତଙ୍କୁ ଟିକା ଦିଆଯିବ
- ଚନ୍ଦନଯାତ୍ରା, ରଥଯାତ୍ରା ପାଇଁ କିଣାଯିବ ମାସ୍କ, ସାନିଟାଇଜର
- ମେ ୬ରେ ପରବର୍ତ୍ତୀ ବୈଠକ

ପୁଣି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ସାଜିଛି ମହାମାରୀ କରୋନା। ପୁରୀ ଜିଲା ସମେତ ରାଜ୍ୟରେ କୋଭିଡ୍ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଶନିବାରଠାରୁ ଆସନ୍ତା ମେ ୧୫ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଛି। ତେବେ ଏହି ସମୟରେ ପୂର୍ବଭଳି ଦୈନନ୍ଦିନ ନୀତିକାନ୍ତି ସମ୍ପାଦନ ହେବ। ସେହିପରି ଆଗାମୀ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ କାର୍ଯ୍ୟକ୍ରମ ଯଥାବିଧି ଜାରିରହିବ। ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଭର୍ଚ୍ଚୁଆଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସକ ☞ପୃଷ୍ଠା-୪



**୨ ପାକ୍ ଡ୍ରୋନ୍‌କୁ ଖସାଇଲା ବିଏସ୍ଏଫ୍**

ସୀମାନ୍ତରେ ଡ୍ରୋନ୍‌ରୁ ଅସ୍ତ୍ର ଓ ଗୁଳିଗୋଳା ଖସାଇବା ପାଇଁ ପାକିସ୍ତାନର ଉଦ୍ୟମକୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଶନିବାର ପଣ୍ଡ କରିଦେଇଛି। ଜମ୍ମୁର ଅର୍ନିଆ ସେକ୍ଟରରେ ଭାରତୀୟ ବାୟୁସୀମା ଅତିକ୍ରମ କରିଥିବା ପାକିସ୍ତାନର ଦୁଇଟି ଡ୍ରୋନ୍‌କୁ ବିଏସ୍ଏଫ୍ ଯବାନମାନେ ଗୁଳି କରି ଖସାଇଦେଇଥିଲେ। ଏହି ଡ୍ରୋନ ଅପରାହ୍ନ ୪ଟା ୩୦ ଏବଂ ୪ଟା ୪୫ରେ ଜାବୋୱାଲ ଏବଂ ବିକ୍ରମ ସୀମାନ୍ତ ଆଉଟ୍‌ପୋଷ୍ଟ ଅଞ୍ଚଳରେ ଉଡ଼ୁଥିବା ଦେଖାଯାଇଥିଲା। ସେଠାରେ ସଜାଗ ଥିବା ଯବାନମାନେ ଏହାକୁ ଖସାଇବା ପାଇଁ ୧୫ ରାଉଣ୍ଡ ଗୁଳି ଚଳାଇଥିଲେ।

## ସଂକ୍ଷେପରେ

### ସାନିଟାଇଜର ପିଇ ୭ ମୃତ

**ଯବତମାଲ, ୨୪।୪:** ମହାରାଷ୍ଟ୍ରରେ କର୍ଫ୍ୟୁ ଯୋଗୁ ମଦ ଦୋକାନ ବନ୍ଦ ଥିବାବେଳେ ସାନିଟାଇଜର ପିଇ ଯବତମାଲ ଜିଲାର ୭ ଜଣଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସମସ୍ତଙ୍କ ବୟସ ୩୫ରୁ ୪୭ ବର୍ଷ ମଧ୍ୟରେ ହେବ। ରାତିରେ ପାର୍ଟି କରିବାକୁ ଏକାଠି ହୋଇଥିବାବେଳେ କେହି ଜଣେ ୨୫୦ ମିଲିଲିଟର ମଦ ବଦଳରେ ୩୦ ମିଲି ସାନିଟାଇଜର ପିଇହେବ ବୋଲି ସେମାନଙ୍କୁ କହିଥିଲେ। ସାନିଟାଇଜରରେ ଆଲକହଲ ଥିବାରୁ ସେମାନେ ୫ ଲିଟର ସାନିଟାଇଜର କିଣିଥିଲେ। ଏହା ପିଇସାରିବା ପରେ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ହସ୍ପିଟାଲରେ ଜଣେ ପରେ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରୁ ୩ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବାବେଳେ ସାନିଟାଇଜର ପିଇ ସେମାନଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଅନ୍ୟ ୪ ଜଣଙ୍କ ମୃତଦେହ ପରିବାର ଲୋକେ ସତ୍କାର କରିଦେଇଥିବାରୁ ବ୍ୟବଚ୍ଛେଦ ହୋଇପାରିନାହିଁ।

### ଗ୍ରାମାଞ୍ଚଳକୁ ସୁରକ୍ଷା ଦିଅ: ମୋଦି

**ନୂଆଦିଲ୍ଲୀ, ୨୪।୪:** କରୋନାର ଦ୍ୱିତୀୟ ଲହର ଯେପରି ଗ୍ରାମାଞ୍ଚଳକୁ ନ ବ୍ୟାପେ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆହ୍ୱାନ ଦେଇଛନ୍ତି। ଗତବର୍ଷ ତୁଳନାରେ ଏଥର ମହାମାରୀ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଗ୍ରାମାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟିକା ଦେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭୂତାଣୁ ପରିଚାଳନା ବିଶେଷ କରି ସଚେତନତା ସୃଷ୍ଟି କରିବାରେ ପଞ୍ଚାୟତଗୁଡ଼ିକର ଭୂମିକାକୁ ସେ ପ୍ରଶଂସା କରିବା ସହ କୋଭିଡ୍ ଗାଇଡ୍‌ଲାଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ସ୍ଥାନୀୟ ନେତାମାନେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।

### ସିଙ୍ଗାପୁରରୁ ଅକ୍ସିଜେନ ଆଣିଲା ବାୟୁସେନା

**ନୂଆଦିଲ୍ଲୀ, ୨୪।୪:** ଭାରତୀୟ ବାୟୁସେନା ଶନିବାର ସନ୍ଧ୍ୟାରେ ବିମାନ ଯୋଗେ ସିଙ୍ଗାପୁରରୁ ୪ ଅକ୍ସିଜେନ ଭର୍ତ୍ତି ଟ୍ୟାଙ୍କର ଭାରତକୁ ଆଣିଛି। ଶୁକ୍ରବାର ରାତି ପ୍ରାୟ ୨ଟାରେ ସି-୧୭ ବିମାନ ହିଣ୍ଡନ ଏୟାର ବେସ୍‌ରୁ ସିଙ୍ଗାପୁରର ଚାଙ୍ଗି ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ବାହାରିଥିଲା। ଶନିବାର ସକାଳ ୭ଟା ୪୫ରେ ସିଙ୍ଗାପୁରରେ ଉକ୍ତ ବିମାନ ପହଞ୍ଚିଥିବା ବାୟୁସେନା କହିଛି। କମ୍ ତାପମାତ୍ରା ବଜାୟ ରଖିବାରେ ସକ୍ଷମ ଥିବା ୪ଟି କ୍ରାୟୋଜେନିକ୍ କଣ୍ଟେନରରେ ଅକ୍ସିଜେନ ନେଇ ଉକ୍ତ ବିମାନ ଭାରତରେ ପହଞ୍ଚିଥିଲା।

## ଗଭର୍ନର ପ୍ରାର୍ଥୀ ହେବେ କିନ୍ନର



ଆମେରିକାର ହାଇପ୍ରୋଫାଇଲ କିନ୍ନର ଭାବେ ଜଣାଶୁଣା ତଥା ରିଅଲିଟି ଟିଭି ଷ୍ଟାର କାଟ୍‌ଲିନ୍ ଜେନର ରିପବ୍ଲିକାନ ପାର୍ଟିରୁ କାଲିଫର୍ନିଆ ଗର୍ଭନର ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ଆବଶ୍ୟକ କାଗଜପତ୍ର କାମ ସରିଥିବା ସେ କହିଛନ୍ତି। ଡେମୋକ୍ରାଟିକ୍ ପାର୍ଟିର ଗଡ଼ କୁହାଯାଉଥିବା କାଲିଫର୍ନିଆର ଗଭର୍ନର ପଦବୀ ରିପବ୍ଲିକାନ ଦଳ ଏହି ପୂର୍ବତନ ଆଥଲେଟ୍‌ଙ୍କୁ ପ୍ରାର୍ଥୀ କରିବାକୁ ସ୍ଥିର କରିଛି। ବର୍ତ୍ତମାନର ଗର୍ଭନର ଡେମୋକ୍ରାଟ ଗେଭିନ୍ ନ୍ୟୁସମ୍‌ଙ୍କୁ ହଟାଇବାକୁ ଲୋକମାନଙ୍କଠାରୁ ଭୋଟ ଗ୍ରହଣ କରାଯିବ। ଯଦି ଅଧିକାଂଶ ଲୋକ ପରିବର୍ତ୍ତନ ଚାହାନ୍ତି ତେବେ ନିର୍ବାଚନ ଅନୁଷ୍ଠିତ ହେବ।

## ଭାରତକୁ ପାକ୍‌ର ସମବେଦନା



ଭାରତରେ ଭୟଙ୍କର ଭାବେ କରୋନା ଭୂତାଣୁ ସଂକ୍ରମଣ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିବାବେଳେ ମୃତକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି ପଡ଼ୋଶୀ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ସମଗ୍ର ବିଶ୍ୱକୁ ସଙ୍କଟରେ ପକାଇଥିବା ଭୂତାଣୁ ବିରୋଧରେ ଆମେ ଏକାଠି ହୋଇ ଲଢ଼ିବା ବୋଲି ଇମ୍ରାନ କହିଛନ୍ତି। ଚିକିତ୍ସାଧୀନ ଥିବା ଆକ୍ରାନ୍ତ ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରୁଛୁ ବୋଲି ସେ ଟୁଇଟ୍ କରିଛନ୍ତି। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେଶି ମଧ୍ୟ ଭାରତକୁ ସମବେଦନା ଜଣାଇଛନ୍ତି। ଏଭଳି ମାନବସଙ୍କଟ ସମୟରେ ସଭିଏଁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏକାଠି ହୋଇ ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଅକ୍ସିଜେନ ଯୋଗାଣରେ ବାଧାଦେଲେ ଫାଶୀ

**ନୂଆଦିଲ୍ଲୀ, ୨୪।୪**

ଅକ୍ସିଜେନ୍ ଯୋଗାଣରେ ଯଦି କେହି ପ୍ରତିବନ୍ଧକ ସୃଷ୍ଟି କରେ, ତାଙ୍କୁ ଫାଶୀ ଦିଆଯିବ। ଗୁରୁତର କୋଭିଡ୍ ରୋଗୀଙ୍କ ପାଇଁ ଅକ୍ସିଜେନ ଅଭାବ ସମ୍ପର୍କିତ ପିଟିଶନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଏଭଳି କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଦେଶରେ କରୋନା ଲହର ନୁହେଁ, ସୁନାମି ଭଳି ମାଡ଼ିଚାଲିଥିବା କୋର୍ଟ କହିଛନ୍ତି। ଏଭଳି ସମୟରେ ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଜାତୀୟ ରାଜଧାନୀକୁ ତୁରନ୍ତ ଯଦି ୪୮୦ ମେଟ୍ରିକ ଟନ୍ ଅକ୍ସିଜେନ୍ ନ ମିଳେ ତେବେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ଦିଲ୍ଲୀ ସରକାର କୋର୍ଟଙ୍କୁ କହିଥିଲେ। ବିଭିନ୍ନ ହସ୍ପିଟାଲରେ ହଜାର ହଜାର କରୋନା ରୋଗୀ ଚିକିତ୍ସିତ ହେଉଥିବାବେଳେ ଅକ୍ସିଜେନ୍ ଅଭାବକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ୫ ଦିନ ହେଲା ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ଏଭଳି ସ୍ଥିତି ଜାରି ରହିଛି। ଅକ୍ସିଜେନ୍ ଅଭାବରୁ ଦୁଇଦିନରେ ୫୬ ଜଣ ରୋଗୀଙ୍କ ମୃତ୍ୟୁ ଘଟିଲାଣି। କେନ୍ଦ୍ର ସରକାର ଅକ୍ସିଜେନ ଯୋଗାଣର ସବିଶେଷ ତଥ୍ୟ ସତ୍ୟପାଠ ସହ ଦାଖଲ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଦିଲ୍ଲୀ ସରକାର ଅନୁରୋଧ କରିଥିଲେ। କିଏ ଅକ୍ସିଜେନ ଯୋଗାଣରେ ବାଧା ସୃଷ୍ଟି କରୁଛି ଜଣାଅ, ଆମେ ଉକ୍ତ ବ୍ୟକ୍ତିଙ୍କୁ ଫାଶୀ ଦେବୁ ବୋଲି ଅଦାଲତ ଦିଲ୍ଲୀ ସରକାରଙ୍କୁ କହିଥିଲେ।

ହସ୍ପିଟାଲଗୁଡ଼ିକରେ ବହୁ ସଂଖ୍ୟାରେ କରୋନା ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହାକୁ ନେଇ ଦିଲ୍ଲୀରେ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ସମ୍ଭାବନା ରହିଛି। ତେଣୁ ହସ୍ପିଟାଲଗୁଡ଼ିକର ଅନୁରୋଧକ୍ରମେ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ଖଣ୍ଡପୀଠ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟାରେ ମହାରାଷ୍ଟ୍ର ପରେ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ରହିଛି। ମେ' ମଧ୍ୟଭାଗରେ କୋଭିଡ୍‌ର ଦ୍ୱିତୀୟ ଲହର ଶୀର୍ଷରେ ପହଞ୍ଚିବାକୁ ଯାଉଛି। ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର କିଭଳି ପ୍ରସ୍ତୁତି କରିଛନ୍ତି ଜଣାଇବା ପାଇଁ ଜଷ୍ଟିସ ବିପିନ ସାଙ୍ଘି ଏବଂ ରେଖା ପାଲ୍ଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଅକ୍ସିଜେନ୍ ସଙ୍କଟକୁ ନେଇ ଶନିବାର ଛୁଟିଦିନରେ ୩ ଘଣ୍ଟା ଧରି ସ୍ୱତନ୍ତ୍ର ଶୁଣାଣି ହୋଇଥିଲା।

ଅଦାଲତ କହିଥିଲେ କରୋନାଜନିତ ମୃତ୍ୟୁହାର କମ୍ ରହିଛି। ଯେଉଁମାନଙ୍କର ରୋଗ ପ୍ରତିରୋଧ ଶକ୍ତି କମ୍ ସେମାନଙ୍କ ମୃତ୍ୟୁ ସମ୍ଭାବନା ଅଧିକ ରହିଛି। ତେବେ ବଞ୍ଚିବା ସମ୍ଭାବନା ଥିବା ଲୋକଙ୍କ ମୃତ୍ୟୁ ହିଁ ସମସ୍ୟା ସୃଷ୍ଟି କରିଛି। ମୃତ୍ୟୁହାର କମାଇବାକୁ ହେବ ବୋଲି ଖଣ୍ଡପୀଠ କହିଥିଲେ। ବେଡ୍, ଅକ୍ସିଜେନ୍, କର୍ମଚାରୀ ସଂଖ୍ୟା, ଔଷଧ ଆଦି ମେଡିକାଲ ଭିତ୍ତିଭୂମି ସମ୍ପର୍କରେ ଏପ୍ରିଲ ୨୬ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ମେ', ଜୁନ୍‌ରେ ସଂକ୍ରମଣ ଆହୁରି ବଢ଼ିବ। ଏଥିପାଇଁ ଦେଶକୁ ପ୍ରସ୍ତୁତ ରହିବାକୁ ହେବ ବୋଲି ସେ କହିଥିଲେ।



ଶଯ୍ୟା ଅଭାବରୁ କାନପୁରର ଏଲ୍ଏଲ୍ଆର୍ ହସ୍ପିଟାଲ ବାହାରେ ଜଣେ ରୋଗୀଙ୍କୁ ଅକ୍ସିଜେନ ଲଗାଯାଇଛି।





- ଦିଲ୍ଲୀ ହାଇକୋର୍ଟଙ୍କ କଠୋର ଆଭିମୁଖ୍ୟ
- କରୋନା ଲହର ନୁହେଁ ସୁନାମି
- ହସ୍ପିଟାଲକୁ ପୋଲିସ ସୁରକ୍ଷା ଦେବାକୁ ନିର୍ଦ୍ଦେଶ

## ସବୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ, ୨୪।୪**



ଜାତୀୟ ରାଜଧାନୀର ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ୍ ଅଭାବ ସମ୍ପର୍କରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ବଳକା ଅକ୍ସିଜେନ୍ ଯୋଗାଇ ଦେବାକୁ କେଜ୍‌ରିୱାଲ ସେମାନଙ୍କୁ ଅନୁରୋଧ କରିଛନ୍ତି। ସଙ୍କଟର ସମାଧାନ ପାଇଁ ସେ ସମସ୍ତଙ୍କର ସହାୟତା ଲୋଡ଼ିଛନ୍ତି। କେନ୍ଦ୍ର ସରକାର ସହାୟତା କରୁଥିଲେ ହେଁ ସଂକ୍ରମଣ ଯେଉଁ ହାରରେ ବଢ଼ିଚାଲିଛି, ସେଥିପାଇଁ ଅକ୍ସିଜେନ୍ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ପରିସ୍ଥିତିର ମୁକାବିଲା ପାଇଁ ସବୁ ରାଜ୍ୟର ସହାୟତା ଜରୁରୀ ହୋଇପଡ଼ିଥିବା କେଜ୍‌ରିୱାଲ ଟୁଇଟ୍ କରି କହିଛନ୍ତି। ରାଜଧାନୀରେ ସକ୍ରିୟ ମାମଲା ସଂଖ୍ୟା ୯୦ ହଜାରରୁ ଅଧିକ ରହିଛି। ଶୁକ୍ରବାର ୨୪,୩୩୧ ସଂକ୍ରମିତ ହୋଇଥିବାବେଳେ ୩୪୮ ଜଣଙ୍କର ମୃତ୍ୟୁ ଘଟିଥିଲା। କେବଳ ଅକ୍ସିଜେନ ନୁହେଁ ଦିଲ୍ଲୀରେ କୋଭିଡ୍ ଔଷଧ ଏବଂ ଆଇସିୟୁ ବେଡ୍‌ର ମଧ୍ୟ ଗୁରୁତର ଅଭାବ ଦେଖାଦେଇଛି।

## ୩.୪୬ ଲକ୍ଷ ସଂକ୍ରମିତ, ୨୬ ଶହ ମୃତ

**ନୂଆଦିଲ୍ଲୀ, ୨୪।୪**

ଦେଶରେ ଦୈନିକ କରୋନା ସଂକ୍ରମଣ ନୂଆ ରେକର୍ଡ ଜାରି ରଖିଛି। ଗତ ୨୪ ଘଣ୍ଟାରେ ୩,୪୬,୭୮୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨,୬୨୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମାତ୍ର ୩ ଦିନରେ ଭାରତରେ ୯.୯୪ ଲକ୍ଷ ଲୋକ ସଂକ୍ରମିତ ହୋଇଥିବା ବେଳେ କ୍ରମାଗତ ଚତୁର୍ଥ ଦିନ ପାଇଁ ମୃତ୍ୟୁ ସଂଖ୍ୟା ୨ ହଜାର ଉପରେ ରହିଛି। ମହାରାଷ୍ଟ୍ରରେ ସର୍ବାଧିକ ୬୭,୧୬୦ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ୬୭୬ ଜଣଙ୍କ ଜୀବନ ଯାଇଛି। ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ଛତିଶଗଡ଼, ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ତାମିଲନାଡୁ, ରାଜସ୍ଥାନ, ବିହାର ଓ ପଶ୍ଚିମବଙ୍ଗ ସର୍ବାଧିକ ୧୦ ସଂକ୍ରମିତ ରାଜ୍ୟ ମଧ୍ୟରେ ରହିଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୬୬,୧୦,୪୮୧ରେ ପହଞ୍ଚିଥିବାବେଳେ ୧,୮୯,୫୪୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିସାରିଲାଣି।

## ଉତ୍ତରାଖଣ୍ଡରେ ହିମସ୍ଖଳନ: ୧୦ ମୃତ

**ଚାମୋଲି, ୨୪।୪**

ପୂରା ଦେଶ କରୋନା କବଳରେ ଛଟପଟ ହେଉଥିବାବେଳେ ଉତ୍ତରଖଣ୍ଡର ଚାମୋଲି ଜିଲାରେ ଶୁକ୍ରବାର ହିମସ୍ଖଳନ ଯୋଗୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ସେଠାରେ ଫସିଥିବା ୪୩୦ ଜଣଙ୍କୁ ସେନା ଉଦ୍ଧାର କରିଛି। ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ୫ ଦିନ ହେଲା ସେଠାରେ ପ୍ରବଳ ବର୍ଷା ସହ ବରଫପାତ ଲାଗିରହିଛି। ଶୁକ୍ରବାର ସୁମନା ନିକଟ ସୁମନା-ରିମ୍‌ଖିମ୍ ରାସ୍ତାରେ ଶ୍ରମିକମାନେ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଏକ ଗ୍ଲେସିୟର ଭୁଶୁଡ଼ି ପଡ଼ିଥିଲା। ଘଟଣାସ୍ଥଳରୁ ୩ କିମି ଦୂରରେ ସେନା କ୍ୟାମ୍ପ ଥିବାରୁ ତୁରନ୍ତ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ବର୍ଷା ଲାଗିରହିଥିବା ଯୋଗୁ ଉଦ୍ଧାର କାମ ବାଧାପ୍ରାପ୍ତ ହୋଇଥିଲା। ରାତି ସାରା ସେନା ପକ୍ଷରୁ ଅପରେଶନ ଜାରି ରହିଥିଲା।



## ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ ରମାନା

**ନୂଆଦିଲ୍ଲୀ, ୨୪।୪**

ଭାରତର ୪୮ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ ଏନ୍.ଭି. ରମାନା ଶନିବାର ସକାଳେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ କରୋନା କଟକଣା ମଧ୍ୟରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଶପଥ ପାଠ କରାଇଥିଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଶୁକ୍ରବାର ପ୍ରଧାନ ବିଚାରପତି ପଦରୁ ଅବସର ନେବାବେଳେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଶପଥ ଗ୍ରହଣ ଅବସରରେ ଜଷ୍ଟିସ ରମାନା କହିଛନ୍ତି, ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଆମକୁ ଏକ ପରୀକ୍ଷା ସମୟ ଦେଇ ଗତିକରିବାକୁ ହେବ। ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ହେଲେ କେତେକ କଠୋର ପଦକ୍ଷେପ ଆବଶ୍ୟକ ହୋଇପାରେ। ଏକତ୍ର ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି ଆମେ ମହାମାରୀକୁ ହରାଇପାରିବା ବୋଲି ଜଷ୍ଟିସ ରମାନା କହିଛନ୍ତି। ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲାର ଏକ ଚାଷୀ ପରିବାରରେ ୧୯୫୭ ଅଗଷ୍ଟ ୨୭ରେ ଜଷ୍ଟିସ ରମାନାଙ୍କ ଜନ୍ମ। ସେ ସିଜେଆଇ ପଦରେ ବର୍ଷେ ୪ ମାସ ରହି ୨୦୨୨ ଅଗଷ୍ଟ ୨୬ରେ ଅବସର ନେବେ। ଆନ୍ଧ୍ରପ୍ରଦେଶରୁ ପ୍ରଧାନ ବିଚାରପତି ହେବାରେ ସେ ଦ୍ୱିତୀୟ। ୪ ଦଶନ୍ଧିର କ୍ୟାରିୟର ମଧ୍ୟରେ ଜଷ୍ଟିସ ରମାନା ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ଓକିଲାତି କରିବା ସହ କେନ୍ଦ୍ର ଏବଂ ଆନ୍ଧ୍ରପ୍ରଦେଶ ପ୍ରଶାସନିକ ଟ୍ରିବ୍ୟୁନାଲରେ କାର୍ଯ୍ୟ କରିଥିଲେ। ୨୦୦୦ ଜୁନ୍ ୨୭ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିବା ଜଷ୍ଟିସ ରମାନା ପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ୨୦୧୪ରେ ସୁପ୍ରିମକୋର୍ଟର ବିଚାରପତି ନିଯୁକ୍ତ ହୋଇଥିଲେ।

## ଦେଶମୁଖଙ୍କ ନାଁରେ ମାମଲା ରୁଜୁକଲା ସିବିଆଇ

**ନୂଆଦିଲ୍ଲୀ, ୨୪।୪**



ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆ ନିକଟରେ ବିସ୍ଫୋରକ ଭର୍ତ୍ତି ଗାଡ଼ି ରଖାଯିବା ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଶନିବାର ମାମଲା ରୁଜୁ କରିଛି। ମାସିକ ବଟି ଶହେ କୋଟି ଟଙ୍କା ଆଦାୟ ପାଇଁ ଦେଶମୁଖ ନିଲମ୍ବିତ ପୋଲିସ ଅଧିକାରୀ ସଚି ୱାଜେଙ୍କ ସମେତ ମୁମ୍ବାଇ ପୋଲିସକୁ ଟାର୍ଗେଟ ଦେଇଥିବା ପୂର୍ବତନ ପୋଲିସ କମିଶନର ପରମବୀର ସିଂ ଅଭିଯୋଗ ଆଣିଥିଲେ। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହାର ତଦନ୍ତ ଆରମ୍ଭ କରିବା ସହ ଦେଶମୁଖଙ୍କୁ ୧୧ ଘଣ୍ଟା ଧରି ଜେରା କରିଥିଲା। ଦୁର୍ନୀତି ନିବାରଣ ଅଧିନିୟମ ଅନୁଯାୟୀ ଦେଶମୁଖ ଏବଂ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଆନୁଷ୍ଠାନିକ ଭାବେ ଯାଞ୍ଚ ଆରମ୍ଭ କରିବାକୁ ଯଥେଷ୍ଟ ପ୍ରମାଣ ମିଳିଥିବା ସିବିଆଇ କହିଛି। ମାମଲା ହେବା ପରେ ମୁମ୍ବାଇରେ ଥିବା ଦେଶମୁଖଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଛି।

## ସାବାଳକଙ୍କୁ ଟିକା ପାଇଁ ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୨୪।୪**

ଦୈନିକ କରୋନା ସଂକ୍ରମଣରେ ଭାରତ ବିଶ୍ୱରେ ରେକର୍ଡ କରିଥିବାବେଳେ ଆସନ୍ତା ମାସ ୧ ତାରିଖରୁ ସମସ୍ତ ସାବାଳକଙ୍କୁ କୋଭିଡ୍ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ତୃତୀୟ ପର୍ଯ୍ୟାୟ ଟିକାକରଣକୁ ସଫଳ କରାଇବା ଏବଂ ନୂଆ ଟିକା ରଣନୀତି ସମ୍ପର୍କରେ କେନ୍ଦ୍ର ସରକାର ଶନିବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଟିକା ଉତ୍ପାଦନକାରୀ କମ୍ପାନୀ ଖୋଲାବଜାର ଏବଂ ରାଜ୍ୟ ସରକାରଙ୍କୁ ଟିକା ବିକିବା ପରେ ୪୫ ବର୍ଷରୁ କମ୍ ଲୋକ ଏହି ସୁବିଧା ପାଇପାରିବେ। କେନ୍ଦ୍ର ସରକାର ଟିକାକରଣ ନିୟମରେ ପରିବର୍ତ୍ତନ କରିଛନ୍ତି। ସେହି ଅନୁଯାୟୀ କମ୍ପାନୀ ଉତ୍ପାଦିତ ଟିକାର ୫୦ ପ୍ରତିଶତ କେନ୍ଦ୍ର ସରକାରଙ୍କୁ ଯୋଗାଇବେ। ଅବଶିଷ୍ଟ ୫୦ ପ୍ରତିଶତକୁ ସେମାନେ ରାଜ୍ୟ ସରକାର ଓ ଖୋଲା ବଜାରରେ ବିକ୍ରି କରିପାରିବେ। କେନ୍ଦ୍ର ସରକାର ପାଇବାକୁ ଥିବା ଟିକାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସେମାନଙ୍କ ଆବଶ୍ୟକତା କୋଟା ଅନୁଯାୟୀ ଯୋଗାଇ ଦିଆଯିବ।



ଟିକା ନେବାକୁ ଥିବା ବ୍ୟକ୍ତିଙ୍କୁ ଅତିରିକ୍ତ ଘରୋଇ କୋଭିଡ୍ ଭାକ୍ସିନେଶନ ସେଣ୍ଟର (ସିଭିସି)ଗୁଡ଼ିକରେ ନିଜକୁ ପଞ୍ଜୀକୃତ କରାଇବାକୁ ହେବ। ସେମାନେ ଘରୋଇ ହସ୍ପିଟାଲ, ଶିଳ୍ପସଂସ୍ଥାରେ ଥିବା ହସ୍ପିଟାଲ, ଶିଳ୍ପ ସଂଘ ଆଦିରେ ପଞ୍ଜୀକରଣ କରାଇପାରିବେ। ହିତାଧିକାରୀମାନେ କୋୱିନ୍‌ରୁ ହସ୍ପିଟାଲ ସଂଖ୍ୟା, ସେମାନେ ସଂଗ୍ରହ କରିଥିବା ଟିକା, ଏହାର ମୂଲ୍ୟ ଏବଂ ମହଜୁଦ୍ ପରିମାଣ ସମ୍ପର୍କରେ ଜାଣିପାରିବେ। ମହଜୁଦ ପରିମାଣକୁ ଦେଖି ଯୋଗ୍ୟ ହିତାଧିକାରୀଙ୍କୁ ଟିକା ନେବା ତାରିଖ ସମ୍ପର୍କରେ ଜଣାଇଦିଆଯିବ। ୧୮ରୁ ୪୫ ବର୍ଷ ବୟସ ବର୍ଗର ଲୋକମାନେ ଟିକା ନେବା ଲାଗି ଘରୋଇ ହସ୍ପିଟାଲଗୁଡ଼ିକ ଅନ୍‌ଲାଇନ ପଞ୍ଜୀକରଣର ବ୍ୟବସ୍ଥା କରାଇବେ, ସିଭିସି ଷ୍ଟାଫ୍‌ଙ୍କୁ ଟିକାଦାନ, ଏହାର ପ୍ରତିକ୍ରିୟା, ପରିଚାଳନା ଏବଂ କୋୱିନ୍ ବ୍ୟବହାର ସମ୍ପର୍କରେ ତାଲିମ ଦେବେ। ସିଭିସିରେ ଭିଡ଼ ପରିଚାଳନା ଲାଗି ସେମାନେ ଆଇନ ଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ।

ସେହିପରି ରାଜ୍ୟ ସରକାର ଅତିରିକ୍ତ କୋଭିଡ୍-୧୯ ହସ୍ପିଟାଲ ଚିହ୍ନଟ କରିବା ସହ ଡିଆର୍‌ଡିଓ, ସିଏସ୍ଆଇଆର କିମ୍ବା ଅନୁରୂପ ସଂସ୍ଥା ମାଧ୍ୟମରେ ସରକାରୀ ଓ ଘରୋଇ ସେକ୍ଟରରେ କ୍ଷେତ୍ର ହସ୍ପିଟାଲ ସୁବିଧା ପ୍ରସ୍ତୁତ କରିବେ। ପର୍ଯ୍ୟାପ୍ତ ଅକ୍ସିଜେନ ସୁବିଧା ଥିବା ବେଡ୍, ଆଇସିୟୁ ବେଡ୍ ଏବଂ ଅକ୍ସିଜେନ ଯୋଗାଣ ସୁନିଶ୍ଚିତ କରାଇବେ। ବେଡ୍ ଯୋଗାଣ ପାଇଁ ସେଣ୍ଟ୍ରାଲାଇଜଡ୍ କଲ୍ ସେଣ୍ଟର ଭିତ୍ତିକ ସେବା ବ୍ୟବସ୍ଥା କରାଇବେ। ଉପଯୁକ୍ତ ତାଲିମ ସହ ଆବଶ୍ୟକ ମାନବ ସମ୍ବଳ ନିୟୋଜିତ କରିବେ। ଭିତ୍ତିଭୂମି ନିଅଣ୍ଟ ଥିବା ଜିଲାରେ ଅତିରିକ୍ତ ଆମ୍ବୁଲାନ୍ସ ସହ ପର୍ଯ୍ୟାପ୍ତ ରିଫେରାଲ ଲିଙ୍କେଜ୍ ପ୍ରତିଷ୍ଠା କରିବେ। କେତେ ବେଡ୍ ଉପଲବ୍ଧ ରହିଛି ତାହାର ରିଅଲ-ଟାଇମ୍ ରେକର୍ଡ ରଖିବାକୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୬୭,୪୬,୯୦୧ | ୩୧,୦୫,୭୦୨ | ୧୨,୪୪,୬୪,୯୫୬ |
| ଭାରତ | ୧,୬୮,୮୬,୨୫୦ | ୧,୯୧,୪୩୩ | ୧,୪୦,୨୬,୯୦୪ |
| ଓଡ଼ିଶା | ୪,୦୧,୩୪୧ | ୧୯୮୧(+୫୩) | ୩,୫୯,୪୬୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଓଡ଼ିଶାରେ ୪ଲକ୍ଷ ଟପିଲା ସଂକ୍ରମଣ

## ଆଉ ୬,୬୪୭ ଚିହ୍ନଟ, ୮ ମୃତ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

କରୋନା ମହାମାରୀକୁ ନେଇ ଦେଶର ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ହାହାକାର ପରିସ୍ଥିତି ଉପୁଜିନାହିଁ। ହେଲେ ଦୈନିକ ସଂକ୍ରମଣ ଓ ମୃତ୍ୟୁ ହାରକୁ ଦେଖିଲେ ଆଗାମୀ ସ୍ଥିତି ଭୟଙ୍କର ହେବ ବୋଲି ଆଶଙ୍କା ଦେଖାଦେଇଛି। ମାତ୍ର ଦେଢ଼ ମାସରେ ରାଜ୍ୟରେ ଦୈନିକ ସଂକ୍ରମଣ ଶହେଗୁଣ ବଢ଼ିଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟାରେ ନୂଆ ରେକର୍ଡ ଭାଙ୍ଗୁଛି। ତିନିଦିନ ହେବ ଲଗାତର ୬ହଜାର ଉପରେ ପଜିଟିଭ୍ ଚିହ୍ନଟ ହେଉଥିବାବେଳେ ଏବେ ୭ହଜାର ମୁହାଁ ହୋଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୪୧,୦୧୭ ନମୁନା ପରୀକ୍ଷା ହୋଇଥିବାବେଳେ ୬,୬୪୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୪,୦୧,୩୪୧ରେ ପହଞ୍ଚିଛି। ଅନ୍ୟପଟେ ଖୋର୍ଦ୍ଧା, ସୁନ୍ଦରଗଡ଼, ନୂଆପଡ଼ା ଜିଲାର ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଏହି ଜିଲାରୁ ସର୍ବାଧିକ ୧,୧୮୯ ରହିଛନ୍ତି। ଏହା ତଳକୁ ସୁନ୍ଦରଗଡ଼ରେ ୭୮୮, ନୂଆପଡ଼ା ୫୫୯, ପୁରୀ ୩୯୫, କଳାହାଣ୍ଡି ୩୬୧, ଝାରସୁଗୁଡ଼ା ୩୪୩, କଟକ ୩୩୬, ବରଗଡ଼ ୨୯୦, ବଲାଙ୍ଗୀର ୨୩୪, ନବରଙ୍ଗପୁର ୨୨୪, କେନ୍ଦୁଝର ୧୮୩, ସମ୍ବଲପୁର ୧୭୫, ଗଞ୍ଜାମ ୧୬୧, ଅନୁଗୋଳ ୧୪୧, ଯାଜପୁର ୧୩୩, ରାୟଗଡ଼ା ୧୧୬ ଓ ନୟାଗଡ଼ରୁ ୧୧୦ଜଣ ରହିଛନ୍ତି। ସେହିପରି ରାଜ୍ୟରେ ଆଉ ୮ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲାରୁ ୨ଜଣ ଥିବାବେଳେ ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ଭଦ୍ରକ, କଟକ ଓ ନୂଆପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୮୧କୁ ବୃଦ୍ଧି ପାଇଛି।

ଏପରିସ୍ଥିତିରେ ଟ୍ରିପଲ ମ୍ୟୁଟାଣ୍ଟକୁ ନେଇ ଭୟ ଓ ଆଶଙ୍କା ଦେଖାଦେଲାଣି। ପଡୋଶୀ ପଶ୍ଚିମବଙ୍ଗ ଟ୍ରିପଲ ମ୍ୟୁଟାଣ୍ଟ ଭାରିଆଣ୍ଟର ହଟ୍‌ସ୍ପଟ୍ ବୋଲି କୁହାଯାଉଥିବାରୁ ଓଡ଼ିଶାକୁ ବ୍ୟାପିବା ସମ୍ଭାବନାକୁ ଏଡ଼ାଇ ଦେଇ ହେଉନି। ବିଶେଷଜ୍ଞଙ୍କ କହିବାନୁସାରେ, କରୋନା ଭୂତାଣୁର ଟ୍ରିପଲ୍ ମ୍ୟୁଟାଣ୍ଟ ଭାରିଆଣ୍ଟ ପଶ୍ଚିମବଙ୍ଗରେ ଅଧିକ ନଜରକୁ ଆସିଛି। ପୂର୍ବରୁ ଠାବ ହୋଇଥିବା ଡବଲ୍ ମ୍ୟୁଟାଣ୍ଟ ଷ୍ଟ୍ରେନ୍‌ରେ ୨ଟି ରୂପାନ୍ତରର ଗୁଣ ପ୍ରକାଶ ପାଉଥିଲା। ହେଲେ ସେଥିରେ ଆଉ ଏକ ମ୍ୟୁଟେଶନ ହୋଇ ମୋଟ ୩ଟି ଷ୍ଟ୍ରେନର ଗୁଣ ପଶ୍ଚିମବଙ୍ଗରେ ପ୍ରକାଶ ପାଉଛି। ଏହି ଷ୍ଟ୍ରେନ୍ ଦ୍ରୁତ ସଂକ୍ରମଣ ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହଠାତ୍ ହ୍ରାସ କରିଦେଉଛି। ଏମିତିକି ଟିକା ନେଇସାରିଥିବା ବ୍ୟକ୍ତିଙ୍କୁ ବି ପୁନଃ ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହୁଛି ବୋଲି ବିଶେଷଜ୍ଞ କହୁଛନ୍ତି। ତେବେ ଓଡ଼ିଶାରେ ଟ୍ରିପଲ ମ୍ୟୁଟାଣ୍ଟ ଯେପରି ନ ବ୍ୟାପେ ସେଥିପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍ ହୋଇଛି। ପଶ୍ଚିମବଙ୍ଗର ଦୁଇ ମୁଖ୍ୟ ପ୍ରବେଶପଥ ବାଲେଶ୍ୱରର ଉଦୟପୁର ଓ ଲକ୍ଷ୍ମଣନାଥ ସହ ମୟୂରଭଞ୍ଜ ଜିଲାର ଜାମଶୋଳାରେ ଆରମ୍ଭ ହୋଇଛି କଡ଼ାକଡ଼ି କୋଭିଡ୍ ଯାଞ୍ଚ। ବାଲେଶ୍ୱରର ୪୪ଟି ସ୍ଥାନରେ ସୀମା ସିଲ୍ କରି ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରିଛି ଜିଲା ପ୍ରଶାସନ। ଏପଟେ ଭୁବନେଶ୍ୱର ରେଳ ଷ୍ଟେସନ ଓ ବିମାନବନ୍ଦରରେ ବଙ୍ଗୀୟ ଯାତ୍ରୀଙ୍କ ଯାଞ୍ଚକୁ ଗୁରୁତ୍ୱ ଦିଆଯାଉଛି। ପୁରୀରେ ବଙ୍ଗୀୟ ପର୍ଯ୍ୟଟକ ଓ ସେମାନେ ରହୁଥିବା ହୋଟେଲ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

**ଦୈନିକ ସଂକ୍ରମଣ**
ଦେଢ଼ମାସରେ ଶହେ ଗୁଣ

| ତାରିଖ | ଆକ୍ରାନ୍ତଙ୍କ ସଂଖ୍ୟା |
|---|---|
| ୫ ମାର୍ଚ୍ଚ | ୫୪ |
| ୧୯ ମାର୍ଚ୍ଚ | ୧୧୦ |
| ୯ ଏପ୍ରିଲ | ୧୨୮୨ |
| ୧୪ ଏପ୍ରିଲ | ୨୨୬୭ |
| ୧୬ ଏପ୍ରିଲ | ୩୧୦୮ |
| ୧୯ ଏପ୍ରିଲ | ୪୪୪୫ |
| ୨୨ ଏପ୍ରିଲ | ୬୧୬୪ |
| ୨୪ ଏପ୍ରିଲ | ୬,୬୪୭ |



- ଖୋର୍ଦ୍ଧା, ସୁନ୍ଦରଗଡ଼, ନୂଆପଡ଼ାରେ ସଙ୍ଗିନ ସ୍ଥିତି
- ଟ୍ରିପଲ ମ୍ୟୁଟାଣ୍ଟକୁ ନେଇ ବଢ଼ୁଛି ଚିନ୍ତା

## ଜୁଏଲଙ୍କୁ କରୋନା



**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ଭାଜପାର ବରିଷ୍ଠ ନେତା ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କରୋନା ସଂକ୍ରମିତ ହୋଇଛନ୍ତି। ସେ ନିଜେ ଏ ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ କରୋନା ଟେଷ୍ଟ କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି।

## ଅପହୃତ ଏଏସ୍‌ଆଇଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୨୪।୪(ଡି.ଏନ.ଏ):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଜଣେ ପୋଲିସ ଏଏସ୍‌ଆଇଙ୍କୁ ଅପହରଣର ତିନିଦିନ ପରେ ମାଓବାଦୀମାନେ ଶୁକ୍ରବାର ପ୍ରଜାକୋର୍ଟରେ ହତ୍ୟା କରିଛନ୍ତି। ଡିଆରଜି ଯବାନ ଭାବେ କାର୍ଯ୍ୟ କରୁଥିବା ମୁରଲୀ ତାତି ଗତ ଛୁଟିରେ ନିଜ ଗାଁ ବିଜାପୁର ଜିଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ପାଲନାଡା ଗାଁକୁ ଯାଇଥିଲେ। ଏହି ସମୟରେ ସେ ନିକଟସ୍ଥ ଏକ ଗ୍ରାମରେ ହେଉଥିବା ମେଳାକୁ ବୁଲି ଯାଇଥିଲେ। ସେଠାରୁ ୪ ଜଣ ମାଓବାଦୀ ମୁରଲୀଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ତିନି ଦିନ ରଖିବା ପରେ ଶେଷରେ ପ୍ରଜାକୋର୍ଟରେ ହତ୍ୟା କରିଛନ୍ତି। ହତ୍ୟା ପରେ ମାଓବାଦୀମାନେ ଏକ ଚିଠି ଛାଡି ଯାଇଛନ୍ତି। ସେଥିରେ ମୁରଲୀ ଜଣେ ଆଦିବାସୀ ହୋଇ ଆଦିବାସୀଙ୍କୁ ଶୋଷଣ କରିବା ସହ ମାଡ଼ ମାରୁଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ଚିଠିରେ ମାଓବାଦୀମାନେ ଉଲ୍ଲେଖ କରିଛନ୍ତି। ଶନିବାର ଗଙ୍ଗାଲୁର ଥାନା ଅନ୍ତର୍ଗତ କୁସୁମପାରା ଗ୍ରାମ ନିକଟରୁ ମୁରଲୀଙ୍କ ମୃତଦେହ ଉଦ୍ଧାର ହୋଇଛି।

## ପୋଲ ନିର୍ମାଣକୁ ବିରୋଧ
## ୨ ମିକ୍ସର ମେଶିନ ପୋଡ଼ିଲେ ମାଓବାଦୀ

**ମାଲକାନଗିରି,୨୪।୪(ଡି.ଏନ.ଏ.):** ଛତିଶଗଡ଼ ସୁକ୍‌ମା ଜିଲାର ୩୦ ନଂ. ଜାତୀୟ ରାଜପଥର ବୋରାଗୁଡ଼ାଠାରେ ଶନିବାର ସକାଳେ ମାଓବାଦୀମାନେ ପୋଲ ନିର୍ମାଣକୁ ବିରୋଧକରି ୨ଟି ମିକ୍ସର ମେଶିନକୁ ପୋଡ଼ିଦେଇଛନ୍ତି। ୨୦ରୁ ଉର୍ଦ୍ଧ୍ୱ ମାଓବାଦୀ ସେଠାରେ ପହଞ୍ଚି ରାସ୍ତା ନିର୍ମାଣ କରୁଥିବା ଠିକାଦାର ଓ କର୍ମଚାରୀଙ୍କୁ କାମ ବନ୍ଦ କରିବାକୁ କହି ଏପରି ଘଟଣା ଘଟାଇଛନ୍ତି।

## ଟ୍ରାକ୍ଟର-ବାଇକ୍ ଧକ୍କା: ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବାଲିଗୁଡ଼ା,୨୪।୪.(ଡି.ଏନ.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା କଟପଡ଼ି ନିକଟରେ ଶୁକ୍ରବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଗୁଡ଼ା ଥାନା ଦିଗାପଦର ଗ୍ରାମର ରାଧାକୃଷ୍ଣ ପୂଜାରୀ ଓ ଦଶରଥ ବିଶିମାଝି ଓ ସାଗର ଦିଗାଲ। ପ୍ରକାଶ ଯେ, ଶୁକ୍ରବାର ରାତିରେ ସିନ୍ଦ୍ରିଗାଁପଟୁ ବାଲିଗୁଡ଼ା ଆଡ଼କୁ ଟ୍ରାକ୍ଟର ନଂ. ଓଆର-୧୨- ୭୧୮୨ ଆସୁଥିବା ବେଳେ ବାଲିଗୁଡ଼ା ପଟୁ ୩ ଜଣ ଯୁବକ ବାଇକ୍ ନଂ.ଓଡି- ୧୨ଏ-୩୬୯୨ରେ ଗାଁକୁ ଯାଉଥିବା ସମୟରେ କଟପଡ଼ି ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରାଧାକୃଷ୍ଣ ଓ ଦଶରଥଙ୍କର ମୃତ୍ୟୁ ଘଟିଥିବା ବେଳେ ଆହତ ହୋଇ ଫୁଲବାଣୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସାଗରଙ୍କର ସେଠାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବର ଲେଖିବା ସୁଦ୍ଧା ଥାନାରେ ମାମଲା ରୁଜୁ ସମ୍ପର୍କରେ ଜଣାପଡିନାହିଁ।

## ପଶ୍ଚିମବଙ୍ଗରୁ ଫେରିଲେ ୧୪ ନୁହେଁ ୭ ଦିନ କ୍ୱାରାଣ୍ଟାଇନ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ପଶ୍ଚିମବଙ୍ଗରୁ ବିଭିନ୍ନ ଯାନବାହନ, ରେଳ ଏବଂ ବିମାନ ଯୋଗେ ଓଡ଼ିଶା ଆସୁଥିବା ଲୋକମାନଙ୍କ ପାଇଁ ରାଜ୍ୟ ସରକାର ୧୪ ଦିନିଆ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ ଘୋଷଣା କରିଛନ୍ତି। ତେବେ ଏହାକୁ ୭ ଦିନକୁ ହ୍ରାସ କରାଯାଇଛି। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁମାନେ କୋଭିଡ୍ ଟିକା ଦୁଇ ଡୋଜ୍ ସଫଳତାର ସହ ନେଇଥିବା ସାର୍ଟିଫିକେଟ ପ୍ରଦାନ କରିବେ କିମ୍ବା ୪୮ ଘଣ୍ଟା ମଧ୍ୟରେ ଆରଟି-ପିସିଆର ଟେଷ୍ଟ ରିପୋର୍ଟ ନେଗେଟିଭ ପ୍ରଦାନ କରିପାରିବେ ସେମାନେ ୭ ଦିନିଆ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଯଦି ହୋମ୍ କ୍ୱାରାଣ୍ଟାଇନ ସୁବିଧା ନ ଥିବ ତେବେ ସେମାନଙ୍କୁ ସରକାରୀ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ପ୍ରୋଟୋକଲ ଏବଂ ହୋମ୍ କ୍ୱାରାଣ୍ଟାଇନ ଗାଇଡ୍‌ଲାଇନକୁ ପାଳନ ନ କଲେ ୭ ଦିନ ଲାଗି ସରକାରୀ କ୍ୱାରାଣ୍ଟାଇନରେ ରହିବାକୁ ହେବ। ଏହାଛଡ଼ା ଯଦି କୌଣସି ବ୍ୟକ୍ତି କୋଭିଡ୍-୧୯ ସମ୍ପର୍କିତ ଜରୁରୀ କାର୍ଯ୍ୟରେ ଓଡ଼ିଶା ଆସୁଥିବେ କିମ୍ବା ନିର୍ବାଚନ କାର୍ଯ୍ୟ ତୁଲାଇବାକୁ ଆସୁଥିବେ ସେମାନଙ୍କୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ସେହି ବ୍ୟକ୍ତିମାନଙ୍କୁ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ଅନୁସରଣ କରିବା ସହ ଅଯଥା ଭ୍ରମଣ ନ କରିବାକୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗରେ କୋଭିଡ୍-୧୯ର ଟ୍ରିପଲ୍ ମ୍ୟୁଟାଣ୍ଟ ଭୂତାଣୁ ଠାବ ହୋଇଛି। ଏହା ଅତ୍ୟନ୍ତ ମାରାତ୍ମକ। ଏହି ଭୂତାଣୁ ଦ୍ରୁତବେଗରେ ସଂକ୍ରମଣ କରୁଛି। ଏହାକୁ ରୋକିବା ଲାଗି ପଶ୍ଚିମବଙ୍ଗରୁ ଆସୁଥିବା ଲୋକମାନଙ୍କ ସକାଶେ ରାଜ୍ୟ ସରକାର ୧୪ ଦିନିଆ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ ଘୋଷଣା କରିଥିଲେ। ଏପରି କି ପଶ୍ଚିମବଙ୍ଗ ସୀମାରେ ଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ସ୍ଥାନୀୟ ରାସ୍ତାରେ ଥିବା ଚେକ୍‌ପୋଷ୍ଟଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ବାଲେଶ୍ୱର, ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଯାତ୍ରୀବାହୀ ଟ୍ରେନ୍ ଅଟକାଇଲେ ମାଓବାଦୀ

**ମାଲକାନଗିରି,୨୪।୪(ଡି.ଏନ୍.ଏ.)**



ମାଓବାଦୀମାନେ ବଗିରେ ମାରିଥିବା ପୋଷ୍ଟର।

ଛତିଶଗଡ଼ ଦାନ୍ତେୱାଡ଼ା ଜିଲାର କଟେଲି ଜଙ୍ଗଲରେ ମାଓବାଦୀମାନେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟାଇଛନ୍ତି। ବିଶାଖାପାଟଣାରୁ ଛତିଶଗଡର କରେଣ୍ଡୁଲକୁ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍‌କୁ ଅଟକାଇ ସେମାନେ ଏହାର ଗୋଟିଏ ବଗିକୁ ଟ୍ରେନ୍‌ଠାରୁ ଅଲଗା କରିଦେଇଥିଲେ। ମାଓବାଦୀଙ୍କୁ ଦମନ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ଅପରେଶନ ଓ ଦମନକୁ ବିରୋଧକରି ମାଓବାଦୀମାନେ ଏପରି ଘଟଣା ଘଟାଇଥିବା ଜଣାପଡ଼ିଛି। ଆସନ୍ତା ୨୬ରେ ଭାରତବନ୍ଦ ଡାକରାକୁ ସଫଳ କରିବା ଲାଗି ବଗିରେ ଏକ ପୋଷ୍ଟର ମାରିଥିଲେ। ସେମାନଙ୍କ ଏପରି କାର୍ଯ୍ୟ ଯୋଗୁ ଜଙ୍ଗଲ ମଧ୍ୟରେ ୨ଘଣ୍ଟା ଧରି ଟ୍ରେନ ଅଟକି ରହିଥିଲା। ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଖବର ପାଇ ରେଲ୍‌ୱେ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇ ବଗିକୁ ଟ୍ରେନ ସହ ସଂଯୋଗ କରିବା ପରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ଶନିବାର ଭୁବନେଶ୍ୱର ଜୟଦେବ ବିହାର ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।

## ସପ୍ତାହାନ୍ତ ଶଟ୍‌ଡାଉନ
## ସହରାଞ୍ଚଳରେ ନୀରବତା

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶନିବାରଠାରୁ ରାଜ୍ୟରେ ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଛି। ଭୁବନେଶ୍ୱର, କଟକ ସମେତ ରାଜ୍ୟର ସମସ୍ତ ସହରରେ ଏହି କଟକଣା ଲାଗୁ କରାଯାଇଛି। ସହରାଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶପିଂମଲ୍, ରେଷ୍ଟୁରାଣ୍ଟ ଇତ୍ୟାଦି ବନ୍ଦ ରହିଥିଲା। ଶଟ୍‌ଡାଉନ ଯୋଗୁ ଭୁବନେଶ୍ୱର, କଟକ ସମେତ ରାଜ୍ୟର ଛୋଟବଡ଼ ସମସ୍ତ ସହରରେ ନୀରବତା ବିରାଜମାନ କରୁଥିଲା। ଜରୁରିକାଳୀନ ସେବା ଯୋଗାଉଥିବା କାଁ ଭାଁ ଯାନବାହନ ଓ କର୍ମଚାରୀ ଯିବାଆସିବା କରୁଥିଲେ। ତେବେ ମଧ୍ୟାହ୍ନ ବେଳକୁ ସେସବୁ ମଧ ବନ୍ଦ ହୋଇ ଯାଇଥିଲା। ତାତି ସାଙ୍ଗକୁ ଶଟ୍‌ଡାଉନ ସହରାଞ୍ଚଳକୁ ନିସ୍ତବ୍ଧ କରିଦେଇଥିଲା। ପ୍ରାତଃଭ୍ରମଣ ପାଇଁ ୧ଘଣ୍ଟା (୫ଟାରୁ ୬ଟା) କୋହଳ କରାଯାଇଥିଲା। ଏହାପରେ ପ୍ରାୟତଃ ଲୋକମାନେ ନିଜକୁ ଘର ଭିତରେ ଆବଦ୍ଧ କରି ରଖିଥିଲେ। ସହରାଞ୍ଚଳର ବିଭିନ୍ନ ଛକରେ ସୁରକ୍ଷା କର୍ମଚାରୀମାନେ ଯାନବାହନଗୁଡ଼ିକୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା।

## ଜଳ ଅମଳ ପ୍ରକଳ୍ପରେ ସାମିଲ ହେବେ ମିଶନ ଶକ୍ତି ଗୋଷ୍ଠୀ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ସହରାଞ୍ଚଳ ମଜୁରି ନିଯୁକ୍ତି (ୟୁଡବ୍ଲୁଇଆଇ) କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ସମସ୍ତ ୧୧୪ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ମିଶନ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯିବ। ପୌରାଞ୍ଚଳରେ ଥିବା ପାର୍କ, ଖେଳପଡ଼ିଆ ଓ ଅନ୍ୟାନ୍ୟ ଖୋଲାସ୍ଥାନଗୁଡ଼ିକୁ ତୁରନ୍ତ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥନନଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଏବଂ ପୌର ସଂସ୍ଥାଗୁଡ଼ିକର କମିଶନର, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ସହରାଞ୍ଚଳସ୍ତରର କୋର୍ ଗ୍ରୁପ୍ ଗଠନ କରାଯାଇଛି। ଆସନ୍ତା ମୌସୁମୀର ୨ମାସ ମଧ୍ୟରେ ୫୦୦୦ ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଶୁକ୍ରବାର ସମସ୍ତ ପୌରାଞ୍ଚଳ, ବିକାଶ ପ୍ରାଧିକରଣ ଏବଂ ଯୋଜନା ପ୍ରାଧିକରଣ ଇଞ୍ଜିନିୟରମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବୈଷୟିକ ମଡେଲ ଉପରେ ତାଲିମ ଦେବା ପାଇଁ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲକ୍ଷ୍ୟଗୁଡ଼ିକ କିପରି ହାସଲ କରାଯିବ ସେନେଇ ଆଲୋଚନା କରିଥିଲେ। ମିଶନ ଶକ୍ତି ଗୋଷ୍ଠୀକୁ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ ସହିତ ସେମାନେ ଯେଭଳି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବେ ସେଥିପାଇଁ ସେମାନଙ୍କୁ ସଚେତନ ପାଇଁ କୁହାଯାଇଛି। ସମସ୍ତ ୟୁଡବ୍ଲୁଇଆଇ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବିଭାଗରେ ଏକ ପିଏମ୍‌ୟୁ ସ୍ଥାପନ କରାଯାଇଛି। ଭୂତଳ ଜଳ ସଂଚରଣ ସୁନିଶ୍ଚିତ କରିବା ବ୍ୟତୀତ ଏହା ବନ୍ୟାକୁ ହ୍ରାସ କରିବାରେ ସହାୟକ ହେବ। ଏହା ପୌରାଞ୍ଚଳରେ ହାଇଡ୍ରୋଲୋଜିକାଲ ସନ୍ତୁଳନକୁ ସ୍ଥିର କରିବା ସହ ଜଳବାୟୁ ସ୍ଥିରତାକୁ ସୁନିଶ୍ଚିତ କରିବ ବୋଲି ମାଥିଭାଥନନ କହିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନକାରୀ ପୌରସଂସ୍ଥା ଏବଂ ଇଞ୍ଜିନିୟରମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ଯୋଗୁ କାମଧନ୍ଦା ହରାଇଥିବା ଗରିବ ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ୨୦୨୦ରେ ୟୁଡବ୍ଲୁଇଆଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

## ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

- ଭୁବନେଶ୍ୱର ୪୨.୧ ଡିଗ୍ରୀ
- ୨୯ରୁ ବଦଳିବ ପାଗ

ରାଜ୍ୟରେ ପୁଣି ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଗରମ ବାୟୁ ପ୍ରବାହ ହେଉଛି। ଅନ୍ୟପକ୍ଷରେ ସମୁଦ୍ରରୁ ଆସୁଥିବା ବାୟୁ ହଠାତ୍ ବନ୍ଦ ହୋଇଯାଇଛି। ଫଳରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଜିଲାରେ ତାତି ବୃଦ୍ଧିପାଇଛି। ରାଜ୍ୟର ୧୨ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଶନିବାର ଭୁବନେଶ୍ୱରରେ ସର୍ବାଧିକ ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୨, ଅନୁଗୋଳ ୪୦.୩, ବାରିପଦା ୪୧.୬, ଝାରସୁଗୁଡ଼ା ୪୦.୫, ସମ୍ବଲପୁର ୪୧, ତାଳଚେର ୪୦.୧, ଭବାନୀପାଟଣା ୪୦, ବଲାଙ୍ଗୀର ୪୦.୩, ଟିଟିଲାଗଡ଼ ୪୧, ସୋନପୁର ୪୧.୮, ନୟାଗଡ଼ ୪୦, କଟକ ୩୯.୮, ସୁନ୍ଦରଗଡ଼ ୩୯.୫, ହୀରାକୁଦ ୩୯.୫ ଏବଂ ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୮ ତାରିଖ ଯାଏ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ୨୯ ତାରିଖରୁ ପାଗରେ ପରିବର୍ତ୍ତନ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୬ ତାରିଖରୁ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଝଡ଼ବର୍ଷା ହୋଇପାରେ। ୨୬ ତାରିଖରେ ମାଲକାନଗିରି, କୋରାପୁଟ, ଗଜପତି ଜିଲାରେ ଝଡ଼ବର୍ଷା ହେବା ନେଇ ଅନୁମାନ କରାଯାଇଛି। ସେହିପରି ୨୭ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ୨୮ ତାରିଖରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।



**ଆଜିର ମନ୍ତବ୍ୟ**

"କରୋନା ଦ୍ୱିତୀୟ ଲହର ଯେପରି ଗ୍ରାମାଞ୍ଚଳକୁ ନ ବ୍ୟାପେ ସେଥିପାଇଁ ପଞ୍ଚାୟତଗୁଡ଼ିକ ସବୁ ପ୍ରକାର ପଦକ୍ଷେପ ନିଅନ୍ତୁ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ........................................


ଅର୍ଚ୍ଚିତା
ପୁତ୍ର: ଶିବାଶିଷ ଓ ପରିବାରବର୍ଗ


ରଞ୍ଜୀତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୫ ଗିରଫ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ଶଟ୍‌ଡାଉନ୍‌ରେ ବି ଚାଲିଥିଲା ବ୍ରାଉନସୁଗାର କାରବାର। ବାଲେଶ୍ୱରରୁ ଚୋରାରେ ବ୍ରାଉନସୁଗାର ଖୋର୍ଦ୍ଧାରେ ବି ପହଞ୍ଚୁଥିଲା। ତେବେ ଡିଲ୍‌ବେଳେ ଗ୍ରାହକ ବେଶରେ ପହଞ୍ଚି ର୍ୟାକେଟ ଧରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ର୍ୟାକେଟରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯିବା ସହ କୋଟିଏ ଟଙ୍କାର ବ୍ରାଉନସୁଗାର, କାର୍ ଓ ୫ଲକ୍ଷ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧାର ବିଜୟ ମହାନ୍ତି, ବାଲେଶ୍ୱର ଜଳେଶ୍ୱର ଅଞ୍ଚଳର ଶେଖ୍ ଜୁମାନ, ଜଗତ୍‌ସିଂହପୁରର ସୌମ୍ୟଜିତ ପରିଜା, ସାଗର ବେହେରା ଓ ସପନ ଭଟ୍ଟାଚାର୍ଯ୍ୟ। ଏସ୍‌ଟିଏଫ୍ ୧୫/୨୧ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବିଜୟ ବ୍ରାଉନସୁଗାର ଡିଲର ହୋଇଥିବାବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ହେଉଛନ୍ତି ଯୋଗାଣକାରୀ। ବାଲେଶ୍ୱରରୁ ବ୍ରାଉନସୁଗାର ଖୋର୍ଦ୍ଧା ଆସୁଥିବା ନେଇ ଖବର ମିଳିବା ପରେ ପ୍ରଥମେ ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ଗ୍ରାହକ ପରିଚୟ ଦେଇ ବିଜୟଙ୍କ ସହ ଯୋଗାଯୋଗ କରିଥିଲେ। ଶନିବାର ବରୁଣେଇ ପାହାଡ ନିକଟରେ ବିଜୟ ଅପେକ୍ଷା କରିଥିବାବେଳେ ବ୍ରାଉନସୁଗାର କିଣିବା ବାହାନାରେ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀମାନେ ଲୁଙ୍ଗି ଓ ଗାମୁଛା ପିନ୍ଧି ସେଠାରେ ପହଞ୍ଚି କାବୁ କରିଥିଲେ। ଯାଞ୍ଚବେଳେ ତାଙ୍କଠାରୁ ୧ କିଗ୍ରା ୫୦ ଗ୍ରାମ୍‌ର ବ୍ରାଉନସୁଗର ଓ ଏକ ପ୍ୟାକିଂ ମେଶିନ ମିଳିଥିଲା। ତାଙ୍କୁ ଗିରଫ ପରେ ପଚରାଉଚରା କରାଯାଇଥିଲା। ତାଙ୍କ ସୂଚନା ଆଧାରରେ ତାଙ୍କୁ ବ୍ରାଉନସୁଗାର ଯୋଗାଉଥିବା ୪ ଅଭିଯୁକ୍ତଙ୍କୁ ବାଲେଶ୍ୱର ଯାଉଥିବା ରାସ୍ତାରେ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ କାର ଓ ଟଙ୍କା ଜବତ ହୋଇଥିବା ଏସଟିଏଫ୍ ସୂଚନା ଦେଇଛି।

## ପ୍ରଥମ ପୃଷ୍ଠାରୁ...

### ପୁଣି ୩୧ ରୋଗୀଙ୍କ ...

ରୋଗୀମାନଙ୍କ ମୃତ୍ୟୁ ଅକ୍ସିଜେନ ଅଭାବରୁ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଜୟପୁର ଗୋଲ୍ଡେନ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କ ମୃତ୍ୟୁ ଅକ୍ସିଜେନ ଅଭାବ ଜନିତ ବୋଲି ସ୍ୱୀକାର କରିଛନ୍ତି। ସେଠାରେ ମାତ୍ର ଅଧଘଣ୍ଟା ପାଇଁ ଅକ୍ସିଜେନ ରହିଥିବା ହସ୍ପିଟାଲ ନିର୍ଦ୍ଦେଶକ ଡ. ଡି.କେ. ବାଲୁଜା କହିଛନ୍ତି। ଅକ୍ସିଜେନ ଅଭାବରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଶନିବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ହସ୍ପିଟାଲରେ ଅମ୍ଳଜାନର ଗୁରୁତର ସଙ୍କଟ ସୃଷ୍ଟି ହୋଇଥିବା ପିଟିଶନରେ କୁହାଯାଇଛି। ସେହିପରି ପଞ୍ଜାବ ଅମ୍ରିତସରସ୍ଥିତ ନୀଳକଣ୍ଠ ମଲ୍‌ଟିସ୍ପେସିଆଲିଟି ଘରୋଇ ହସ୍ପିଟାଲରେ ଅକ୍ସିଜେନ୍ ଶେଷ ହୋଇଯିବାରୁ ଭେଣ୍ଟିଲେଟର କାମ କରି ନ ଥିବା ମୃତକଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ଅକ୍ସିଜେନ୍ ଅଭାବକୁ ସ୍ୱୀକାର କରିବା ସହ ଏଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ପଞ୍ଜାବ ସରକାରଙ୍କୁ ଦାୟୀ କରିଛନ୍ତି। ହସ୍ପିଟାଲରେ ଅକ୍ସିଜେନ ଅଭାବ ନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କେହି ଶୁଣୁ ନାହାନ୍ତି। ଯେଉଁ ହସ୍ପିଟାଲ୍‌ରେ କୋଭିଡ୍ ସଂକ୍ରମିତ ରୋଗୀ ନାହାନ୍ତି, ସେଠାକୁ ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ଯୋଗାଣ ହେଉଥିବାବେଳେ ଘରୋଇ ହସ୍ପିଟାଲଗୁଡ଼ିକୁ ସରକାର ଧ୍ୟାନ ଦେଉ ନାହାନ୍ତି। ଫଳରେ ଘରୋଇ ହସ୍ପିଟାଲ୍ ଗୁଡ଼ିକ ଖୁବ୍‌ଶିଘ୍ର ବନ୍ଦ ହୋଇଯିବ ବୋଲି ନୀଳକଣ୍ଠ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ସୁନିଲ ଦେବଗନ୍ କହିଛନ୍ତି। ଅପରପକ୍ଷରେ ପଞ୍ଜାବ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ବଲ୍‌ବୀର ସିଂ କହିଛନ୍ତି , ଅକ୍ସିଜେନ ଅଭାବରୁ ୬ଜଣଙ୍କ ମୃତ୍ୟୁ ହେବା ଘଟଣାର ତଦନ୍ତ କରାଯିବ। ଏଥିସହିତ ମେଡିକାଲ ଅକ୍ସିଜେନର ବେଆଇନ ଯୋଗାଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅକ୍ସିଜେନ ଯୋଗାଣକୁ ବୃଦ୍ଧି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପତ୍ର ଲେଖିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟା ଦୂର ହୋଇଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସିଦ୍ଧୁ କହିଛନ୍ତି।

ଅକ୍ସିଜେନ ଅଭାବରେ ଏତେ ସଂଖ୍ୟାରେ ରୋଗୀଙ୍କ ମୃତ୍ୟୁକୁ ନେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିବା ସହ ମୃତକମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ସେ କହିବା ସହ ଉକ୍ତ ପରିବାରଗୁଡ଼ିକୁ ରାଜ୍ୟ ସରକାର ଏବଂ କଂଗ୍ରେସ କର୍ମୀମାନେ ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

### ମେ' ୧୫ ଯାଏ ଦର୍ଶନ ...

ଏବଂ ସେବାୟତମାନେ ଯୋଗଦେଇଥିଲେ। ପୁରୀ ଜିଲାରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବାବେଳେ ଜଣକ ପରେ ଜଣେ ଶ୍ରୀମନ୍ଦିର କର୍ମଚାରୀ, ସେବାୟତ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଏହାଦ୍ୱାରା ଶ୍ରୀମନ୍ଦିର ସେବାପୂଜା ତଥା ନୀତିକାନ୍ତି ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଜାରି ପାଇଁ କେତେଜଣ ସେବାୟତ ମତ ଦେଇଆସୁଥିଲେ। ଶନିବାର ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ମଧ୍ୟ ସେବାୟତମାନେ ଏହି ମତ ରଖିଥିଲେ। ଫଳରେ ମେ ୧୫ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହି ସମୟରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପାଦନ କରାଯିବ। ରଥ ନିର୍ମାଣ କାର୍ଯ୍ୟ ସମେତ ଚନ୍ଦନ ଯାତ୍ରା ଓ ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା।

ଏ ନେଇ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମେ ୧୫ ପର୍ଯ୍ୟନ୍ତ ସାଧାରଣ ଦର୍ଶନକୁ ବନ୍ଦ କରାଯାଇଛି। ମାତ୍ର ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବନାହିଁ। ନୀତିକାନ୍ତି ସମେତ ରଥ ନିର୍ମାଣ କାର୍ଯ୍ୟକ୍ରମ ଯଥାବିଧି ଜାରିରହିବ। ଆଗାମୀ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ବ୍ୟବହାର ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ମାସ୍କ ଓ ସାନିଟାଇଜର୍ କିଣାଯିବ। ମେ ୬ ତାରିଖରେ ପୁଣି ବୈଠକ ବସି ସ୍ଥିତି ସମୀକ୍ଷା କରାଯିବା ପରେ ଶ୍ରୀମନ୍ଦିର ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ସେହିପରି ସେବାୟତ, ସେମାନଙ୍କ ପରିବାର ସଦସ୍ୟ ଓ ଶ୍ରୀମନ୍ଦିର କର୍ମଚାରୀଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡ଼ିଲେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା କରୁଥିବା ଏବଂ ରଥ ନିର୍ମାଣରେ ନିୟୋଜିତ ବ୍ୟକ୍ତିଙ୍କ ଟିକାକରଣ କରାଯିବ। ନୀଳାଚଳ ଭକ୍ତନିବାସର କୋଭିଡ୍ କେୟାର ସେଣ୍ଟରକୁ ଅଧିକ ସୁଦୃଢ଼ କରାଯିବ ଓ ଏହାର ପରିଚାଳନା ନେଇ ନିୟମିତ ସମୀକ୍ଷା ହେବ। ଗୁରୁତର ରୋଗୀଙ୍କୁ ଭୁବନେଶ୍ୱରକୁ ଚିକିତ୍ସା ଲାଗି ପଠାଇବା ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଏହି କାର୍ଯ୍ୟରେ ସଂଯୋଜନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ମାଧବ ପୂଜାପଣ୍ଡା କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତିକୁ ସ୍ୱାଭାବିକ କରିବା ପାଇଁ ସେବାୟତମାନେ ସୁରକ୍ଷିତ ରହିବାର ଆବଶ୍ୟକତା ରହିଛି। ତେଣୁ ପ୍ରଶାସନର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ମାର୍ଚ୍ଚ ୨୦ରୁ ଚଳିତବର୍ଷ ଜାନୁୟାରୀ ୨ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ପାଚେ, ପଣସ ପାଚେ, ତହିଁ ସଙ୍ଗେ ସଙ୍ଗେ ନେଉଳ ନାଚେ।**
ଆମ୍ବ ଓ ପଣସ ପାଚିବା ସହ ନେଉଳ ନାଚିବାରେ କିଛି ସାମଞ୍ଜସ୍ୟ ନ ଥାଏ। ସମ୍ପର୍କ ହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ଅଯଥା ଆନନ୍ଦ ପ୍ରକାଶ କରିବସିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ବୁଣ୍ ପଛେ ବୁଣ୍, ଗର୍ଭଣାକୁ ଟୁଣ୍ ଟୁଣ୍।**
ଆଗେ ବୁଣ କି ପଛେ ବୁଣ ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନ ଗଛରେ ଥୋଡ଼ ବାହାରିବା ଥୟ। ଧାନ ଚାଷ ସମ୍ପର୍କରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ସୀମା ଶୁଳ୍କ ମୁକ୍ତ ହେବ ...

ଶସ୍ତା ହେବ ବୋଲି କୁହାଯାଇଛି। ଉପରୋକ୍ତ ପଦାର୍ଥକୁ ତୁରନ୍ତ ସୀମାଶୁଳ୍କ ବିଭାଗ ମଞ୍ଜୁରୀ ପ୍ରଦାନ ସହ ନିର୍ବିଘ୍ନ ଆମଦାନୀ ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ପାଇଁ ମେଡିକାଲ ଗ୍ରେଡ୍ ଅକ୍ସିଜେନ ଓ ଚିକିତ୍ସା ଉପକରଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ତେଣୁ ଯୋଗାଣ ତୁରନ୍ତ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସବୁ ମନ୍ତ୍ରଣାଳୟ ଓ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗାଣ ବୃଦ୍ଧି ଦିଗରେ ଏକତ୍ର କାର୍ଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ କହିଥିଲେ। ନିକଟରେ କୋଭିଡ୍ ଚିକିତ୍ସା ପାଇଁ ବ୍ୟବହୃତ ରେମ୍‌ଡେସିଭିର ଇଞ୍ଜେକ୍‌ଶନ ଉପରୁ ଶୁଳ୍କ ଛାଡ଼ କରାଯାଇଥିଲା। କରୋନା ପ୍ରଭାବିତ ଦିଲ୍ଲୀ, ମହାରାଷ୍ଟ୍ର, ଛତିଶଗଡ଼, ପଞ୍ଜାବରେ ଅକ୍ସିଜେନ୍‌ର ଘୋର ଅଭାବ ପରିଲକ୍ଷିତ ହେଉଛି। ଅକ୍ସିଜେନ ଅଭାବରୁ ବହୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏପରି କି ଦିଲ୍ଲୀରେ ଅକ୍ସିଜେନ ଅଭାବଉଦ୍‌ବେଗଜନକସ୍ଥିତିସୃଷ୍ଟିକରିଛି।ମୁଖ୍ୟମନ୍ତ୍ରୀଅରବିନ୍ଦକେଜରିୱାଲ ଅକ୍ସିଜେନ ଯୋଗାଇବାକୁ ସବୁ ରାଜ୍ୟକୁ ଶନିବାର ଅନୁରୋଧ କରିଛନ୍ତି।

# ୨ ଦିନରେ ଓଡ଼ିଶାରୁ ଗଲାଣି ୫୧୦ ଟନ୍ ଅକ୍ସିଜେନ୍

■ **ଅନ୍ୟରାଜ୍ୟ ଅଭିମୁଖେ ବାହାରିଲା ଆଉ ୧୫ ଟ୍ୟାଙ୍କର**

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ଦେଶର କରୋନା ସଂକ୍ରମଣର ଦ୍ରୁତ ବୃଦ୍ଧି ଯୋଗୁ ବିଭିନ୍ନ ରାଜ୍ୟରେ ଏବେ ଅକ୍ସିଜେନ ଅଭାବ ଦେଖାଦେଇଛି। ଏଥିଯୋଗୁ ଶହଶହ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଏଭଳି ସ୍ଥିତିରେ ଓଡ଼ିଶାରୁ ଏବେ ଅକ୍ସିଜେନ ପଠାଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ଦୁଇଦିନ ମଧ୍ୟରେ ବିଭିନ୍ନ ରାଜ୍ୟକୁ ୫୧୦ ଟନ୍ ଅକ୍ସିଜେନ ଯାଇଛି। ଢେଙ୍କାନାଳ, ଅନୁଗୋଳ ଓ ରାଉରକେଲାରୁ ୨୯ଟି ଟ୍ୟାଙ୍କରରେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ସମେତ ଅନ୍ୟ ସ୍ଥାନକୁ ଅକ୍ସିଜେନ୍ ପଠାଯାଇଛି। ତେବେ ଶନିବାର ଆହୁରି ୧୫ ଅକ୍ସିଜେନ୍ ଟ୍ୟାଙ୍କର ଅନ୍ୟ ରାଜ୍ୟ ଅଭିମୁଖେ ବାହାରିଛି। ଏହି ଟ୍ୟାଙ୍କର୍‌ଗୁଡ଼ିକର ସହଜ ତଥା ସୁରକ୍ଷିତ ଯାତାୟାତ ନିମନ୍ତେ ସ୍ୱତନ୍ତ୍ର ଗ୍ରୀନ୍ କରିଡ଼ର ହୋଇଛି। ରାଜ୍ୟ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମଭାବକୁ ମଙ୍ଗଳଙ୍କ ଦୃଷ୍ଟି ଶନିଙ୍କ ଉପରେ ନିପତିତ ହେଉଥିବାରୁ ଯେକୌଣସି ପରିସ୍ଥିତିରେ କାର୍ଯ୍ୟ ହାସଲ କରିବେ। ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ ଓ ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ସମ୍ଭାବନା ରହିଛି। ସାମାଜିକ ସ୍ତରରେ ପଡ଼ୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ**
ଚନ୍ଦ୍ର ଓ ବୃହସ୍ପତି ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ପାଇବାକୁ ଥିବା ଟଙ୍କା କିମ୍ବା ଜିନିଷ ପାଇ ନ ପାରନ୍ତି। ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରକଳ୍ପ କାମ, ନିର୍ମାଣ ତଥା ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**
ଭୂସୁତଙ୍କ ପ୍ରଭାବରେ ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ କିମ୍ବା ବନ୍ଧୁଙ୍କ ସହ ମତାନ୍ତର ଏହାର କାରଣ ହୋଇପାରେ। ଅସୁବିଧାରେ ପଡ଼ିଥିବା ଲୋକଟିକୁ ସାହାଯ୍ୟ କରି ପ୍ରଶଂସାର ପାତ୍ର ହେବେ। ବ୍ୟବସାୟୀମାନେ ଲକ୍ଷ୍ୟ ହାସଲ କରିବେ।

**କର୍କଟ**
ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଅଭିଳଷିତ ଫଳ ପାଇବାରେ ସାହାଯ୍ୟ କରିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ଘରୋଇ କ୍ଷେତ୍ରରେ ସମାଲୋଚନା, ବନ୍ଧୁମାନଙ୍କ ନିନ୍ଦାଗାନ ଶୁଣି ନୀରବ ରହିବ। ରକ୍ତଚାପ ବୃଦ୍ଧି ପାଇବା କାରଣରୁ ଚିଡ଼ିଚିଡ଼ା ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ**
ଆଜି ସକାଳୁ କାର୍ଯ୍ୟକ୍ଷେତ୍ରକୁ ଶୀଘ୍ର ଯିବାକୁ ଆହ୍ୱାନ ଆସିପାରେ। କେତୁଙ୍କ ପ୍ରଭାବରେ ଜଞ୍ଜାଳ ଏତେ ମାତ୍ରାରେ ବଢ଼ିଯିବ ଯେ- ସାମାନ୍ୟ ଫୁରୁସତ୍ ମଧ୍ୟ ପାଇବେ ନାହିଁ। ବିଭିନ୍ନ ପାରିବାରିକ ସମସ୍ୟା ନେଇ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ।

**କନ୍ୟା**
ଶନିକ୍ଷେତ୍ରସ୍ଥ ବୃହସ୍ପତିଙ୍କ ଦୁର୍ବଳତା ପରିବାରରେ ଅଶାନ୍ତ ପରିସ୍ଥିତି, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବ୍ୟବସାୟ, ନିର୍ମାଣ, କଚେରି ମାମଲା ଦିଗରୁ ଆଶ୍ୱସ୍ତି ଲାଭର ସୂଚନା ପାଇବେ। ଅନ୍ୟମନସ୍କତା କେତେକ ବ୍ୟତିକ୍ରମର କାରଣ ପାଲଟି ଯାଇପାରେ।

**ତୁଳା**
ତିନୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଯାହା ଚାହୁଁଛନ୍ତି ତାହା କରିପାରିବେ, ପ୍ରତିବନ୍ଧକ ବିନା ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ଦେବଗୁରୁ ବୁଝାମଣା କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଜମିଜମା କିମ୍ବା ନିର୍ମାଣ ଓ ସାଙ୍ଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି। ଯାନବାହନ ଚାଳନାରେ ସତର୍କ ରହନ୍ତୁ।

**ବିଛା**
କର୍ମାଧିପ ଅଷ୍ଟମସ୍ଥ ହେତୁ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଆପଣଙ୍କ ଆସିବା ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେମନେ ବିରକ୍ତି ପ୍ରକାଶ କରିବ। ପୂର୍ବର ଅସୁବିଧାଜନକ ସମୟ କ୍ରମଶଃ ବଦଳିଯିବ ଓ ବନ୍ଧୁମାନେ ସହଯୋଗର ହାତ ବଢ଼ାଇବେ। ଯାତ୍ରା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ପରିବାର ମଧ୍ୟରେ ବୁଝାମଣାର ଅଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ସ୍ୱଗୃହୀ ବଳବାନ୍ ଧନାଧିପଙ୍କ ଯୋଗୁଁ ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଏବଂ କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିପାରନ୍ତି। ଆତ୍ମୀୟମାନେ ଆପଣଙ୍କ କାର୍ଯ୍ୟକୁ ପସନ୍ଦ ନ କଲେ ମଧ୍ୟ ମୁହଁ ଆଗରେ କିଛି କହିପାରିବେ ନାହିଁ।

**ମକର**
ଅତୀତରେ ଘଟି ଯାଇଥିବା ଯେଉଁ ବ୍ୟତିକ୍ରମ ପାଇଁ ଝାମେଲାର ଆଶଙ୍କା କରୁଛନ୍ତି, ସେମିତି କିଛି ହେବ ନାହିଁ। ଚତୁର୍ଥସ୍ଥ ଗ୍ରହ ପ୍ରଭାବରେ ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
ରାଶିସ୍ଥ ବୃହସ୍ପତିଙ୍କ ଯୋଗୁଁ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରି ଯିବ। ମଙ୍ଗଳ ହେତୁ ପିଲାଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ**
ବିଭିନ୍ନ ସମସ୍ୟା ବିଜଡ଼ିତ ରହିଲେ ମଧ୍ୟ ପାରିବାରିକ ସଦ୍ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ। ବନ୍ଧୁ ଗହଣରେ ପ୍ରତିକ୍ରିୟାଶୀଳ ହେଲେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ନୁହେଁ। ସାମାଜିକ ସ୍ତରରେ କାମ ହାସଲ କରି ମାନସିକ ପରିତୃପ୍ତି ଲାଭ କରିବେ।

ଆଜି ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଅପରାହ୍ଣ ଘ.୦୪।୧୩ମି. ପରେ ଚତୁର୍ଦ୍ଦଶୀ, ଶିବ୍ରୀଲିଙ୍ଗରାଜଦେବଙ୍କ ଦମନକ ଯାତ୍ରା, ଦୟଣାଚୋରି ନୀତି, ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ମେଷରାଶିର ଘାତବାର, ବୃଷରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ, ଦୋଷ, ଦିବା ଘ.୦୬।୧୫ ଗତେ ଘ.୦୯।୩୭ ମଧ୍ୟେ ଅମୃତବେଳା ଓ ସକାଳ ଘ.୦୫।୨୫ ଗତେ ଘ.୦୬।୧୫ ମଧ୍ୟେ, ଘ.୦୧।୦୦ ଗତେ ଘ.୦୧।୫୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୦୪।୨୯ ଗତେ ଘ.୦୬।୦୪ ମଧ୍ୟେ ରାହୁକାଳ ।।


# classifieds Everyday
0674-2580101, 2549302




**BRIDE WANTED**

Bride Wanted: Wanted a beautiful working/ non-working Karan girl for Engineer boy age30, permanent job, only son, father settled in BBSR. Contact: 9337043647. D-70920




**SALE**

**Ready to move 4BHK Flat Sale near Aiginia, Patrapada, BBSR. All amenities are available in this Society. Cost@95 Lac. Contact: 9938867397.** D-20560

**Limited Plots available !! 50acres Plotting Township Nearby Sum Hospital, 30ft. Concrete road, Park, Temple, Swimming Pool, Plantation, Electricity and Water Connection. Contact- 8337900880, 8337900881.** D-70919

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20464

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

**ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999.** D-70846

5BHK Duplex@99lakh and Core House Ready 4BHK Duplex@85Lakh at Balianta. Residential Land at Gohala@1200/ 4Acre land at Rangabazar/ 6Acre at khordha/ 7Acre at Pitapalli. 9861022055/ 9938219397. D-20587

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20409

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254.** D-70826

**1200sqft. gharabari boundary plot 30ft. road Gudiapokhari 8,00,000/- Rangabazar 10,00,000/-, 8455094875.** D-70828

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali- 9938016295. D-70845

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70449

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.:ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Construct your building with Tata rod, Ultratech Cement, all branded materials, earthquake resistant, guarantee. 7327074914. D-70593




ଭୁବନେଶ୍ୱର ପାଖରେ Paver Block/ Fly ash bricks/ ସିମେଣ୍ଟ ଇଟା/ hollow bricks/ cement nanda/ chowkatha etc. ପାଇଁ ୧୦ବର୍ଷ ଭଡ଼ା ସୂତ୍ରରେ ଜାଗା ଦିଆଯିବ। ଯୋଗାଯୋଗ: ୬୩୭୦୩୧୯୮୬୧, ୬୩୭୨୨୪୭୦୭୭. D-20515

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Premium fully furnished 5BHK Duplex with Servantroom with AC, TV, Fridge, Washing Machine, Geyser, Water Purifier, Sofa, Bes, Matress, Generator, Invertor, EPABX, Internet rent near Fire Station Square, Baramunda, Bhubaneswar. Suitable for Guest House or Company lease. Contact: 9937097791.** D-70844

Single room for Office/ Residence, separate Toilet and Kitchen, 3000/ month, 5,Kharvelnagar near Keshari Talkies Bhubaneswar. 9238647661. D-69394




Monalisa massage club : All types body massage with hiprofile smart lady rooms service available 9708545108. D-20591

**Email** ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open Spa offer @599/-, positively health benefits, Jaydevbihar. 7846814019. D-59988

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Refreshing your mind your body with the best therapy at Lotus Spa. 9801811949. D-70448


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ଜନ୍ମଦିନ ଶୁଭେଚ୍ଛା**



**ଅର୍ଚ୍ଚିତା ମିଶ୍ର**

"24X7A Always Alert Social Group" (Members)
ଆପଣ ଦେଇଥିବା ସମସ୍ତ ସ୍ନେହ, ଶ୍ରଦ୍ଧା, ଶିକ୍ଷା, ଆଦର୍ଶ ଏବଂ ସମାଜ ପାଇଁ ନିଃସ୍ୱାର୍ଥପର ସେବା, ବଳିଦାନ ଆମ ସାମାଜିକ ସଂସ୍ଥା ପାଇଁ ବହୁତ ପ୍ରେରଣା। ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦ ସଦାସର୍ବଦା ରହୁ ଏବଂ ଆପଣଙ୍କର ଏକମାତ୍ର ପୁତ୍ର "ଶ୍ରୀ ଶିବାଶିଷ ନନ୍ଦ"ଙ୍କର ଆପଣଙ୍କ ପ୍ରତି ଅଶେଷ ସ୍ନେହ ସଦାସର୍ବଦା ରହୁ।
**Mob. No.- 9861375760**
ଧ-୨୦୫୨୫

## ଜିଲ୍ଲା କ୍ରୀଡ଼ା ସଂଘର କାଉନସିଲ ବୈଠକ

**ସମ୍ବଲପୁର,(ବ୍ୟୁରୋ):** ସମ୍ପ୍ରତି କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା କ୍ରୀଡା ସଂଘ ପୁନଃ ପଞ୍ଜୀକରଣ ପ୍ରକ୍ରିୟାର ଅନ୍ତିମ ତାରିଖ ଏପ୍ରିଲ ୩୦ ପରିବର୍ତ୍ତେ ମେ ୩୧ ପର୍ଯ୍ୟନ୍ତ ବଢାଇଛି। ସମ୍ବଲପୁର ଜିଲା କ୍ରୀଡା ସଂଘ ଅଧୀନସ୍ଥ ୬୬ଟି ଶିକ୍ଷାନୁଷ୍ଠାନ ଓ କ୍ରୀଡାନୁଷ୍ଠାନ ନିଜର ପଞ୍ଜୀକରଣ ଲାଗି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମସ୍ଥିତ କାର୍ଯ୍ୟାଳୟରେ ଫର୍ମ ଦାଖଲ କରିପାରିବେ । କ୍ରୀଡା ସଂଘ କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

**ସଂକ୍ଷେପରେ**

## ବଦଳିବ ପରିବା ବଜାର ସ୍ଥାନ



### ରାସ୍ତାକଡରେ ବସିବା ଉପରେ ପୋଲିସର କଟକଣା

**ସମ୍ବଲପୁର,୨୪।୪(ବ୍ୟୁରୋ):** ସମ୍ବଲପୁର ସହରରେ ପରିବା ବଜାରରେ ଭିଡ ନିୟନ୍ତ୍ରଣରେ ରହୁ ନ ଥିବା ଅଭିଯୋଗ ଉପରେ ଏସ୍‌ପି ବାତୁଲା ଗଙ୍ଗାଧର ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ପରିବାର ବଜାର ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ ହୋଇଛି। ମନ୍ଦଲିଆ ପଡିଆ, ଭୀମଭୋଇ ପାର୍କ, ଅନାମିକା ପାର୍କ, ପିଏଚ୍‌ଡି ପଡିଆ ଆଦି ସ୍ଥାନରେ ପରିବା ବଜାର ଖୋଲାଯିବ। ଆସନ୍ତା ସୋମବାରଠାରୁ ଏହା କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ଉକ୍ତ ସ୍ଥାନରେ ବଜାର ହେଲେ ସାମାଜିକ ଦୂରତା ଓ ଅନ୍ୟ କଟକଣା ପାଳନ କରାଯାଇପାରିବ। ଆବଶ୍ୟକ ପଡିଲେ ଏଭଳି ବଡପଡିଆ ଚିହ୍ନଟ କରାଯାଇ ବଜାର ଖୋଲାଯିବ। ଏଥିପାଇଁ ଜିଲା ପ୍ରଶସନର ସହଯୋଗ ନିଆଯାଇଛି। ଅନ୍ୟପକ୍ଷେ ଶଟ୍‌ଡାଉନ ଓ ନାଇଟ୍ କର୍ଫ୍ୟୁ କଟକଣାକୁ ଲୋକମାନେ ମାନୁଛନ୍ତି। ଜରୁରୀ କାମରେ ଲୋକମାନେ ବାହାରକୁ ଆସୁଥିବା ଯାଞ୍ଚ ସମୟରେ ଜଣାପଡୁଛି। ମାସ୍କ ଓ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେବାକୁ ସଚେତନ କରାଯାଉଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଶନିବାର ଶଟ୍‌ଡାଉନ ଯୋଗୁ ସହରର ଦୋକାନ ବଜାର ବନ୍ଦ ରହିଥିଲା। ୧୫ ସ୍ଥାନରେ ପୋଲିସ ଯାଞ୍ଚ କରାଯାଇଥିଲା। ଏସ୍‌ପି ବି ଗଙ୍ଗାଧର ବିଭିନ୍ନ ସ୍ଥାନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

## ସହର ସାନିଟାଇଜ୍ କରାଗଲା

**ସମ୍ବଲପୁର, ୨୪।୪ (ବ୍ୟୁରୋ):** ଜିଲାରେ କୋଭିଡ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଷେଧକ ଭାବେ ଜିଲା ପ୍ରଶାସନ ସମ୍ବଲପୁର ମହାନଗର ନିଗମ ଅଞ୍ଚଳକୁ ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ କରାଯାଉଛି। ଏହାଦ୍ୱାରା ସଂକ୍ରମଣ ଚେନ୍‌କୁ ପ୍ରତିହତ କରାଯାଇପାରିବ ବୋଲି ଆଶା କରାଯାଉଛି। ଏତଦ୍‌ବ୍ୟତୀତ ଶନିବାର ସମ୍ବଲପୁର ସହରର ବିଭିନ୍ନ ଛକ, ରାସ୍ତା ଓ ପଡା ଗୁଡିକରେ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି।

# କାର୍ଯ୍ୟକ୍ଷମ ହେବ ୨ କୋଭିଡ୍ ମେଡିକାଲ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଡାକ୍ତରଖାନା (ଡିଏଚ୍‌ଏଚ୍)କୁ କୋଭିଡ୍ ମେଡିକାଲରେ ପରିଣତ କରାଯିବ। ମେଡିକାଲର ଗୋଟିଏ ଭାଗରେ ଏହା ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହା ୨ଶହ ବେଡ୍ ବିଶିଷ୍ଟ ହେବ। ହେଲେ ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସାରେ ଯେଭଳି ସମସ୍ୟା ନ ହେବ ସେ ନେଇ ବ୍ୟବସ୍ଥା କରାଯାଇଥିବା ଶନିବାର ଜିଲାପାଳ ଶୁଭମ୍ ସକ୍‌ସେନା ସୂଚନା ଦେଇଛନ୍ତି। ସେ କହିଥିଲେ, କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତର ନିୟୋଜିତ ରହିବେ। ଅଣକୋଭିଡ୍ ରୋଗୀମାନଙ୍କୁ ଯେଉଁ ବିଭାଗରେ ଯେଭଳି ଭାବେ ଚିକିତ୍ସା କରାଯାଉଛି ତାହା ଜାରି ରହିବ। ଗତବର୍ଷ ସମ୍ପୂର୍ଣ୍ଣ ଡାକ୍ତରଖାନାକୁ କୋଭିଡ୍ ମେଡିକାଲ କରାଯାଇଥିଲା। ହେଲେ ଚଳିତବର୍ଷ ମେଡିକାଲ ପରିସରରେ ଥିବା ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ଅଣକୋଭିଡ୍ ରୋଗୀମାନଙ୍କୁ ଚିକିତ୍ସା କରାଯିବ। ଏ ସମ୍ପର୍କରେ ଏଡିଏମ୍‌ଓ ଡାକ୍ତର ଅଲେଖ ମହାପାତ୍ର କହିଛନ୍ତି, ଆସନ୍ତା ୨୬ ତାରିଖରେ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରହିଛି। ଅଶ୍ୱିନୀ ହସ୍‌ପିଟାଲ ପକ୍ଷରୁ ଏହାକୁ ପରିଚାଳନା କରାଯିବ। ସ୍ୱତନ୍ତ୍ର ଡାକ୍ତର, କର୍ମଚାରୀ, ଆନୁଷଙ୍ଗିକ ବ୍ୟବସ୍ଥା ଘରୋଇ ମେଡିକାଲ କରିବ। ଏହାଦ୍ୱାରା ସାଧାରଣ ରୋଗୀସେବା ବାଧାପ୍ରାପ୍ତ ହେବ ନାହିଁ କିମ୍ବା ଡାକ୍ତରଙ୍କ ଉପରେ ଚାପ ପଡିବ ନାହିଁ। ବୁର୍ଲା ଭିମ୍‌ସାର ଭଳି ଗୋଟିଏ ପାର୍ଶ୍ୱକୁ ବନ୍ଦ କରାଯାଇ ଚିକିତ୍ସା କରାଯିବ। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଆସନ୍ତା ୨୭ ତାରିଖରେ ଦ୍ୱିତୀୟ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା କାର୍ଯ୍ୟକ୍ଷମ ହେଲେ ଅଧିକ ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଇପାରିବ। ସୂଚନାଯୋଗ୍ୟ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାର ଅଧିକ ସଂଖ୍ୟାରେ ବେଡ୍, ଔଷଧ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ଭିମ୍‌ସାରରେ ୨୨୫ ବେଡ୍ କାର୍ଯ୍ୟକ୍ଷମ ହେଉଥିବାବେଳେ ଦ୍ୱିତୀୟ କୋଭିଡ୍ ମେଡିକାଲ ୩୦୦ ବେଡ୍ ବିଶିଷ୍ଟ ହେବ। ଜିଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାମ ସମ୍ପୂର୍ଣ୍ଣ କରିବାରେ ଲାଗିପଡିଛି। ଅନ୍ୟପକ୍ଷେ ଜିଲା ସଦର ଡାକ୍ତରଖାନାରେ କୋଭିଡ୍ ମେଡିକାଲକୁ ପୂର୍ବରୁ ଅନେକ ବିରୋଧ ହୋଇଥିଲା। ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସାରେ ସମସ୍ୟା ନେଇ ପ୍ରଶ୍ନ ଉଠିଥିଲା। ପରେ ଜିଲା ପ୍ରଶାସନ ଘରୋଇ ମେଡିକାଲର ସହଯୋଗ ଲୋଡି କିଛି ବେଡ୍‌ରେ ଚିକିତ୍ସା ଆରମ୍ଭ କରିଥିଲା। ସେଠାରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦେଇଥିଲା। ତେଣୁ ଏବେ କିଭଳି ଭାବେ ସ୍ୱାସ୍ଥ୍ୟସେବା ମିଳିବ ସେ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।



ଡିଏଚ୍‌ଏଚ୍‌ରେ ଖୋଲିବାକୁ ଯାଉଥିବା କୋଭିଡ୍ ମେଡିକାଲ ।

- ଡିଏଚ୍‌ଏଚ୍‌ରେ ୨୦୦, ଭିମ୍‌ସାରରେ ୫୨୫ ବେଡ୍
- ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ଅଣକୋଭିଡ୍ ଚିକିତ୍ସା
- ସହଯୋଗ ଯୋଗାଇବ ଅଶ୍ୱିନୀ ହସ୍ପିଟାଲ

# କୋଭିଡ୍ ଟେଷ୍ଟ ବୃଦ୍ଧି କରିବାକୁ ଦାବି

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ଜିଲାରେ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ର ବୃଦ୍ଧି କରିବାକୁ ଦାବି ହୋଇଛି। ଅନ୍ୟପଟେ ଏଡିଏମ୍‌ଓ (ପିଏଚ୍) ଡାକ୍ତର ଆଶୋକ ଦାସ କହିଛନ୍ତି, କୌଣସି ଲକ୍ଷଣ ଥିବା ରୋଗୀଙ୍କୁ ଫେରାଇ ଦିଆଯାଉ ନାହିଁ। ଯାହାର ଅବଶ୍ୟକ ରହୁଛି ପରୀକ୍ଷା କରାଯାଉଛି। ଆଇସିଏମ୍‌ଆର୍ ନିୟମ ଅନୁସାରେ ଲକ୍ଷଣ ଥିବା ରୋଗୀଙ୍କୁ ବାଧ୍ୟତାମୂଳକ ପରୀକ୍ଷା କରାଯାଉଛି। ଅନ୍ୟପଟେ ପୂର୍ବ ଅପେକ୍ଷା ସ୍ୱାବ୍ ସଂଗ୍ରହ କେନ୍ଦ୍ର କମ୍ ରହିଛି। ମହାନଗର ନିଗମ ଅଧୀନରେ ପୂର୍ବରୁ ୮ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଚାଲୁଥିଲା। ଏବେ ମାତ୍ର ୨ଟିରେ ସ୍ୱାବ୍ ସଂଗ୍ରହ କରାଯାଉଛି। ସେହିପରି ପ୍ରତି ବ୍ଲକରେ ଗୋଟିଏ ଓ ସବ୍‌ଡିଜନରେ ଗୋଟିଏ ଲେଖାଏ ସ୍ୱାବ୍ ସଂଗ୍ରହ କେନ୍ଦ୍ର ରହିଛି। ବିଶେଷ କରି ବ୍ଲକ ଅଞ୍ଚଳରେ ଏ ନେଇ ସମସ୍ୟା ହେଉଥିବା ଜଣାପଡିଛି। ଯୁଯୁମୁରା ବ୍ଲକର ଯୁଯୁମୁରା ମେଡିକାଲରେ ପରୀକ୍ଷା କେନ୍ଦ୍ର ରହିଛି। ହେଲେ ମେଘପାଲ ମେଡିକାଲ, ପଡିଆବାହାଲ ମେଡିକାଲକୁ ଆସୁଥିବା ଲକ୍ଷଣ ଥିବା ରୋଗୀମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୪୦ରୁ ୬୦ କିମି ଦୂରରେ ମେଡିକାଲ ରହୁଥିବାରୁ ଗାଡି ଖର୍ଚ୍ଚ କରି ଆସିବା ସମ୍ଭବପର ହୋଇପାରୁ ନାହିଁ। ବାଧ୍ୟ ହୋଇ ଡାକ୍ତର ଦେଇଥିବା ମେଡିସିନ ଖାଇ ଘରେ ରହି ଯାଉଛନ୍ତି। ଯଦି କୋଭିଡ୍ ସଂକ୍ରମଣ ହୋଇଥାଏ ତା'ହେଲେ ରୋଗୀ ଓ ତାଙ୍କ ପରିବାର ଜୀବନ ପ୍ରତି ବିପଦ ରହୁଛି। ତେଣୁ ଜିଲାରେ ସ୍ୱାବ୍ ସଂଗ୍ରହ କେନ୍ଦ୍ର ବୃଦ୍ଧି କରାଯାଉ ବୋଲି ଦାବି ହେଉଛି। ସୂଚନାଯୋଗ୍ୟଯେ, ବୁର୍ଲା ଭିମ୍‌ସାରରେ କୋଭିଡ୍ ପରୀକ୍ଷା କେନ୍ଦ୍ର ରହିଛି। ପ୍ରତିଦିନ ପ୍ରାୟ ୧ ହଜାରରୁ ୧୨ ଶହ ପରୀକ୍ଷା କରାଯାଉଥିବା ଜଣାପଡିଛି। ଶନିବାର ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୧୭୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ଦିନକରେ ୧୭୫ ଚିହ୍ନଟ

# ସାହାସପୁର ପଞ୍ଚାୟତ ଶଟ୍‌ଡାଉନ୍ କଲେ ସରପଞ୍ଚ


ଶଟ୍‌ଡାଉନ୍ ପାଇଁ ସାହାସପୁର ଗ୍ରାମ ଦାଣ୍ଡ ଶୂନ୍‌ଶାନ୍।

**ଝାରସୁଗୁଡ଼ା ଅଫିସ,୨୪।୪**

ଝାରସୁଗୁଡା ଜିଲା ଲଇକେରା ବ୍ଲକ୍ ସାହାସପୁର ପଞ୍ଚାୟତର ବନ୍ଧପାଲି, ରାମଛିପିଡିହି, କେନଡିହି, ଚନ୍ଦନୀମାଲ ଓ ସାହସପୁର ଆଦି ରାଜସ୍ୱ ଗ୍ରାମରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ଜିତେନ୍ଦ୍ର ରଣା ଜିଲାପାଳ କ୍ଷମତା ଆଧାରରେ ଉପରୋକ୍ତ ୫ରାଜସ୍ୱ ଗ୍ରାମକୁ ୫ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ଶନିବାରଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଜାରି ରହିବ। ନିମୟ ନ ମାନିଲେ କୋଭିଡ୍ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ରଣା ପ୍ରକାଶ କରିଛନ୍ତି। ଶଟ୍‌ଡାଉନ୍ ସମୟରେ ପ୍ରତିଦିନ ସକାଳ ୫ଟାରୁ ୧୧ଟା ପର୍ଯ୍ୟନ୍ତ ରାଶନ ଦୋକାନ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ପଞ୍ଚାୟତ ତରଫରୁ ସ୍ଥାନୀୟ ବିଡିଓ, ତହସିଲଦାର, ପୋଲିସ୍ ଷ୍ଟେଶନ, ପୋଲିସ୍ ଫାଣ୍ଡି ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି। ଏଥିରେ ସହଯୋଗ କରିବାକୁ ସରପଞ୍ଚ ଗ୍ରାମବାସୀଙ୍କୁ ନିବେଦନ କରିଛନ୍ତି।

# ଚୋରି ସୁନା ଅଳଙ୍କାର ଜବତ, ୩ ଗିରଫ


ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଅଭିଯୁକ୍ତମାନେ ।

**ଝାରସୁଗୁଡ଼ା ଅଫିସ,୨୪।୪**

ବ୍ରଜରାଜନଗର ଥାନା ଏମ୍‌ସିଏଲ୍ ହିଲ୍‌ଟପ୍ କଲୋନୀରୁ ଚୋରି ହୋଇଥିବା ସୁନା ଅଳଙ୍କାର ଓ ଟଙ୍କାକୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନାସୀପଡାର ଶଙ୍କର ଦାସ(୧୮), ହରବିନ୍ଦ ସାଇସ୍(୧୮) ଓ ଝାରସୁଗୁଡା ପୁରୁଣାବସ୍ତିର ସୁରଜ ମଣ୍ଡଳ(୨୮)। ଏମାନଙ୍କ ସହିତ ଜଣେ ନାବାଳକ ରହିଛନ୍ତି। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ଯାଇଥିବା୨ଲକ୍ଷ ଟଙ୍କାର ସୁନା ଚେନ୍, ଏକ ହଳ ସୁନା ବଳା ଓ ୨ହଜାର ୫ଶହ ଟଙ୍କା ଜବତ କରିଛି। ଏ ନେଇ କ୍ୱାର୍ଟର୍ସ ମାଲିକ ୱାଇ ସତ୍ୟନାରାୟଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ କେସ୍ ନଂ.୧୦୮/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ଏମ୍‌ସିଏଲ୍‌ରେ କାର୍ଯ୍ୟରତ ମ୍ୟାନେଜର ୱାଇ ସତ୍ୟନାରାୟଣ ହିଲ୍‌ଟପ୍ କଲୋନୀରେ ସପରିବାର ରହୁଛନ୍ତି। ଗତ ୧୮ତାରିଖ ରାତିରେ ସମସ୍ତେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ସ୍କାଏଲାଇଟ୍ ଭାଙ୍ଗି ଭିତରେ ପ୍ରବେଶକରି ଆଲ୍‌ମିରାରୁ ସୁନା ଅଳଙ୍କାର ଓ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ । ହରବିନ୍ଦଙ୍କୁ ସନ୍ଦେହକରି ପୋଲିସ୍ ଥାନାକୁ ଆଣି ପଚରାଉଚରା ପରେ ସେ ଅନ୍ୟ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ଘଟଣାର ପର୍ଦ୍ଦାଫାଶ କରିବାରେ ବ୍ରଜରାଜନଗର ଥାନା ଆଇଆଇସି ନଳିତା ମୋଦୀ, ସବ୍‌ଇନ୍ସପେକ୍ଟର ପିକେ ସ୍ୱାଇଁ, ଜିକେ ମିଶ୍ର ଓ ଏସ୍ ଭାତ୍ରା ପ୍ରମୁଖ ସାମିଲ ଥିଲେ।

# ଖତକୁରବାହଲ ଖଣି ସମ୍ପ୍ରସାରଣ ପ୍ରସଙ୍ଗ: ସରପଞ୍ଚଙ୍କ ଏତଲା

**କୁତ୍ରା, ୨୪।୪(ଡି.ଏନ.ଏ):** କୁତ୍ରା ବ୍ଲକ ଖତକୁରବାହଲ ଗ୍ରାମ ପାଞ୍ଚାୟତର ସରପଞ୍ଚ ମିନା ପ୍ରମିଳା ଲାକ୍ରାଙ୍କୁ ଗାଳିଗୁଲଜ ନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଛି। କୁତ୍ରା ବ୍ଲକରେ ଥିବା ଶିବା ସିମେଣ୍ଟ କାରଖାନା ଏବଂ ଏହାର କଞ୍ଚାମାଲ ଚୁନପଥର ଲାଗି ଖତକୁରବାହଲ ଠାରେ ଥିବା ଖଣିକୁ ସମ୍ପ୍ରସାରଣ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ସରପଞ୍ଚ ସହଯୋଗ କରୁଛନ୍ତି ବୋଲି ତାଙ୍କ ବିରୋଧୀମାନେ ପ୍ରଚାର କରିବା ସହିତ ସରପଞ୍ଚଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ବିରୋଧୀଙ୍କ କହିବା କଥା ହେଲା ଗ୍ରାମ ସଭାକୁ ଭରସା ନ କରି ସରପଞ୍ଚ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତାଙ୍କୁ ଅପମାନିତ କରିବା ସହିତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଜବରଦସ୍ତି କରେଇନେବାକୁ ଚାହୁଁଛନ୍ତି ବୋଲି ସରପଞ୍ଚ କହିଛନ୍ତି। ପୋଲିସ ପାଖରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଶିବା ସିମେଣ୍ଟ କାରଖାନା କଣ୍ଡେଇମୁଣ୍ଡା ପଞ୍ଚାୟତ ଟେଲିଘନାରେ ଅଛି। ଏହାର ସମ୍ପ୍ରସାରଣ ପାଇଁ ଆଗାମୀ ଦିନରେ ଜଣଶୁଣାଣି କାର୍ଯ୍ୟକ୍ରମ ରହିଥିଲା ସଂକ୍ରମଣ ବଢୁଥିବାରୁ ଏହାକୁ ସ୍ଥଗିତ ରଖାଯାଇଛି।

# ବିଧାୟକଙ୍କ ନାମରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

**ଝାରସୁଗୁଡ଼ା ଅଫିସ,୨୪।୪**

ବ୍ରଜରାଜନଗର ବିଧାୟକ ତଥା ବିଜେଡି ଜିଲା ସଭାପତି କିଶୋର କୁମାର ମହାନ୍ତି ଓ ତାଙ୍କ କର୍ମୀ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଜିଲା କଂଗ୍ରେସ କମିଟି ତରଫରୁ ସାଧାରଣ ସମ୍ପାଦକ ଜୀବନ ସାର୍ଥକ ଦାସ ଏ ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକକିତା ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପ୍ରଦାନ କରିଛନ୍ତି। ବ୍ରଜରାଜନଗର ଥାନାରେ ସମାନ ଅଭିଯୋଗ ପରେ ପୋଲିସ ରେଜିଷ୍ଟ୍ରେଶନ କରିଛି। ଅଭିଯୋଗ ଅନୁଯାୟୀ ଗତ ୧୭ତାରିଖ ଶଟ୍‌ଡାଉନ୍ ସମୟରେ ବ୍ରଜରାଜନଗର ବିଜୁ ପଟ୍ଟନାୟକ ଛକରେ ବିଜେଡି ତରଫରୁ ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ବିଧାୟକ ମହାନ୍ତି ଓ ତାଙ୍କ କର୍ମୀମାନେ ଉପସ୍ଥିତ ରହି କୋଭିଡ୍ ନିୟମ ଉଲ୍ଲଂଘନ କରିଥିଲେ। ସେହିପରି ଗତ ୨୧ତାରିଖରେ ମହାନଦୀ ଜଳରେ ଭାସିଆସିଥିବା ଯୁବତୀ ସୋନୀ ଯାଦବଙ୍କ ବାହାଘର କୁଶମେଲ୍ ଗ୍ରାମରେ ହୋଇଥିଲା। ଏଥିରେ ବିଧାୟକ ମହାନ୍ତି ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ରହି କନ୍ୟାଦାନ କରିଥିଲେ। ବିଧାୟକଙ୍କ ସହ ସମର୍ଥକମାନେ ଯୋଗଦେଇଥିବାବେଳେ ପ୍ରସେଶନ କରିବା, ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ନ କରିବା ଆଦି କୋଭିଡ୍ ନିୟମ ଉଲ୍ଲଂଘନ ହୋଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ବିଧାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ହୋମ୍‌ଗାର୍ଡଙ୍କ ବାହାଘରରେ ବି ନିୟମ ଉଲ୍ଲଂଘନ

**ଝାରସୁଗୁଡ଼ା ଅଫିସ,୨୪।୪**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ବାହାଘର, ବ୍ରତଘର ଓ ଶୁଦ୍ଧିକ୍ରିୟା ପାଳନ ଉପରେ କଟକଣା ଜାରି କରାଯାଇଛି। ପୋଲିସ ବିଭାଗର ଜଣେ କର୍ମଚାରୀ ଏହାକୁ ଅଣଦେଖା କରିଥିବା ଦେଖାଯାଇଛି। ଝାରସୁଗୁଡା ସଦର ଥାନାରେ କାର୍ଯ୍ୟରତ ଏକତାଳି ଗ୍ରାମର ହୋମ୍‌ଗାର୍ଡ ମଙ୍ଗଳ ସାହୁଙ୍କ ବିବାହ କାର୍ଯ୍ୟକ୍ରମରେ ଏହା ଦେଖିବାକୁ ମିଳିଥିଲା। ଶୁକ୍ରବାର ରାତିରେ ହୋମ୍‌ଗାର୍ଡ ସାହୁଙ୍କ ବିବାହ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏଥିରେ ଡିଜେ ସାଉଣ୍ଡ ବାଜିବା ସହିତ ଶତାଧିକ ଅତିଥି ଉପସ୍ଥିତ ଥିଲେ। ଫଳରେ ଏଠାରେ କୋଭିଡ୍ ନୟମ ଉଲ୍ଲଂଘନ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ୍ ହୋଇଥିଲା । ଏ ନେଇ ଲୋକେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ବହାଘର କାର୍ଯ୍ୟଗ୍ରାହୀ ହୋମ୍‌ଗାର୍ଡଙ୍କୁ ଜରିମାନା କରିଥିବା ଜଣାପଡିଛି। ଏ ନେଇ ଥାନା ଆଇଆଇସି ସୁଚିସ୍ମିତା ମହାନ୍ତି କହିଛନ୍ତି, କୋଭିଡ୍ ଆଇନ୍ ଉଲ୍ଲଂଘନ ପାଇଁ ହୋମ୍‌ଗାର୍ଡ ସାହୁଙ୍କୁ ୧୦ହଜାର ଟଙ୍କା ଜରିମାନା କରାଯାଇଛି ।


ବାହାଘର ପାର୍ଟିରେ ଅତିଥିଙ୍କ ଭିଡ।


NATIONAL HEALTH MISSION
NVBDCP
DSPL-24

**ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୧**

**ଆମର ଲକ୍ଷ୍ୟ - ମ୍ୟାଲେରିଆ ମୁକ୍ତ ବିଶ୍ୱ**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ୍ ୨୫ ତାରିଖ ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ । ସଂପ୍ରତି କରୋନା ମହାମାରୀ ସ୍ଥିତିରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ତେଣୁ ଆମ୍ଭମାନଙ୍କୁ ଏଥିପ୍ରତି ଅଧିକ ସତର୍କ ଓ ଯତ୍ନବାନ ହେବାକୁ ପଡିବ ।

**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ ।**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

**ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0018/2122

> ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। —ଶ୍ରୀଅରବିନ୍ଦ

# ଭୋଗିବାକୁ ପଡ଼ିବ



ଆକାର ପଟେଲ

୨୦୧୪ର ଠିକ୍ ପୂର୍ବରୁ ଭାରତର ଲବ୍ଧପ୍ରତିଷ୍ଠ ଦୁଇଜଣ ଅର୍ଥନୀତିଜ୍ଞଙ୍କ ମଧ୍ୟରେ ସାଧାରଣରେ ଏକ ବିତର୍କିତ ବିବାଦ ଦେଖିବାକୁ ମିଳିଥିଲା। ସେମାନେ ବିଦ୍ୱାନ ଥିବା ହେତୁ ସେମାନଙ୍କ ଭାଷାରେ ପ୍ରାୟତଃ ଶିଷ୍ଟତା ରହିଥିଲା, କିନ୍ତୁ ମତଭେଦ ସାମାନ୍ୟ ନ ଥିଲା। ଗୁଜରାଟ ମଡେଲକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତି ଚାଲିଥିଲା। ନରେନ୍ଦ୍ର ମୋଦିଙ୍କ ସପକ୍ଷ ନେଇଥିଲେ ଜଗଦୀଶ ଭଗବତୀ ଏବଂ ଅମର୍ତ୍ତ୍ୟ ସେନ୍ ଏହାର ବିପରୀତ ପକ୍ଷ ରଖିଥିଲେ। ଭଗବତୀ ସୋସିଆଲ ସ୍ପେଣ୍ଡିଂ ବା ସାମାଜିକ ବ୍ୟୟ ଠାରୁ ଅର୍ଥନୈତିକ ଅଭିବୃଦ୍ଧିକୁ ବେଶି ପ୍ରାଧାନ୍ୟ ଦେଇଥିଲେ। କିନ୍ତୁ ସାମାଜିକ ବ୍ୟୟ ବିନା ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ ବୋଲି ସେନ୍ ଯୁକ୍ତି ବାଢ଼ିଥିଲେ। ଉଭୟ ପକ୍ଷର ଯୁକ୍ତି ଥିଲା ନ୍ୟାୟସଙ୍ଗତ, କିନ୍ତୁ ସେନ୍ ଉପସ୍ଥାପନ କରିଥିବା ଏକ ପ୍ରଶ୍ନର ଉତ୍ତର ନ ଥିଲା। ଏମିତି ଏକ ଦେଶ ନାମ କେହି କହିପାରିବେ, ଯାହା ସ୍ୱାସ୍ଥ୍ୟ ଏବଂ ସୁଶିକ୍ଷିତ ଜନଗଣଙ୍କ ବିନା ହାସଲ କରିପାରିଛି? ଏହାର ଉତ୍ତର ଥିଲା ନା। ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ନିବେଶକୁ ଅଣଦେଖା କରି ବିଶ୍ୱର କୌଣସି ଦେଶ ବିକଶିତ ହୋଇପାରିନାହିଁ। ସାମାଜିକ ବ୍ୟୟ ହିଁ ଅଭିବୃଦ୍ଧିକୁ ବାଟ କଢ଼ାଇ ନିଏ। ଏହା ବ୍ୟତୀତ ଆଉ କୌଣସି ବାଟ ନାହିଁ। ଜନସଂଖ୍ୟାର ଏକ ସିଂହଭାଗ ଶିକ୍ଷିତ, ସୁସ୍ଥ ହୋଇ ନ ଥିଲେ କେବଳ ଶିଳ୍ପପତିମାନେ ଦେଶର ବିକାଶ ପାଇଁ ସବୁ କାମ କରିପାରିବେ ବୋଲି ତୁମେ ଆଶା କରିବା ବୃଥା। ଏ କ୍ଷେତ୍ରରେ ଦେଶର ତଥା ସରକାରଙ୍କର ଏକ ପ୍ରମୁଖ ଦାୟିତ୍ୱ ରହିଛି। ଭଗବତୀଙ୍କ ମତରେ ଗୁଜରାଟ ମଡେଲ ବିଶ୍ୱାସ କରେ ଯେ, ସରକାର ଯଦି ଶିଳ୍ପପତିମାନଙ୍କୁ ସବ୍‌ସିଡି, ଇଜି ଅଫ୍ ଡୁଇଂ, ଶ୍ରମିକ ସଂଘ ସଂକ୍ରାନ୍ତୀୟ ସ୍ୱାଧୀନତା ଦେବା ସହ ଭାଇବ୍ରାଣ୍ଟ ଗୁଜରାଟ ମେଳାମାନ ଆୟୋଜନ କରିବାରେ ସହଯୋଗ କରନ୍ତି ତେବେ ବିକାଶ ସମ୍ଭବ ହୋଇପାରିବ। ଦୀର୍ଘଦିନ ଧରି ଗୁଜରାଟ ମଡେଲରେ ଯଦି ଏହା କରାଯାଏ ତେବେ ସାଧାରଣ ଲୋକେ ଏହାର ଲାଭ ପାଇବେ। କାରଣ ଏହା ଏମିତି ଏକ ପ୍ରକାର ବିଜ୍‌ନେସ, ଯାହା ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିଥାଏ। ଅପରପକ୍ଷେ ସେନ୍ ମଡେଲ ବିଶ୍ୱାସ କରେ ଯେ, ଦେଶର ଉଭୟ ଶିକ୍ଷିତ ଏବଂ ସୁସ୍ଥ ଲୋକମାନେ ଅର୍ଥନୈତିକ ସମୃଦ୍ଧି ହାସଲ କରିବାର ଏକ ଉତ୍ତମ ମାଧ୍ୟମ। ସରକାରଙ୍କ ପାଖରେ ବାସ୍ତବରେ ଯେତେବେଳେ ଅର୍ଥନୈତିକ ଶକ୍ତି ନ ଥିଲା ସେତେବେଳେ ଏକ ସୁସ୍ଥ ଓ ଶିକ୍ଷିତ ଜନସଂଖ୍ୟା ସୃଷ୍ଟି କରିବା ତାଙ୍କ ପକ୍ଷେ ସମ୍ଭବ ଥିଲା। ତାହା ହୋଇପାରିଲା ନାହିଁ। କିନ୍ତୁ ଏଭଳି କରିବାରେ କ୍ୟୁବା ଏକ ଦୃଷ୍ଟାନ୍ତ। ଏହି କାରଣରୁ ଦେଶ ଏକ ମଜଭୁତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଢ଼ିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେନ୍ ଏମ୍‌ଜିଏନ୍‌ଆରଇଜିଏ ଏବଂ ଖାଦ୍ୟ ଅଧିକାର ଭଳି ଯୋଜନାକୁ ସମର୍ଥନ କରିଥିଲେ। ମୋଦି କିନ୍ତୁ ଏମ୍‌ଜିଏନ୍‌ଆରଇଜିଏକୁ ଏକ ସ୍ମାରକ ବୋଲି କହି ବିରୋଧ କରିଥିଲେ। ଚଳିତ ସପ୍ତାହରେ କଂଗ୍ରେସ ପାର୍ଟି କହିଲା ଯେ,ମୋଦିଙ୍କ ୧୨ ବର୍ଷ ଶାସନ ସମେତ ଭାଜପାର ୨୫ ବର୍ଷ ଶାସନ କାଳରେ ଗୁଜରାଟ ଗୋଟିଏ ହେଲେ ବି ସରକାରୀ ହସ୍ପିଟାଲ କରି ପାରି ନ ଥିଲା। ଭାଜପା କଂଗ୍ରେସର ଏଭଳି ଦାବିକୁ ଅସ୍ୱୀକାର କରିନାହିଁ, ଅର୍ଥାତ୍ କଂଗ୍ରେସର ମନ୍ତବ୍ୟ ସତ ବୋଲି ବୁଝିବାକୁ ହେବ। ଗୁଜରାଟରେ ଅନେକ ଭାଇବ୍ରାଣ୍ଟ ଗୁଜରାଟ ସମିଟ୍ ଆୟୋଜନ କରାଯାଇଥିଲା। ଶେଷରେ ଏଥିରୁ ମିଳିଲା କ'ଣ? ସମିଟ୍ ସପକ୍ଷରେ ଆମେ ଯାହା କହିଲେ ବି ଏଥିରେ କିଛି ବିକାଶ ହୋଇନାହିଁ। ହଁ ଏହା ସତ ଯେ, କେତେଜଣ ଗୁଜରାଟୀ ଅତି ଧନୀ ହୋଇଛନ୍ତି। ଏପରି କି ୨୦୨୦ରେ ଭୟଙ୍କର ମହାମାରୀରେ ବହୁ ଲୋକ ଚାକିରି ହରାଇଥିବାବେଳେ ଏମାନଙ୍କ ଧନକୁ ଏମାନେ ୩ ଗୁଣ ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। କିନ୍ତୁ ଏହାଦ୍ୱାରା ସଂଖ୍ୟାଧିକ ଲୋକ ଉପକୃତ ହୋଇ ନ ଥିଲେ। ଗୁଜରାଟକୁ ଆସିଥିବା ବୃହତ୍ ଶିଳ୍ପଗୁଡ଼ିକ ଅଧିକ ଲୋକଙ୍କୁ ନିଯୁକ୍ତି ଦେଲେ ନାହିଁ। ଏଥିପାଇଁ ଦେଶର ସବୁଠୁ ପ୍ରଭାବଶାଳୀ ରାଜନୈତିକ ଗୋଷ୍ଠୀ କୁହାଯାଉଥିବା ପଟିଦାରମାନେ ରାସ୍ତାକୁ ଓହ୍ଲାଇ ଚାକିରିରେ ସଂରକ୍ଷଣ ଦାବି କରିଥିଲେ।

ସେନ୍ ମଡେଲ କେବଳ ବ୍ୟୟ ଉପରେ ପର୍ଯ୍ୟବସିତ ନୁହେଁ, ଏହା ଦେଶ କେନ୍ଦ୍ରିକ। ଏକ ସରକାର ବିଶ୍ୱାସ କରନ୍ତି ଯେ, ଏହାର ନାଗରିକମାନଙ୍କର ମଙ୍ଗଳ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଦ୍ୱାରା ଆକଳନ କରାଯାଇପାରିବ ଏବଂ ଏକ ନିର୍ଦ୍ଦିଷ୍ଟ ଉପାୟରେ ଏହାକୁ ଗତିଶୀଳ, ସଂଗଠିତ କରିହେବ। କିନ୍ତୁ ବୈଶ୍ୱିକ ମହାମାରୀ ପରେ ଏହା ଗୋଟିଏ ବର୍ଷରେ ହାସଲ କରିହେବ ନାହିଁ। କାରଣ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ କିମ୍ବା ଔଷଧ କି ବେଡ୍ ନାହିଁ। ଗୁଜରାଟ ମଡେଲ ଆଶା କରିଥିଲା, ସ୍ୱାସ୍ଥ୍ୟ କ୍ଷେତ୍ର ଏକ ବିଜ୍‌ନେସ ଓ ଏହାର ଉପଭୋକ୍ତା ରହିଥିବା ଯୋଗୁ ଘରୋଇ ସେକ୍ଟର ଏହାର ଯତ୍ନ ନେବେ। ବିଶ୍ୱର ଅନ୍ୟ ସବୁ ଦେଶ ଏହା ହାସଲ କରିଥିବାବେଳେ ଆମେ କିନ୍ତୁ ଏହା କରିପାରିନାହୁଁ। ଭଗବତୀଙ୍କ ଯୁକ୍ତି ସମ୍ପୂର୍ଣ୍ଣ ଭୁଲ୍ ବୋଲି ଏବେ କହିପାରିବା ନାହିଁ। କାରଣ, ସେ ଚାରିପାଖର ପରିସ୍ଥିତିକୁ ନିରୀକ୍ଷଣ କରିଥିଲେ ଓ ଆମେ ଏବେ ତାହା ଜାଣିପାରିବା। ଭାରତ ଏବେ ଭୋଗୁଛି ଏବଂ ଶାସକ ଦଳ ନିଜକୁ ଆତ୍ମରକ୍ଷା କରିବା ମୁଡ୍‌ରେ ରହିଛି। ସତ ହେଉଛି, ଯଦି ଏହି ଭାଇରସର ଘାତକ ବୃଦ୍ଧି ବନ୍ଦ ହୋଇଯିବ ତେବେ ଏହି ଲହର ଆପଣାଛାଏଁ ଚାଲିଯିବ। ସରକାରଙ୍କ ପଦକ୍ଷେପ ଏତେ ଦୁର୍ବଳ ଓ ଏବେ ଅବ୍ୟବସ୍ଥିତ ଯେ, ଏହା ଆମକୁ ବଞ୍ଚାଇବା ପାଇଁ କୌଣସି ଉଲ୍ଲେଖନୀୟ କାର୍ଯ୍ୟ କରିପାରିବେ ନାହିଁ। ଆମକୁ ହିଁ ପରିଣାମ ଭୋଗିବାକୁ ପଡ଼ିବ, ଏହା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ।

ପଶ୍ଚିମବଙ୍ଗରେ ଅଚାନକ ନିର୍ବାଚନ ର୍‌ୟାଲି ବନ୍ଦ କରିବା ପରେ ମୋଦି ଲୋକଲୋଚନରୁ ଦୂରେଇ ରହିବାର ଏହା ହିଁ କାରଣ। କରୋନାଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମୋଦି ଏବଂ କେଜରିୱାଲଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାକୁ କେଜରିୱାଲ ଆମମାନଙ୍କୁ ଦେଖାଇ ପ୍ରୋଟୋକଲ ଉଲ୍ଲଂଘନ କରିବା ମୋଦିଙ୍କ କ୍ରୋଧର କାରଣ ନ ଥିଲା ବରଂ ପ୍ରକୃତ ସତ ପଦାକୁ ଆସିଲା ଏବଂ ଏହା ଲଜ୍ଜାଜନକ ଥିବାରୁ ସେ କ୍ରୋଧ ପ୍ରକାଶ କଲେ। ସଙ୍କଟ ସମୟରେ ଆମେ ପ୍ରକୃତ ସମସ୍ୟା ଓ ସତଠାରୁ ଦୂରେଇ ଯିବାକୁ ପସନ୍ଦ କରୁଛୁ। ଏହି ସମୟରେ ସରକାର ଯାହା କରିବା ଉଚିତ ଥିଲା ତାହା କରିନାହାନ୍ତି ବୋଲି ପ୍ରମାଣିତ ହୋଇଯାଇଛି ଓ ତାହାକୁ କୋଟି କୋଟି ଲୋକ ବିଶ୍ୱାସ କରୁଛନ୍ତି। ଭଗବତୀ ଏବଂ ସେନ୍‌ଙ୍କ ଡିବେଟ ସମ୍ପର୍କରେ ଆମକୁ ଆଉଥରେ ଏକ ଉଚିତ ଆଲୋଚନା କରି ମଧ୍ୟମ ଏବଂ ଦୀର୍ଘକାଳୀନ ଭିତ୍ତିରେ କ'ଣ କରିବାକୁ ହେବ ତାହା ସ୍ଥିର କରିବାକୁ ପଡ଼ିବ।

Email:aakar.patel@gmail.com

# ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେଉ ମନ୍ଦିର



ଅନିଲ କୁମାର ବିଶ୍ୱାଳ

ଦେଶରେ ଏବେ ଗୋଟିଏ ବିତର୍କ ଧୀରେଧୀରେ ଦାନା ବାନ୍ଧୁଛି। ବିଶେଷଭାବରେ ଦକ୍ଷିଣ ଭାରତର ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶରେ ଏବେ ଦାବି ହେବାରେ ଲାଗିଲାଣି ଯେ ସରକାରଙ୍କ ନିୟନ୍ତ୍ରଣରୁ ମନ୍ଦିରକୁ ମୁକ୍ତ କରାଯାଉ। ଯଦି ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାର ଭଳି ଧର୍ମାନୁଷ୍ଠାନ ସରକାରଙ୍କ ନିୟନ୍ତ୍ରଣରେ ନ ରହି ସେହି ସମ୍ପ୍ରଦାୟର ନିୟନ୍ତ୍ରଣରେ ରହୁଛି, ତା'ର ସ୍ୱତନ୍ତ୍ରତା ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ ତା'ହେଲେ ମନ୍ଦିର କାହିଁକି ସରକାରଙ୍କ ନିୟନ୍ତ୍ରଣରେ ରହିବ? କାହିଁକି ମନ୍ଦିରକୁ ମିଳୁଥିବା ଦାନ ସରକାରଙ୍କ ଦଖଲକୁ ଯିବ, କାହିଁକି ମନ୍ଦିରର ସୁନାକୁ ବ୍ୟାଙ୍କରେ ବନ୍ଧକ ରଖି ଋଣ ଆଣି ଅନ୍ୟ ବାଟରେ ଖର୍ଚ୍ଚ କରିବେ, କାହିଁକି ମନ୍ଦିରର ଜମିକୁ ସରକାର ଶିଳ୍ପ କାରଖାନା, ବ୍ୟବସାୟିକ ପ୍ରତିଷ୍ଠାନକୁ ବିକି ଅର୍ଥ ରୋଜଗାର କରିବେ? ଏହାକୁ ନେଇ ଆଲୋଚନା ଅନେକ ବର୍ଷ ହେଲାଣି ଚାଲିଛି। ଏବେ କିଛି ମାସ ହେଲାଣି ବିଶେଷଭାବରେ ୧୩ ଜୁଲାଇ ୨୦୨୦ରେ ଯେବେ ସୁପ୍ରିମକୋର୍ଟ ତାଙ୍କ ବିଚାରରେ ସ୍ପଷ୍ଟ କରିଦେଲେ ଯେ କେରଳର ପଦ୍ମନାଭ ମନ୍ଦିରକୁ ସରକାର ତାଙ୍କ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ଏହା ପରଠାରୁ ଅନ୍ୟ ସମସ୍ତ ମନ୍ଦିରକୁ ସରକାରଙ୍କ କବ୍‌ଜାରୁ ମୁକ୍ତ କରିବା ଦାବି ଜୋର ହେବାରେ ଲାଗିଛି। ଦେଶରେ ଅନ୍ୟ ପ୍ରାନ୍ତ ଅପେକ୍ଷା ଓଡ଼ିଶାରେ ମନ୍ଦିରର ସଂଖ୍ୟା ଅଧିକ। ହେଲେ ଓଡ଼ିଶାରେ ଏହି ବିଷୟ ଜନମାନସରେ ଏପର୍ଯ୍ୟନ୍ତ ବିଶେଷ ଭାବରେ ଆଲୋଚନା ହୋଇନାହିଁ। କିନ୍ତୁ ଯଦିଓ ମନ୍ଦିର ପରିଚାଳନାରେ ବିଭ୍ରାଟ, ମନ୍ଦିର ସମ୍ପତ୍ତିର ଜବରଦଖଲଠାରୁ ଆରମ୍ଭ କରି ଜମି ହଡ଼ପ, ବିକ୍ରି ଆଦି ଖବର ଅନେକାଂଶରେ ଲୋକମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି କରିଛି। ୧୮୧୭ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରଥମେ ଦେଶର ସମସ୍ତ ଧର୍ମାନୁଷ୍ଠାନ ଉପରେ ବିଶେଷ ଭାବରେ ମନ୍ଦିରକୁ ନିୟନ୍ତ୍ରଣ କରିବା ଆରମ୍ଭ କରିଲେ। କିନ୍ତୁ ବ୍ରିଟିଶରେ ଚର୍ଚ୍ଚର ଅଧିକାରୀମାନେ ପ୍ରଥମେ ଏହାକୁ ବିରୋଧ କରି କହିଥିଲେ ଯେ ଆମେ କାହିଁକି ମନ୍ଦିର କଥା ବୁଝିବା? ତେଣୁ ୧୮୪୦ରେ ଅନେକ ମନ୍ଦିର ବ୍ରିଟିଶ ନିୟନ୍ତ୍ରଣରୁ ମୁକ୍ତ ହେଲା। ୧୮୮୫ରେ ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରୁ ରାଜାଙ୍କର ସବୁ ଅଧିକାରକୁ ବ୍ରିଟିଶ ବିଲୋପ କରିଲା। ହେଲେ ଏହା ବିରୋଧରେ ଉତ୍କଳ ଗୌରବ ମଧୁସୂଦନ ନିଜେ ହାଇକୋର୍ଟରେ କେସ୍ ଲଢ଼ିଲେ। ମାମଲାରେ ଗଜପତି ରାଣୀ ସୂର୍ଯ୍ୟମଣି ପାଟ୍ଟମହାଦେଈଙ୍କର ବିଜୟ ହେଲା। ନ ହେଲେ ଆଜି ଯେଉଁ ଛେରାପହଁରା ଗଜପତି ମହାରାଜା କରୁଛନ୍ତି ତାହା ହୁଏ ତ ନ ଥା'ନ୍ତା। ୧୯୨୫ରେ ଆସିଲା ମାଡ୍ରାସ ରିଲିଜିୟସ ଚାରିଟେବଲ୍ ଆଣ୍ଡ ଏଣ୍ଡାଓମେଣ୍ଟ ଆକ୍ଟ। ସେତେବେଳେ ବିଭିନ୍ନ ଧର୍ମାନୁଷ୍ଠାନ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆଶ୍ରୟ, ବୈଠକ ସ୍ଥଳ ପାଲଟୁଥିଲା। ସେହି ଆକ୍ଟ ଆଣିବା ପଛରେ ମୂଳ ଉଦ୍ଦେଶ୍ୟ ଥିଲା ସେଗୁଡ଼ିକୁ ପୋଲିସର ନଜର ରଖିବା। କିନ୍ତୁ ମୁସଲମାନ ଓ ଶିଖ୍‌ମାନଙ୍କର ପ୍ରବଳ ବିରୋଧ ହେବା କାରଣରୁ ସେତେବେଳେ ସଂଖ୍ୟାଲଘୁମାନଙ୍କୁ ଏହି ଆଇନରୁ ବାଦ୍ ଦିଆଯାଇଥିଲା। ମୋଟାମୋଟି ଭାବରେ ସେବେଠାରୁ ମନ୍ଦିର ଉପରେ ସରକାରଙ୍କର ନିୟନ୍ତ୍ରଣ ରହିଆସିଛି।

ମନ୍ଦିରର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ବେଳେ ଏହାର ଦୁଇଟା ଦିଗ ରହିଛି। ଭାରତର ହିନ୍ଦୁ ସନାତନି ପରମ୍ପରା ହେଉଛି ଏକମାତ୍ର ଜୀବନ୍ତ ଉପାସନା ପଦ୍ଧତି; ଯାହାର ଆୟୁ କାହିଁ କେତେ ହଜାର ବର୍ଷର। ଏହି ପରମ୍ପରାରେ ମନ୍ଦିରର ସ୍ୱତନ୍ତ୍ର ଭୂମିକା ରହିଛି। ମନ୍ଦିରଗୁଡ଼ିକ ଲୋକମାନଙ୍କର ସାମାଜିକ ଜୀବନ ଚଳଣିରେ ଗୁରୁତ୍ୱ ବହନ କରେ। ସେତେବେଳେ କରୁଥିଲା ଆଜି ବି କରୁଛି। ଭାରତରେ ଥିବା ମନ୍ଦିରର ନିର୍ମାଣ ଦୃଷ୍ଟିରୁ, ପରମ୍ପରା ଦୃଷ୍ଟିରୁ ବା ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଭାବେ ବୈଜ୍ଞାନିକ ଓ ଆଧ୍ୟାତ୍ମିକ। ଆଉ ଗୋଟିଏ ହେଲା ଏହାର ଆର୍ଥିକ ଦିଗ। ଗତ ୧୨୦୦ରୁ ୧୯୪୭ ମସିହା ଭିତରେ ମନ୍ଦିରଗୁଡ଼ିକରୁ ସୁନା, ରୁପା, ହୀରା ପ୍ରବଳ ମାତ୍ରାରେ ଲୁଟ୍ ହେବା ପରେ ଯାହା କିଛି ବଳିଛି ଓ ମନ୍ଦିରର ସ୍ଥାବର ସମ୍ପତ୍ତି ଯେପରି କି ଜମି, ବଗିଚା ଆଦି ସେସବୁର ସୁରକ୍ଷା ନିହାତି ଆବଶ୍ୟକ।

ବର୍ତ୍ତମାନର ଭାରତ ହେଉଛି ପନ୍ଥନିରପେକ୍ଷ (ସେକୁଲାର) ଦେଶ। ସେକୁଲାର ବିଚାର ଅନୁସାରେ ସରକାର କୌଣସି ଧର୍ମାନୁଷ୍ଠାନ ସହିତ ଜଡ଼ିତ ହେବେ ନାହିଁ କି କୌଣସି ଧାର୍ମିକ ପ୍ରକ୍ରିୟାରେ ଭାଗ ନେବେ ନାହିଁ। ଆମ ଦେଶରେ କେବଳ ହିନ୍ଦୁ ମନ୍ଦିରଗୁଡ଼ିକ ହେଉଛି ଏକମାତ୍ର ଧର୍ମାନୁଷ୍ଠାନ, ଯେଉଁଥିରୁ ସରକାର ଟିକସ ନିଅନ୍ତି। ସମସ୍ତ ପରମ୍ପରା, ପୂଜା, ରୀତିନୀତି ଆଦିର ପରିଚାଳନାକୁ ସରକାର ନିୟନ୍ତ୍ରଣ କରନ୍ତି। ଅନ୍ୟ କୌଣସି ଧର୍ମାନୁଷ୍ଠାନ କ୍ଷେତ୍ରରେ ଏପରି ହୁଏ ନୁହେଁ। ଭାରତରେ ପ୍ରାୟ ସମସ୍ତ ବଡ଼ ମନ୍ଦିରରେ ଭକ୍ତମାନଙ୍କର ଦାନ ସବୁ ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ। ତାମିଲନାଡୁରେ ସରକାର ରାଜ୍ୟରେ ଥିବା ବିଭିନ୍ନ ମନ୍ଦିରଗୁଡ଼ିକର ୪ ଲକ୍ଷ ଏକର ଜମିକୁ ବିଭିନ୍ନ ବାବଦରେ ବ୍ୟବହାର କରୁଛନ୍ତି। ବଜାର ଦର ଅନୁସାରେ ଏ ବାବଦରେ ମନ୍ଦିରଗୁଡ଼ିକ ବର୍ଷକୁ ୬ ହଜାର କୋଟି ଟଙ୍କା ପାଇବା କଥା। ହେଲେ ମନ୍ଦିରଗୁଡ଼ିକ କେବଳ ମନ୍ଦିର ପରିଚାଳନା ବାବଦରେ ପାଆନ୍ତି ସମୁଦାୟ ମାତ୍ର ୫୮ କୋଟି ଟଙ୍କା ବର୍ଷକୁ। ବାର୍ଷିକ ପ୍ରାପ୍ୟ ଅର୍ଥର ୧%ରୁ କମ୍। ପ୍ରାୟତଃ ଦେଶରେ ସବୁ ପ୍ରସିଦ୍ଧ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ହେଉଛନ୍ତି ସମ୍ପୃକ୍ତ ଜିଲାର ଜିଲାପାଳ। ପଶ୍ଚିମ ବଙ୍ଗରେ ତାରକେଶ୍ୱର ମନ୍ଦିରର ପରିଚାଳନା କମିଟିରେ ମୁଖ୍ୟ ଜଣେ ମୁସଲମାନ ହୋଇଥିଲେ। ତାଙ୍କର କିଛି ନିଷ୍ପତ୍ତିକୁ ନେଇ ଅତୀତରେ ବିବାଦ ଦେଖାଦେଇଥିଲା। ବିହାରର ପ୍ରସିଦ୍ଧ ବୋଧ ଗୟା ମନ୍ଦିର ପରିଚାଳନା ଅଧ୍ୟକ୍ଷ ଗୟା ଜିଲାପାଳ ହେବେ ଓ ସେ ହିନ୍ଦୁ ହେବା ବାଧ୍ୟତାମୂଳକ ଥିଲା। ୨୦୧୩ରେ ଏହି ଆଇନକୁ ବଦଳାଇ ହିନ୍ଦୁ ହେବା ବାଧ୍ୟତାମୂଳକକୁ ହଟାଇ ଦିଆଗଲା। ଏହି ପରିବର୍ତ୍ତନକୁ ଅଖିଳ ଭାରତୀୟ ବୌଦ୍ଧ ଭିକ୍ଷୁ ସଂଘ ପ୍ରବଳ ମାତ୍ରାରେ ବିରୋଧ କରିଲେ ହେଲେ କିଛି ଲାଭ ହେଲା ନାହିଁ। ଆମ ରାଜ୍ୟରେ ପୁରୀ ଶ୍ରୀମନ୍ଦିର ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା ଜଣେ ମନ୍ଦିର ମୁଖ୍ୟ ପ୍ରଶାସକ ନିଯୁକ୍ତ ହେଉଛନ୍ତି। ଏବେ ପୁରୀ ମନ୍ଦିର ପରିଚାଳନା ପାଇଁ ଯେଉଁ କମିଟି ରହିଛି ସେଥିରେ ଗଜପତି ନାମକୁ ମାତ୍ର ମୁଖ୍ୟ। ସେବକମାନେ କେବଳ ସରକାରଙ୍କର ନିଷ୍ପତ୍ତିକୁ ମାନିବେ। ସବୁ ନିଷ୍ପତ୍ତି ରହିବ ସରକାରଙ୍କ ହାତରେ। କିନ୍ତୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ଗୋଟିଏ ଭଲ କଥା ଅଛି। ତାହା ହେଉଛି କୌଣସି ଅଣ ହିନ୍ଦୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ହୋଇପାରିବେ ନାହିଁ। ଦେଶର ଅନ୍ୟ କେତେକ ମନ୍ଦିରରେ ସେହି ଆଇନ ନାହିଁ; ଯାହା ଫଳରେ ସମସ୍ୟା ଉପୁଜିଛି। ଓଡ଼ିଶା ଆନ୍ଧ୍ର ସୀମା ବିବାଦର କେନ୍ଦ୍ର କୋଟିଆରେ ଏକ ଜଗନ୍ନାଥ ମନ୍ଦିର ଅଛି। କୋଟିଆର ଲୋକମାନଙ୍କୁ ଓଡ଼ିଆ ଭାବାବେଗରେ ବାନ୍ଧି ରଖିବା ପାଇଁ ସେଠାରେ ଜଗନ୍ନାଥ ମନ୍ଦିରର ସ୍ଥାପନା କରାଯାଇଥିଲା। ସେହି ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ରହିଛି କୋରାପୁଟ ଜିଲାପାଳଙ୍କ ଉପରେ। କିନ୍ତୁ କେହି ଧ୍ୟାନ ଦେଉ ନ ଥିବା କାରଣରୁ କୋଟିଆରେ ଥିବା ଜଗନ୍ନାଥ ମନ୍ଦିରଟି ବଡ଼ ଦୟନୀୟ ସ୍ଥିତିରେ ଆଉ ଏପଟେ କୋଟିଆରେ ଆନ୍ଧ୍ର ଜୋରଜବରଦସ୍ତି ଭାବରେ ଚର୍ଚ୍ଚ ନିର୍ମାଣ କରି ସେଥିରେ ଭୋଟ କରାଉଛି।

ସୁପ୍ରିମକୋର୍ଟ ୨୦୧୪ରେ ତାମିଲନାଡୁର ୧୫୦୦ ବର୍ଷର ପୁରୁଣା ନଟରାଜ ମନ୍ଦିର ଓ ଚିଦାମ୍ବରମ ମନ୍ଦିର ପରିଚାଳନାକୁ ତାମିଲନାଡୁ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରି ପୂଜକ ଓ ଭକ୍ତମାନଙ୍କର ଟ୍ରଷ୍ଟକୁ ଫେରାଇବା ନେଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏପ୍ରିଲ ୮, ୨୦୧୯ରେ ଆମ ଶ୍ରୀମନ୍ଦିର ପରିଚାଳନା ବିଭ୍ରାଟ ପ୍ରସଙ୍ଗରେ ଏକ ମାମଲାରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ, 'ସରକାର କିଏ ଧର୍ମାନୁଷ୍ଠାନ ଚଳାଇବା ପାଇଁ?' ସେତେବେଳର ବିଚାରପତି ଏସ୍.ଏ.ବୋବଡେ କହିଥିଲେ, 'I do not know why government officers should run the temple. In Tamil Nadu, there are many cases of theft of idols. What are government officers doing. These idols, apart from the religious sentiments, are priceless'. ମାମଲାର ବିଚାରବେଳେ ଆର୍ଟର୍ନି ଜେନେରାଲ କେକେ ଭେଣୁଗୋପାଳ ମଧ୍ୟ କହିଥିଲେ ଯେ ଏକ ସେକୁଲାର ଦେଶରେ କେମିତି ସରକାର ଧର୍ମାନୁଷ୍ଠାନର ପରିଚାଳନା କରିପାରିବେ?

ମସ୍‌ଜିଦଗୁଡ଼ିକ ସେମାନଙ୍କୁ ମିଳୁଥିବା ଦାନାର୍ଥରେ ମଦ୍ରାସା ଚଳାନ୍ତି। ସରକାର ବି ମଦ୍ରାସାଗୁଡ଼ିକୁ ଅର୍ଥ ଦିଅନ୍ତି। ସେହିପରି ଚର୍ଚ୍ଚମାନେ ସେମାନଙ୍କୁ ମିଳୁଥିବା ଦାନ ଅର୍ଥରେ କନଭେଣ୍ଟ ସ୍କୁଲ ଚଳାନ୍ତି। ହେଲେ ହିନ୍ଦୁ ମନ୍ଦିରଗୁଡ଼ିକ ସେମାନଙ୍କୁ ମିଳୁଥିବା ଦାନାର୍ଥରେ ଗୁରୁକୁଳ ଚଳାଇ ପାରନ୍ତି ନାହିଁ। ଚର୍ଚ୍ଚର ପରିଚାଳନା କମିଟି ଖ୍ରୀଷ୍ଟିଆନମାନଙ୍କର ବ୍ୟକ୍ତିଗତ ବ୍ୟାପାର, ମସ୍‌ଜିଦର ପରିଚାଳନା ଓାକଫ ବୋର୍ଡ ହାତରେ ଅଛି; ଯାହାକୁ ସରକାର ନିୟନ୍ତ୍ରଣ କରନ୍ତି ନାହିଁ କି କରିପାରିବେ ନାହିଁ। ଧର୍ମନିରପେକ୍ଷତା ନାଁରେ ସରକାର କେବଳ ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି। ମନ୍ଦିର ଜମିକୁ ସରକାର ନିଜର ସମ୍ପତ୍ତି ବୋଲି ଭାବନ୍ତି। ଧର୍ମାନୁଷ୍ଠାନକୁ ମିଳୁଥିବା ଅର୍ଥରେ ଧର୍ମର ବିକାଶ, ଧର୍ମର ପ୍ରସାର ହେବା ଦରକାର। ରାମଦେବ ବାବାଙ୍କର ପତଞ୍ଜଳି ଯୋଗସଂସ୍ଥା, ଯୋଗଗୁରୁ ସଦ୍‌ଗୁରୁଙ୍କର ଇଶା ଫାଉଣ୍ଡେଶନ, ରବିଶଙ୍କରଙ୍କର ଆର୍ଟ ଅଫ ଲିଭିଙ୍ଗ ଆଦି ବଡ ଧାର୍ମିକ ଅନୁଷ୍ଠାନଗୁଡ଼ିକ ନିଜକୁ ହିନ୍ଦୁ ଧର୍ମାନୁଷ୍ଠାନ ବୋଲି ଦର୍ଶାନ୍ତି ନାହିଁ। ଏହାର କାରଣ ହେଉଛି ଯେଉଁଦିନ ସେମାନେ ହିନ୍ଦୁ ଅନୁଷ୍ଠାନ ହୋଇଯିବେ ସେଦିନ ସେମାନେ ସରକାରଙ୍କ ନିୟନ୍ତ୍ରଣକୁ ଆସିଯିବେ। ଅତୀତରେ ରାମକୃଷ୍ଣ ମିଶନ ଭଳି ସୁନାମଧନ୍ୟ ଅନୁଷ୍ଠାନ ନିଜକୁ ହିନ୍ଦୁ ସଙ୍ଗଠନ ନୁହେଁ ବୋଲି ସତ୍ୟପାଠ ଦେଇ ଘୋଷଣା କରିବାକୁ ପଡିଥିଲା କେବଳ ଏହି କାରଣ ପାଇଁ।

ଥରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନ କହିଥିଲେ, ମନ୍ଦିରର ସୁନାକୁ କଢାଯାଉ, ଏହାକୁ ବିକ୍ରି କରାଯାଇ ସରକାରୀ ଯୋଜନାରେ ଖର୍ଚ୍ଚ କରାଯାଉ ବୋଲି। ତାମିଲନାଡୁ ସରକାର ମନ୍ଦିରର ପଇସାରେ ସରକାରୀ ଯୋଜନା ଚଳାନ୍ତି। ଆନ୍ଧ୍ରପ୍ରଦେଶରେ ମନ୍ଦିରର ଜମିବାଡି ବିକ୍ରି କରିବା ପାଇଁ କ୍ୟାବିନେଟ ନିଷ୍ପତ୍ତି ହୋଇଥିଲା। ସମୟ ଆସିଛି ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକୁ ସରକାରଙ୍କର ନିୟନ୍ତ୍ରଣରୁ ମୁକ୍ତ କରାଯାଉ। ଏହାର ପରିଚାଳନା ପାଇଁ ଗୋଟିଏ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯାଉ; ଯାହା ସରକାରଙ୍କ ନିୟନ୍ତ୍ରଣରେ ନ ରହି ବରଂ ଭକ୍ତ, ସେବକ, ସାଧୁସନ୍ଥଙ୍କ ସମନ୍ୱୟରେ ହେଉ। ଏଥିପାଇଁ ସମ୍ବିଧାନର ସଂଶୋଧନ ଆବଶ୍ୟକତା ନାହିଁ। କେବଳ ଗୋଟିଏ ଆଇନକୁ ଠିକ ଭାବରେ କାର୍ଯ୍ୟକାରୀ କରାଯାଉ ତାହା ହେଉଛି 'ସମସ୍ତ ଧର୍ମ ସମାନ'। ଏହି ଆଇନ କାର୍ଯ୍ୟକାରୀ ହେଲେ ବିଭିନ୍ନ ରାଜ୍ୟରେ ଥିବା 'ହିନ୍ଦୁ ଏଣ୍ଡାଓମେଣ୍ଟ ଆକ୍ଟ' ସ୍ୱତଃ ଅକାମୀ ହୋଇଯିବ ଓ ମନ୍ଦିରଗୁଡ଼ିକ ସରକାରଙ୍କର ନିୟନ୍ତ୍ରଣରୁ ମୁକ୍ତ ହୋଇପାରିବ।

ହରିରାଜପୁର, ପୁରୀ
ମୋ- ୮୨୪୯୮୬୮୯୬୧

# ଜିନୋମ୍‌ର ନୂଆ ଜନନୀ

ଜିନୋମିକ୍ସର ଏଲନ୍ ମସ୍କ ଭାବେ ପରିଚିତ ଜେନିଫର ଡୁଡ୍‌ନାଙ୍କ ବିଷୟରେ ଭାରତରେ ଖୁବ୍ କମ୍ ଲୋକ ଜାଣିଥିବେ। ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏଲନ୍ ମସ୍କଙ୍କ ଭଳି ଜିନୋମ୍ ଏଡିଟିଂରେ ନୂତନ ପଦ୍ଧତି ଆବିଷ୍କାର କରି ଜେନିଫର ଔଦ୍ୟୋଗିକ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିନେଇଛନ୍ତି। ୨୦୨୦ରେ ରସାୟନ ବିଜ୍ଞାନ ପାଇଁ ଇମାନୁଏଲ୍ ଚାର୍ପେଣ୍ଟିର ଏବଂ ଜେନିଫର ଡୁଡ୍‌ନାଙ୍କୁ ନୋବେଲ ପୁରସ୍କାର ମିଳିଛି। ତେବେ ସାନ୍‌ଫ୍ରାନ୍ସିସ୍‌କୋଭିତ୍ତିକ ବୃହତ୍ ବାୟୋଇଞ୍ଜିନିୟରିଂ ଟେକ୍ 'ମାମୁଥ୍ ବାୟୋସାଇନ୍‌ସେସ୍' ୨୦୧୭ରେ ଷ୍ଟାର୍ଟ ଅପ୍ ଭାବେ ଆରମ୍ଭ ବେଳୁ ଜେନିଫର ଏହାର ସହ-ପ୍ରତିଷ୍ଠାତା ରହିଥିଲେ। ଏବେ ଏହା ୪୫ ମିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚି ସାରିଲାଣି। ଏହି ବାୟୋସାଇନ୍ସ କମ୍ପାନୀର ସାଇଣ୍ଟିଫିକ୍ ଆଡ୍‌ଭାଇଜରୀ ବୋର୍ଡର ଅଧ୍ୟକ୍ଷା ଜେନିଫର ରୋଗ ପରୀକ୍ଷଣର ନୂଆ ପଦ୍ଧତି ବାହାର କରି ଚର୍ଚ୍ଚାକୁ ଆସିଛନ୍ତି। ଇନୋଭେଟିଭ୍ ଜିନୋମିକ୍ସ ଇନ୍‌ଷ୍ଟିଚ୍ୟୁଟ୍ (ଆଇଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଜେନିଫର ମଧ୍ୟ ଦୈନିକ ଏକ ହଜାର ଟେଷ୍ଟିଂ ହୋଇପାରୁଥିବା କୋଭିଡ୍-୧୯ କେନ୍ଦ୍ର ପରିଚାଳନା କରୁଛନ୍ତି। ଆର୍‌ଟି-ପିସିଆର୍ ଟେଷ୍ଟଠାରୁ ଅଧିକ କ୍ଷୀପ୍ର ଓ କମ୍ ଖର୍ଚ୍ଚରେ କ୍ଲଷ୍ଟର୍ଡ ରେଗୁଲାର୍‌ଲି ଇଣ୍ଟରସ୍ପେଶ୍‌ଡ୍ ଶର୍ଟ ପାଲିନ୍‌ଡ୍ରୋମିକ୍ ରିପିଟ୍‌ସ (କ୍ରିସ୍ପର) ମାଧ୍ୟମ ବ୍ୟବହାର କରି ମାମୁଥ୍ ବାୟୋସାଇନ୍ସ ଖୁବ୍ ନାମ ଅର୍ଜନ କରିଛି। ଏଥିସହିତ କୃଷି, ପରିବେଶ ଅନୁଧ୍ୟାନ ଓ ଅନ୍ୟାନ୍ୟ କ୍ଷେତ୍ର ଯେଉଁଥିରେ ସଂକ୍ରମଣ ରୋଗ କାବୁ କରୁଛି (ଏହାକୁ ବାୟୋଟେରୋରିଜମ୍ ଆଖ୍ୟା ଦିଆଗଲାଣି) ତାହାର ନିରାକରଣ ବା ପ୍ରତିରୋଧକ ଭାବେ ବାୟୋଡିଫେନ୍ସ ପଦ୍ଧତି ବିକଶିତ କରାଯାଇଛି। ଏସବୁ ଦିଗରେ ଜେନିଫରଙ୍କ ଭୂମିକା ସର୍ବାଗ୍ରେ ରହିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ପୁନଶ୍ଚ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



ଜେନିଫର ଡୁଡ୍‌ନା

ଜେନିଫର ଆନେ ଡୁଡ୍‌ନା ୧୯ ଫେବୃୟାରୀ ୧୯୬୪ରେ ୱାଶିଂଟନ୍ ଡିସିରେ ଜନ୍ମଗ୍ରହଣ କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ସେ ପିଲାବେଳୁ ଆକର୍ଷିତ ଥିଲେ। ପ୍ରକୃତିର ରହସ୍ୟ ଜାଣିବା ପାଇଁ ଅନୁସନ୍ଧିତ୍ସୁ ହୋଇପଡ଼ିଥିଲେ। ପିତା ଇଂଲିଶ ସାହିତ୍ୟର ଗବେଷକ ଓ ମାତା ଶିକ୍ଷା ବିଷୟରେ ସ୍ନାତକୋତ୍ତର କରିଥିଲେ। ଫଳରେ ଜେନିଫର ସର୍ବଦା ଏକ ପଢ଼ା ପରିବେଶରେ ବଢ଼ିଥିଲେ। ଯେତେବେଳେ ସେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ ପିତା ତାଙ୍କୁ ଜେମ୍ସ ୱାଟସନ୍‌ଙ୍କ 'ଡବଲ୍ ହେଲିକ୍ସ' ପୁସ୍ତକ ପଢ଼ିବାକୁ ଦେଇଥିଲେ। ସେହି ପୁସ୍ତକ ଡିଏନ୍‌ଏ (ଡିଓକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍) ଗଠନର ଆବିଷ୍କାର ଉପରେ କେନ୍ଦ୍ରିତ ଥିଲା। ଏହା ପଢ଼ିବା ପରେ ସେ ବିଜ୍ଞାନ ପ୍ରତି ଅଧିକ ଆଗ୍ରହ ଦେଖାଇଥିଲେ। ହାଇସ୍କୁଲ ପଢ଼ିଲା ବେଳେ ତାଙ୍କୁ ରସାୟନ ବିଜ୍ଞାନ ଆକୃଷ୍ଟ କରିଥିଲା। ସେବେଠାରୁ ସେ ସେହି ବିଷୟରେ ଗବେଷଣା କରିଚାଲିଲେ। କାଲିଫର୍ନିଆସ୍ଥିତ ପୋମୋନା କଲେଜ୍ ଇନ୍ କ୍ଲାରେମୋଣ୍ଟରେ ବାୟୋକେମିଷ୍ଟ୍ରି ପଢ଼ା ଶେଷ କରିବା ପରେ ସେ ହାର୍ଭାର୍ଡ ମେଡିକାଲ ସ୍କୁଲରେ ଗବେଷଣା କରିବା ଲାଗି ଭର୍ତ୍ତି ହୋଇଥିଲେ। ୧୯୮୯ରେ ବାୟୋକେମିଷ୍ଟ୍ରି ଆଣ୍ଡ୍ ମଲିକ୍ୟୁଲାର ଫାର୍ମାକୋଲୋଜିରେ ପିଏଚ୍.ଡି କରିଥିଲେ। ଏହା ପରେ ଜେନିଫର ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲ ଏବଂ ହାର୍ଭାର୍ଡ ମେଡିକାଲ ସ୍କୁଲରେ ଜେନେଟିକ୍ସ ଉପରେ ଅଧିକ ଗବେଷଣା କରି ଫେଲୋଶିପ୍ ଅର୍ଜନ କରିଥିଲେ। ୨୦୦୨ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆରେ ବାୟୋକେମିଷ୍ଟ୍ରି ଆଣ୍ଡ୍ ମଲିକ୍ୟୁଲାର ବାୟୋଲୋଜିର ପ୍ରଫେସର ଭାବେ ଯୋଗ ଦେଇଥିଲେ। ସେତେବେଳେ ସେଠାରେ ତାଙ୍କ ସ୍ୱାମୀ ଜାମି କାଟେ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ୨୦୦୯ରେ ଅଧ୍ୟାପନାରୁ ସାମୟିକ ବିରତି ନେଇ ଜେନ୍‌ଟେକ୍ ଉପରେ ଜେନିଫର ଅଧିକ ଗବେଷଣା କରିବାକୁ ମନୋନିବେଶ କରିଥିଲେ। ହେଲେ ଦୁଇ ମାସ ପରେ ସେ ପୁଣି ୟୁନିଭର୍ସିଟିକୁ ଫେରିଆସିଥିଲେ। ଏଭଳି ଦୋଦୁଲ୍ୟମାନ ଅବସ୍ଥା କିଛିଦିନ ଗଲେ ପରେ ସେ ପୁଣି ଜିନୋମ ଗବେଷଣାରେ ଲାଗି ପଡ଼ିଲେ। ଆରମ୍ଭ ହେଲା ଜିନୋମ୍ ଏଡିଟିଂ।

ଉଲ୍ଲେଖଯୋଗ୍ୟ ଯେ, କୌଣସି ଜୀବର ଡିଏନ୍‌ଏ ପରିବର୍ତ୍ତନ କରିବାର ଜ୍ଞାନକୌଶଳପୁଞ୍ଜି ହେଉଛି ଜିନୋମ୍ ଏଡିଟିଂ। ବଂଶାନୁକ୍ରମିକ ରୋଗ ବା ଦୁରାରୋଗ୍ୟ ଆଦିର ପ୍ରତିକାର ସକାଶେ ଜିନୋମ୍ ଏଡିଟିଂ ବେଳେ ଜେନେଟିକ୍ ଉପାଦାନରେ ପରିବର୍ତ୍ତନ କରାଯାଇଥାଏ। ଏହି ପ୍ରକ୍ରିୟାରେ ଜେନେଟିକ୍ ଉପାଦାନ ମିଶାଇବା ବା ବାହାର କରିବା କିମ୍ବା ସେଗୁଡ଼ିକ ମଧ୍ୟରେ ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିଥାଏ। ସେହି ପ୍ରଯୁକ୍ତି ମଧ୍ୟରୁ ସଦ୍ୟତମ ଉଦ୍ଭାବନ ହେଉଛି କ୍ରିସ୍‌ପର କାସ୍୯। ଅଦ୍ୟାବଧି ଜିନୋମ କ୍ଷେତ୍ରରେ କରାଯାଇଥିବା ଏଡିଟିଂଠାରୁ ଏହା କମ୍ ଖର୍ଚ୍ଚରେ ଅତ୍ୟନ୍ତ ଦ୍ରୁତ ଓ ପରିଶୁଦ୍ଧ ପଦ୍ଧତି ପାଲଟିପାରିଥିବାରୁ ସବୁଆଡ଼େ ଏବେ କ୍ରିସ୍‌ପର କାସ୍୯ ବିଷୟରେ ଆଲୋଚନା ହେଉଛି। ଫଳରେ ଜେନିଫର ଏବେ ଜଣେ ବୈଜ୍ଞାନିକ ତଥା ମହିଳା ଉଦ୍ୟୋଗୀ ଭାବେ ବିଶ୍ୱର ଯୁବପିଢ଼ିଙ୍କ ପାଇଁ ଜିନୋମ୍‌ର ନୂଆ ଜନନୀ ପାଲଟି ଯାଇଛନ୍ତି।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ମାସ୍କ ଏକ ପ୍ରମୁଖ ଅସ୍ତ୍ର ଭାବେ କାମ କରୁଛି। ଏଥିପାଇଁ ବିଭିନ୍ନ ପ୍ରକାର ମାସ୍କ ତିଆରି କରାଯାଉଛି। ହେଲେ କର୍ନାଟକର ସାମାଜିକ କର୍ମୀ ନୀତିନ ଭାସ୍‌ଙ୍କ ସିଡ୍ ମାସ୍କ ସମ୍ପୂର୍ଣ୍ଣ ନିଆରା। ମାଙ୍ଗାଲୋରରେ ସେ 'ପେପର୍ ସିଡ୍ କୋ' ପ୍ରତିଷ୍ଠା କରି ତା'ମାଧ୍ୟମରେ ମାର୍ଚ୍ଚ ୨୦୨୧ରୁ ଏହି ମାସ୍କ ତିଆରି କରୁଛନ୍ତି। ଏହା ପେପର୍‌ରେ ପ୍ରସ୍ତୁତ ହେଉଛି। ଏହି ପୁନଃ ଉପଯୋଗକ୍ଷମ ମାସ୍କ ତିଆରି କରିବାରେ ଦକ୍ଷିଣ କନ୍ନଡ ଗ୍ରାମର ଲୋକମାନଙ୍କୁ ସେ ନିଯୁକ୍ତ କରିଛନ୍ତି। ମାସ୍କରେ କପଡ଼ାର ଦୁଇଟି ଷ୍ଟ୍ରାପ୍ ଲଗାଯାଇ ସେଥିରେ ମଞ୍ଜି ଖଞ୍ଜାଯାଉଛି ଓ ଏଥିରେ ତୁଳସୀ, ଟମାଟୋ, ଭେଣ୍ଡି ଓ ଅନ୍ୟ ପରିବା ମଞ୍ଜି ଖଞ୍ଜାଯାଉଛି। ସିଡ୍ ମାସ୍କ ମାଟିରେ ପକାଇଲେ ସେଥିରୁ ଗଛ ଉଠୁଛି। ସିଡ୍ ମାସ୍କ ସହ ନିମନ୍ତ୍ରଣ ପତ୍ର, ନୋଟ୍‌ପ୍ୟାଡ, ଭିଜିଟିଂ କାର୍ଡ ଏବଂ ପାମ୍ପଲେଟ ଆଦି ନୀତିନଙ୍କ କମ୍ପାନୀରୁ ପ୍ରସ୍ତୁତ କରାଯାଉଛି। ଏସବୁକୁ ମାଟିରେ ଫିଙ୍ଗିବା ପରେ ବି ସେଥିରୁ ଗଛ ହେଉଛି। ମାସ୍କ ପ୍ରସ୍ତୁତିରେ ନିଯୁକ୍ତ ଯୁବକ ଓ ମହିଳାମାନେ କଞ୍ଚାମାଲ ଯୋଗାଉଛନ୍ତି। ଏମାନଙ୍କ ମଧ୍ୟରୁ ଅନେକେ ଘରେ ରହି କାମ କରୁଛନ୍ତି। ଏବେ ସୁଦ୍ଧା 'ପେପର୍ ସିଡ୍ କୋ' ମାସ୍କ ପାଇଁ ୨ ଲକ୍ଷ ଅର୍ଡର ପାଇସାରିଲାଣି। ୧୦୦୦ଟି ଅର୍ଡର ଉପରେ ମାସ୍କ ଯୋଗାଇ ଦିଆଯାଇଛି ଓ ଅବଶିଷ୍ଟ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି କହନ୍ତି ନୀତିନ। ମାସ୍କର ମୂଲ୍ୟ ୨୫ ଟଙ୍କା ରଖାଯାଇଛି।

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।

(ସୁନା)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 9 | 3 | 1 | 7 |
| | | | | | | | | 6 |
| | | | 7 | 6 | | | | 4 |
| 4 | | | | 1 | | | 9 | 2 |
| | 1 | | | | | | | |
| | 2 | 3 | 5 | | | | | |
| | | | | | | 4 | | |
| 7 | | 1 | | 4 | 3 | | | |
| | 9 | | 8 | | 7 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 4 | 2 | 7 | 5 | 6 | 8 | 3 |
| 8 | 7 | 5 | 3 | 6 | 9 | 1 | 2 | 4 |
| 3 | 6 | 2 | 4 | 1 | 8 | 9 | 5 | 7 |
| 7 | 2 | 3 | 5 | 8 | 1 | 4 | 6 | 9 |
| 4 | 5 | 9 | 6 | 3 | 7 | 2 | 1 | 8 |
| 6 | 8 | 1 | 9 | 2 | 4 | 7 | 3 | 5 |
| 2 | 4 | 8 | 7 | 5 | 6 | 3 | 9 | 1 |
| 5 | 3 | 7 | 1 | 9 | 2 | 8 | 4 | 6 |
| 9 | 1 | 6 | 8 | 4 | 3 | 5 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବରିଷ୍ଠ ବ୍ୟକ୍ତିଙ୍କୁ ଟିକା ପ୍ରଦାନରେ ଅବହେଳା

ମହାଶୟ,

ବରିଷ୍ଠ ବ୍ୟକ୍ତିଙ୍କୁ ମାଗଣାରେ ଟିକା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ବିଦ୍ୟାଧରପୁର ଗ୍ରାମଟି ସାକ୍ଷୀଗୋପାଳରୁ ୮ କିଲୋମିଟର, ଅଳଗୁମରୁ ପ୍ରାୟ ୧୪ କିଲୋମିଟର, ପାଣିଛତ୍ରଠାରୁ ପ୍ରାୟ ୭ କିଲୋମିଟର ଦୂରତ୍ୱରେ ଅବସ୍ଥିତ। ଏହି ଗ୍ରାମ ପାଇଁ ଏହି ୩ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର ଟିକା ଦେବା ସ୍ଥାନ। କୌଣସି ଯାନବାହନ ଦ୍ୱାରା ବରିଷ୍ଠ ବ୍ୟକ୍ତି ଯାଇ ଆସିବା ଖର୍ଚ୍ଚବହୁଳ ତଥା କଷ୍ଟକର ବ୍ୟାପାର। ଏଣୁ ଏହି ଗ୍ରାମ ପାଇଁ ଗବକୁଣ୍ଡ ଆଞ୍ଚଳିକ ଚିକିତ୍ସାଳୟ ନିକଟତମ ଅଟେ। ବରିଷ୍ଠ ବ୍ୟକ୍ତିମାନେ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଏହି ଗ୍ରାମରେ ଏ.ଏନ.ଏମ୍. ସେଣ୍ଟର ଅଛି, ମାତ୍ର ନର୍ସ ଏଠାକୁ ମାସକେ ଥରଟେ ମମତା ଦିବସରେ ଆସନ୍ତି। ସରକାରୀ ହୋମିଓ ଚିକିତ୍ସାଳୟ ଅଛି, ଚିକିତ୍ସକ ବର୍ତ୍ତମାନ କେବଳ ମଙ୍ଗଳବାର ଆସୁଛନ୍ତି। ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଟିକା ନେବାକୁ ଉପଯୁକ୍ତ ସ୍ଥାନ ହେଲେ ହେଁ ଏହା କାର୍ଯ୍ୟକାରୀ ନୁହେଁ। ଏହି ଗ୍ରାମରୁ କେବଳ ଦୁଇଜଣ ସାକ୍ଷୀଗୋପାଳ ସି.ଏଚ୍.ସି.ରୁ ଟିକା ଗ୍ରହଣ କରିଛନ୍ତି। ବରିଷ୍ଠ ବ୍ୟକ୍ତି କିପରି ସହଜରେ ଟିକା ନେବେ ସେ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର,
ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚନ୍ଦ୍ରରେ ଜମି କିଣିଲେ ସେନା କର୍ମଚାରୀ

ଜଗତ୍‌ସିଂହପୁର ଅଫିସ, ୨୪।୪: ଚନ୍ଦ୍ରରେ ପୁଅ ନାଁରେ ୧ ଏକର ଜମି କିଣିଛନ୍ତି ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟରା ସୁଶଙ୍କ ଗ୍ରାମର ଅମରେନ୍ଦ୍ର ବାରିକ (୨୮)। ଅମରେନ୍ଦ୍ର ସ୍ଥଳସେନା ସିଗ୍‌ନାଲ ବିଭାଗରେ କାର୍ଯ୍ୟରତ ଥିବାବେଳେ ଶ୍ରୀନଗରରେ ଅବସ୍ଥାନ କରୁଛନ୍ତି। ମେ ୧୫ ତାରିଖରେ ତାଙ୍କ ପୁଅ ସାଇ ସ୍ୱନ୍ଦନ(କ୍ରିଶ୍)ର ପ୍ରଥମ ଜନ୍ମ ବାର୍ଷିକୀରେ ଏହି ଜମି ଉପହାର ଦେବାକୁ ସ୍ଥିର କରିଛନ୍ତି ବୋଲି ଧରିତ୍ରୀକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି,୨୦୧୯ରେ ତାଙ୍କ ବିବାହ ହୋଇଥିଲା। ସନ୍ତାନ ଜନ୍ମ ହେଲେ ତା'ନାଁରେ ଚନ୍ଦ୍ରରେ ଜମି କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସ୍ତ୍ରୀ ମୋନାଲିସା ଗର୍ଭବତୀ ହେଲା ପରେ ଅମରେନ୍ଦ୍ର ନ୍ୟୁୟର୍କସ୍ଥିତ ଇଣ୍ଟରନ୍ୟାଶନାଲ ଲୁନାର ଲ୍ୟାଣ୍ଡ୍‌ସ ରେଜିଷ୍ଟ୍ରି ସହ ଅନଲାଇନ୍‌ରେ ଯୋଗାଯୋଗ କରି ଜମି କିଣିବା ପାଇଁ ଆବେଦନ କରିଥିଲେ। ଯେଉଁଦିନ ସନ୍ତାନ ଜନ୍ମ ହେବ ସେହିଦିନ ଜମି କିଣିବା ପାଇଁ ସ୍ଥିର କରାଯାଇଥିଲା। ୧୫ ମେ ୨୦୨୦ରେ ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏହାପରେ ପୂର୍ବ ଯୋଜନା ମୁତାବକ ଅମରେନ୍ଦ୍ର ଶିଶୁପୁତ୍ର ସାଇ ସ୍ୱନ୍ଦନଙ୍କ ନାଁରେ ସେହିଦିନ ଅନଲାଇନ୍‌ରେ ଜମି ପାଇଁ ପଞ୍ଜୀକରଣ କରିଛନ୍ତି। ଏହାପରେ ତାଙ୍କୁ ଏକ ସାର୍ଟିଫିକେଟ୍ ମିଳିଛି। ଏଥିପାଇଁ ତାଙ୍କୁ ୬୧ ଆମେରିକୀୟ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୪୫୭୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଚନ୍ଦ୍ରରେ ଜମି କିଣିବାରେ ଅମରେନ୍ଦ୍ର ଜଗତ୍‌ସିଂହପୁର ଜିଲାର ପ୍ରଥମ ବ୍ୟକ୍ତି ହୋଇଥିବାରୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।

### ବିଦ୍ୟାଳୟ ବନ୍ଦ ବେଳେ ଦଶମ ଟେଷ୍ଟ ପରୀକ୍ଷା

ରାସଗୋବିନ୍ଦପୁର,୨୪।୪(ଡି.ଏନ.ଏ.): କରୋନା ସଂକ୍ରମଣ ବଢ଼ୁଥିବାରୁ ସରକାର ବିଦ୍ୟାଳୟ ବନ୍ଦ କରିଥିବା ବେଳେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ପାଇକସାହି ଗ୍ରାମର ଶ୍ରୀ ଚୈତନ୍ୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଶନିବାର ଦଶମ ଶ୍ରେଣୀ ପିଲାଙ୍କ ପ୍ରାକ୍ଟିସ୍ ଟେଷ୍ଟ ପରୀକ୍ଷା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମାଟ୍ରିକ ପରୀକ୍ଷା ବାତିଲ ପରେ ଦଶମ ଛାତ୍ରୀଛାତ୍ରଙ୍କ ୪ଟି ପ୍ରାକ୍ଟିସ ଟେଷ୍ଟ ପରୀକ୍ଷାର ରିପୋର୍ଟ ଆସନ୍ତା ସୋମବାର ସୁଦ୍ଧା ଦାଖଲ କରିବାକୁ ଡିଇଓ ଚିଠି କରିଛନ୍ତି। ଏହି ବିଦ୍ୟାଳୟରେ କେତେଜଣ ଛାତ୍ରୀଛାତ୍ର ଉକ୍ତ ଟେଷ୍ଟ ପରୀକ୍ଷା ଦେଇ ପାରି ନ ଥିଲେ। ଶନିବାର ତରବରିଆ ଭାବେ ପ୍ରଧାନ ଶିକ୍ଷକ ସେହି ପିଲାଙ୍କୁ ଡାକି ପରୀକ୍ଷା କରାଇଥିଲେ।

# କାର୍ଯ୍ୟକ୍ଷମ ହେବ ନୀଳାଚଳ ଅକ୍ସିଜେନ ପ୍ଲାଣ୍ଟ

ଯାଜପୁର ଅଫିସ,୨୪।୪



**ଧରିତ୍ରୀ ପ୍ରଭାବ**

- ୧୩ ଅଧିକାରୀ, ୧୬ କର୍ମଚାରୀଙ୍କୁ ଦାୟିତ୍ୱ ନ୍ୟସ୍ତ

ଦେଶର ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ଅଭାବରୁ ଲୋକେ ମରୁଛନ୍ତି। ନାସିକ କୋଭିଡ୍ ହସ୍ପିଟାଲରେ ବୁଧବାର ଅକ୍ସିଜେନ ଅଭାବରୁ ୨୪ ଜଣ ଏବଂ ଗତ ୪୮ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୫୦ଜଣ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଛି। ଏଭଳି ସ୍ଥିତିରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ର ଅକ୍ସିଜେନ ପ୍ଲାଣ୍ଟ ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ପଡ଼ିଛି। ଏନେଇ ଧରିତ୍ରୀରେ ଗତ ୨୩ ତାରିଖରେ 'ନୀଳାଚଳ ଅକ୍ସିଜେନ ପ୍ଲାଣ୍ଟ ଅଚଳ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ନୀଳାଚଳ କାରଖାନା କର୍ତ୍ତୃପକ୍ଷଙ୍କ ଚେତା ପଶିଛି। କାରଖାନାର ପରିଚାଳକ(ଏଚ୍‌ଆର୍‌ଏମ୍) ଏସ.କେ. ସାହୁ ଶନିବାର ଅକ୍ସିଜେନ ପ୍ଲାଣ୍ଟ ଚଳାଇବାକୁ ୧୩ ଜଣ ଅଧିକାରୀ ଓ ୧୬ ଜଣ ବୈଷୟିକ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ନୀଳାଚଳରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯିବା ସହ ଧରିତ୍ରୀକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏଚ୍‌ଆର୍‌ଏମ୍ ସାହୁଙ୍କ ନିର୍ଦ୍ଦେଶ ଅନୁସାରେ କାରଖାନା ପାୱାର ପ୍ଲାଣ୍ଟର ଡିଜିଏମ୍ ଚନ୍ଦ୍ରମଣି ଦାସ ଅକ୍ସିଜେନ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱରେ ରହିବେ। ସେ ପାୱାର ପ୍ଲାଣ୍ଟର ଜିଏମ୍ ଅଶୋକ କୁମାର ପଣ୍ଡାଙ୍କୁ ରିପୋର୍ଟ କରିବେ। ଦାୟିତ୍ୱ ଦିଆଯାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ତୁରନ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଆଇଏନ୍‌ଏଲ୍‌ରେ ୨୦୧୨ରେ ଏକ ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିଲା। ଦୈନିକ ୪୧୮ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟରୁ ୫ ପ୍ରତିଶତ ଅକ୍ସିଜେନ ହସ୍ପିଟାଲଗୁଡ଼ିକୁ ବିକ୍ରି କରିବାକୁ ଚୁକ୍ତି ରହିଥିଲା। ତଦନୁସାରେ ବୈଷୟିକ ଯନ୍ତ୍ରପାତି ସ୍ଥାପନ ହୋଇଥିଲା। ବାକି ଅକ୍ସିଜେନ କାରଖାନା କାର୍ଯ୍ୟରେ ଲାଗୁଥିଲା। ଏହି ପ୍ଲାଣ୍ଟ ପାଇଁ ୩୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୨୦୨୦ ମାର୍ଚ୍ଚ ୩୦ରୁ ଏହି କାରଖାନା ବନ୍ଦ ରହିଥିବାରୁ ଅକ୍ସିଜେନ ପ୍ଲାଣ୍ଟ ମଧ୍ୟ ବନ୍ଦ ରହିଛି। ଏଭଳି କ୍ଷେତ୍ରରେ କାରଖାନାରେ କାର୍ଯ୍ୟରତ ପ୍ରାୟ ୪ହଜାର ଅଧିକାରୀ, ଶ୍ରମିକ ଓ କର୍ମଚାରୀଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି।

କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ୧୯୮୪ରେ ଦୈତାରୀ ନିକଟରେ ଦ୍ୱିତୀୟ ଇସ୍ପାତ କାରଖାନା ସ୍ଥାପନ ପାଇଁ ଏନ୍‌ଆଇଏନ୍‌ଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ତେବେ ସମୟକ୍ରମେ ଓଡ଼ିଶା ସରକାର ଏହି କାରଖାନାକୁ ଚଳାଇବା ପାଇଁ ଏମ୍‌ଏମ୍‌ଟିସିକୁ ଭାଗୀଦାରି କରିଥିଲେ। ଏହାପରେ ଜମି ଅଧିଗ୍ରହଣ କରି ୨୦୦୦ରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏଥିରେ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଏନ୍‌ଆଇଏନ୍‌ଏଲ୍‌ରେ ଥିବା ୬ ଅଂଶୀଦାରଙ୍କ ପୁଞ୍ଜି ପ୍ରତ୍ୟାହାର ହେବ ବୋଲି ୨୦୨୦ ଜାନୁୟାରୀ ୮ରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଥିଲେ। ପରିଶେଷରେ ସେହି ବର୍ଷ ମାର୍ଚ୍ଚରେ କାରଖାନାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା।

# କଟକଣାକୁ ଫୁ, ପୋଲିସ ଉପସ୍ଥିତିରେ ଶୋଭାଯାତ୍ରା



ପୋଲିସ ସୁରକ୍ଷା ବଳୟରେ ଶୋଭାଯାତ୍ରାରେ ଅତାବିରା ବିଧାୟିକାଙ୍କୁ ନିଆଯାଉଛି।

ବରଗଡ଼ ଅଫିସ,୨୪।୪

**ଅତାବିରା ନିର୍ବାଚନ ମଣ୍ଡଳୀ**

- କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗ ଆଣିଲା କଂଗ୍ରେସ
- ଲୋକେ ଉତ୍ସାହିତ ହୋଇ ସ୍ୱାଗତ କଲେ କହିଲେ ବିଧାୟିକା

କୋଭିଡ୍ ମୁକାବିଲା ପାଇଁ କଟକଣାକୁ କଡାକଡି କରାଯାଇଛି। କିନ୍ତୁ ବରଗଡ଼ ଜିଲା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏହାକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକର ଥୁଆପାଲି ଏବଂ ଗୁରୁପାଲି ଗ୍ରାମରେ ଶୁକ୍ରବାର, ଶନିବାର ୨ଟି ଜନଗହଳି କାର୍ଯ୍ୟକ୍ରମରେ ବିଧାୟିକା ଯୋଗଦେବା ଏବଂ ଗୋଟିଏ କାର୍ଯ୍ୟକ୍ରମରେ ପୋଲିସ ଉପସ୍ଥିତିରେ ଶୋଭାଯାତ୍ରା ହେବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ ଏଭଳି ଅଭିଯୋଗ ଆଣି ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପଚାରିବାରୁ ସୀମିତ ଲୋକଙ୍କ ଗହଣରେ କୋଭିଡ୍ କଟକଣା ମଧ୍ୟରେ କାର୍ଯ୍ୟକ୍ରମ ହେବାର ଥିଲା। କିନ୍ତୁ ସ୍ଥାନୀୟ ମହିଳାମାନେ ତାଙ୍କୁ ସ୍ୱାଗତ କରିବା ପାଇଁ ସେଠାକୁ ଆସିଥିଲେ ଏବଂ ସମସ୍ତେ ମାସ୍କ ପରିଧାନ କରିଥିଲେ ବୋଲି କହିଛନ୍ତି।

# ସୀମାନ୍ତରେ ମୁହାଁମୁହିଁ ସ୍ଥିତି

- ଓଡ଼ିଶା ମାଲବାହୀ ଗାଡ଼ିକୁ ଅଟକ ରଖିଲେ ପଶ୍ଚିମବଙ୍ଗବାସୀ
- ପୋଲିସ ଉପରକୁ ବିଛୁଆତି ଫିଙ୍ଗିଲେ
- ଉତ୍ତେଜନା, ୧ ପ୍ଲାଟୁନ ଫୋର୍ସ ମୁତୟନ



ପଶ୍ଚିମବଙ୍ଗ ସୀମାରେ ଓଡ଼ିଶାର ମାଲବାହୀ ଗାଡ଼ିକୁ ଅଟକାଯାଇ ନାରାବାଜି ଦିଆଯାଉଛି।

ଭୋଗରାଇ, ୨୪।୪(ଡି.ଏନ.ଏ.)

ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ପ୍ରତି ବିପଦ ଦେଖାଦେଇଛି। ଏହି ମାରାତ୍ମକ ଭୂତାଣୁ ଅଧିକ ଘାତକ ସାବ୍ୟସ୍ତ ହେଉଥିବାରୁ ଓଡ଼ିଶା ସରକାର ଆଗୁଆ ସତର୍କତା ସ୍ୱରୂପ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲା ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରି ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ସୀମା ସିଲ୍ ପରେ ଦୁଇ ରାଜ୍ୟର ସୀମାନ୍ତବାସୀ ମୁହାଁମୁହିଁ ହୋଇଛନ୍ତି। ଜଳେଶ୍ୱର ଲକ୍ଷ୍ମଣନାଥ ଟୋଲ୍‌ପ୍ଲାଜା ଏବଂ ଭୋଗରାଇ ସାହାବାଜିପୁର ଚନ୍ଦନେଶ୍ୱର-ଦୀଘା ରାସ୍ତାରେ ପୋଲିସ ପଶ୍ଚିମବଙ୍ଗରୁ ଓଡ଼ିଶା ଅଭିମୁଖେ ଆସୁଥିବା ବହୁ ଲୋକଙ୍କୁ ଫେରାଇ ଦେଉଥିବାରୁ ପଶ୍ଚିମବଙ୍ଗବାସୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ସେମାନେ ଶୁକ୍ରବାର ସାହାବାଜିପୁର ଉଦୟପୁର ରାସ୍ତା ଡନ ଛକରେ ଓଡ଼ିଶା ପୋଲିସ ଉପରକୁ ବିଛୁଆତି ଫିଙ୍ଗିବା ସହ କରାଯାଇଥିବା ବାଡ଼କୁ ଓପାଡି ଫିଙ୍ଗିଦେଇଥିଲେ। ଶନିବାର ମଧ୍ୟ ସେମାନେ ସୀମାନ୍ତରେ ଓଡ଼ିଶାର ମାଲବାହୀ ଟ୍ରକ୍‌ଗୁଡ଼ିକୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଟକ ରଖି ନାରାବାଜି ପ୍ରଦର୍ଶନ କରିଥିଲେ। ପଶ୍ଚିମବଙ୍ଗ ସୀମାନ୍ତବାସୀଙ୍କୁ ତାଙ୍କ ପ୍ରଶାସନ ସମର୍ଥନ କରୁଥିବାରୁ ସେଠାରେ ବିସ୍ଫୋରକ ସ୍ଥିତି ଉପୁଜିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଓଡ଼ିଶାରୁ ଯାଇଥିବା ମାଲବାହୀ ଟ୍ରକ୍‌ଗୁଡ଼ିକର ଡ୍ରାଇଭର, କ୍ଲିନର ଓ କର୍ମଚାରୀମାନେ ବାରମ୍ବାର ନିବେଦନ କରିବା ପରେ ପଶ୍ଚିମବଙ୍ଗ ସୀମାନ୍ତବାସୀଙ୍କ ସହ ପ୍ରଶାସନ ଗାଡ଼ିଗୁଡ଼ିକୁ ଛାଡ଼ିଥିଲେ।

ବାଲେଶ୍ୱର ଜିଲା ସହିତ ପଶ୍ଚିମବଙ୍ଗର ପୂର୍ବ ଓ ପଶ୍ଚିମମେଦିନୀପୁର ଅଞ୍ଚଳବାସୀଙ୍କ ସମ୍ପର୍କ ଅତି ନିବିଡ଼। ଏହାବ୍ୟତୀତ ସ୍ୱାସ୍ଥ୍ୟସେବା, ବାଣିଜ୍ୟ ବ୍ୟବସାୟ, ହାଟ, ବଜାର, ପର୍ଯ୍ୟଟନ ଓ ବନ୍ଧୁବାନ୍ଧବ ପରସ୍ପର ସହଭାଗିତା ରହିଛି। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗରୁ କରୋନାର ନୂଆ ଭୂତାଣୁ ବାଲେଶ୍ୱର ଜିଲାକୁ ବ୍ୟାପିବା ଆଶଙ୍କା କରି ଓଡ଼ିଶା ସରକାର ସୀମା ସିଲ୍ କରିଛନ୍ତି। ବାଲେଶ୍ୱର ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଭୋଗରାଇର ୩୬ ଓ ଜଳେଶ୍ୱର ବ୍ଲକର ୮ଟି ରାସ୍ତାକୁ ସିଲ୍ କରି ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଥିବା ଲୋକଙ୍କ ଉପରେ ରୋକ ଲଗାଇ ୧୪ଦିନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବାକୁ ବାଧ୍ୟତାମୂଳକ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ସରକାର ସୀମା ସିଲ୍ କୋହଳ ନ କଲେ ଦୀଘାରେ କାର୍ଯ୍ୟରତ ଭୋଗରାଇ ଅଞ୍ଚଳର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ହଟାଇ ଦିଆଯିବ ବୋଲି ସେଠାକାର ଅଞ୍ଚଳବାସୀ ଓ ନେତା ଚେତାବନୀ ଦେଇଛନ୍ତି। ରବିବାରଠାରୁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ସୀମାନ୍ତରେ ଅନୁରୂପ ଭାବେ ଅନ୍ୟ ଏକ ନାକାବନ୍ଦୀ ଚେକ୍‌ପୋଷ୍ଟ କରାଯିବାର ସୂଚନା ମିଳିଛି।

No. A-68:-

**NOTICE**

To

Sri Narayan Barik,
Assistant Executive Engineer
At- Talaribandha, Po- Godi pada
Dist- Nayagarh, PIN- 752092
Mob: 9437467233

**Sub:Regarding un-authorized absent at Sunei Irrigation Sub-Division, Head Quarter at Udala**

Ref: i. This Office Letter No-2693 Dt 26.06.2019
ii. This office Letter No-3754 Dt 18.10.2019
iii. This office Letter No- 1678 Dt 7.04.2021

Sir,

This letter forms the final mode of official notice to get in touch with you so as to inform you that your unauthorized absence from the work since Dt 25.04.2019 to till date is considered as violation of official codal provision.

After long & continuous attempts to contact you over all possible means referred as above which went unanswered. Therefore you are here by directed to report in this office within a week positively from the date of publication of the notice, failing which action will be taken against you as deemed fit proper as per codal provision.

This may be treated as final communication.

**Sd./- Executive Engineer**
**Mayurbhanj Irrigation Division, Baripada**
OIPR-32158/11/0001/2122

### ଫୋର୍ଡ ଇଣ୍ଡିଆ ପକ୍ଷରୁ ଦରବୃଦ୍ଧି

ନୂଆଦିଲ୍ଲୀ,୨୪।୪: ଦେଶର ଅଗ୍ରଣୀ କାର୍ ନିର୍ମାତା ଫୋର୍ଡ ଇଣ୍ଡିଆ ବିଭିନ୍ନ ମଡେଲର ଦରବୃଦ୍ଧି କରିଥିବା ଜଣାପଡ଼ିଛି। ସାରା ଦେଶରେ ଏହି ନୂତନ ଦର ସଂଶୋଧିତ ହାରରେ ଚଳିତ ମାସଠାରୁ ଲାଗୁହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଫୋର୍ଡ ଏଣ୍ଡେଭର ଉପରେ ସର୍ବାଧିକ ୮୦ ହଜାର ଟଙ୍କା ବୃଦ୍ଧି ପାଇଥିବା ବେଳେ ଏହାର ଆସ୍ପାୟାର ଦର ସର୍ବନିମ୍ନ ୩୦୦୦ଟଙ୍କା ବଢ଼ିଥିବା ସୂଚନା ମିଳିଛି।

### ସିଏସ୍ ସୁନୀତା ମହାନ୍ତି ଫିକି ଫ୍ଲୋ ଭୁବନେଶ୍ୱର ଶାଖାର ନୂତନ ଚେୟାରମ୍ୟାନ

ଭୁବନେଶ୍ୱର,୨୪।୪: ଘରୋଇ ବାଣିଜ୍ୟକ କ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟେରି ଅଫ୍ ଇଣ୍ଡିଆ(ଫିକି)ର ସହକର୍ମୀ ସିଏସ୍ ସୁନୀତା ମହାନ୍ତି ଫିକି ଫ୍ଲୋ ଭୁବନେଶ୍ୱର ଶାଖାର ନୂତନ ଚେୟାରମ୍ୟାନ ଭାବେ ମନୋନୀତ ହୋଇଛନ୍ତି। ସେ ୨୦୨୧-୨୨ ବର୍ଷ ପାଇଁ ଏହି ପଦରେ ରହିବେ ବୋଲି ଜଣାପଡିଛି। ଫିକି ଫ୍ଲୋ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମହିଳା ୱିଙ୍ଗ୍ ଭାବେ ପରିଚିତ। ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ। ଏହା ୧୭ ଟି ପାନ୍ ଇଣ୍ଡିଆ ଯୁକ୍ତ ଶାଖା ସମେତ ସାରା ଦେଶରେ ୮୦୦୦ରୁ ଊର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ଏହା ସହ ଜଡିତ ଅଛନ୍ତି। ୨୦୨୦ ଏପ୍ରିଲରେ ଏହାର ୧୭ ତମ ଶାଖା ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା। ଏହାର ପୂର୍ବତନ ଚେୟାରମ୍ୟାନ ଧରିତ୍ରୀ ପଟ୍ଟନାୟକଙ୍କଠାରୁ ସୁନୀତା ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୩ ଟି ମୁଖ୍ୟ କ୍ଷେତ୍ର ଯଥା-ଅନ୍ତର୍ଭୁକ୍ତ, ପ୍ରେରଣା ଏବଂ ପ୍ରଭାବ ଉପରେ ପରିବର୍ତ୍ତନ ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ।

# ଏମ୍ସ ଏବେ 'ଓଡିଏମ୍ ବିଜ୍‌ନେସ ସ୍କୁଲ' ଭାବେ ନାମିତ

ଭୁବନେଶ୍ୱର,୨୪।୪

ରାଜ୍ୟର ଏକ ଅଗ୍ରଣୀ ଏମ୍‌ବିଏ କଲେଜ ଭାବେ ଜଣାଶୁଣା ଆଷ୍ଟ୍ରଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ(ଏମ୍ସ)ର ନାମ ପରିବର୍ତ୍ତନ (ରି ବ୍ରାଣ୍ଡ) କରାଯାଇଛି। ଏଇ ନିକଟରେ ଏକ ନିରାଡ଼ମ୍ବରପୂର୍ଣ୍ଣ ସଭାରେ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପକ୍ଷରୁ ଏ ସମ୍ପର୍କରେ ଘୋଷଣା ସହ ଏକ ନୂଆ ନାମରେ ଅନୁଷ୍ଠାନକୁ ନାମିତ କରାଯାଇଛି। ଓଡ଼ିଶାର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ବିଜ୍‌ନେସ ମ୍ୟାନେଜମେଣ୍ଟ ଶାଖା ଆଷ୍ଟ୍ରଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ(ଏମ୍ସ)ର ନାମ ପରିବର୍ତ୍ତନ ହୋଇ ବର୍ତ୍ତମାନ ଓଡିଏମ୍ ବିଜ୍‌ନେସ ସ୍କୁଲ ନାମରେ ନାମିତ ହୋଇଛି। ଏହାକୁ ଯଥାଶୀଘ୍ର ଆନୁଷ୍ଠାନିକ ସ୍ତରରେ ଲାଗୁ କରିବା ସହ ଏହାର ପରିଚାଳନାର ବିନା ପରିବର୍ତ୍ତନରେ ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ କୁହାଯାଇଛି। ଏହା ସମ୍ପର୍କରେ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ସିଓଓ ସ୍ୱୟମ ଶତେନ୍ଦୁ କହିଥିଲେ , ଗତ ୩ ଦଶନ୍ଧି ଧରି ଓଡ଼ିଶା ଓ ଓଡ଼ିଶା ବାହାରେ ଏହି ଅନୁଷ୍ଠାନର ନାମ ରହିଛି। ଶିକ୍ଷାଦାନଠାରୁ ଆରମ୍ଭକରି ପରିବେଶ ଏବଂ ଶିକ୍ଷାଦାନ ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇଥିବାରୁ ଏହାର ଚାହିଦା ମଧ୍ୟ ସେହି ଅନୁସାରେ ରହିଛି। ଫଳରେ ଅନୁଷ୍ଠାନର ବିଜ୍‌ନେସ ମ୍ୟାନେଜମେଣ୍ଟ ଶାଖାର ନାମକୁ ରି ବ୍ରାଣ୍ଡ କରି ନୂତନ ଭାବେ ଓଡିଏମ ବିଜ୍‌ନେସ ସ୍କୁଲ କରାଯାଇଛି। ଏହା ସବୁ ସ୍ତରରେ ଭଲ ହେବ ବୋଲି ଆଶା ଓ ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ଅନୁଷ୍ଠାନର ଏହି ବିଜ୍‌ନେସ ସ୍କୁଲ ଆଗାମୀ ଦିନରେ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ ବୋଲି ଆଶା ରହିଛି। ଅନୁଷ୍ଠାନ ବର୍ତ୍ତମାନ ସମୟରେ ଏମ୍‌ବିଏ ଏବଂ ପିଜିଡିଏମ ଭଳି ମ୍ୟାନେଜମେଣ୍ଟ ଶିକ୍ଷା ପ୍ରଦାନ କରୁଛି। ଅନୁଷ୍ଠାନର ପୂର୍ବତନ ନାମ ଏମ୍ସ ପରିବର୍ତ୍ତନ ହୋଇ ଓଡିଏମ୍ ବିଜ୍‌ନେସ ସ୍କୁଲ କରାଯାଇଥିବାରୁ ଏହାର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଅନୁଷ୍ଠାନର ନୂତନ ନାମ ଓ ୱେବ୍‌ସାଇଟରେ ସବିଶେଷ ସୂଚନା ପାଇପାରିବେ। ୨୦୨୧ ଶିକ୍ଷାବର୍ଷ ମଧ୍ୟ ଏହି ନୂତନ ନାମ ଓଡିଏମ ବିଜ୍‌ନେସ ସ୍କୁଲ ଅନୁସାରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ତହସିଲଦାରଙ୍କ କାର୍ଯ୍ୟାଳୟ, ଧରାକୋଟ, ଗଞ୍ଜାମ**
**ଲଘୁ ଖଣିଜ ପଦାର୍ଥ ଲିଜ୍ ନିମନ୍ତେ**
**ବିଜ୍ଞାପନ**

ପତ୍ର ସଂଖ୍ୟା–୧୧୦୪ ତାରିଖ– ୨୩।୦୪।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲା ଅଧୀନସ୍ଥ ଧରାକୋଟ ତହସିଲରେ ଥିବା ଢଉଗାଁ, ରସକୁମ୍ଭା ଓ କାଦଗୁଡା ତିନିଗୋଟି ପଥର ସଇରାତ ଉତ୍ସକୁ ୨୦୨୧-୨୨ ଠାରୁ ୫ ବର୍ଷ ନିମନ୍ତେ ଲିଜ୍ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ., ରକବା, ଦରଖାସ୍ତ ଗ୍ରହଣର ସମୟ ସୀମା ଏବଂ ଅନ୍ୟାନ୍ୟ ତଥ୍ୟ ସମ୍ବନ୍ଧୀୟ ସୂଚନା ଗଞ୍ଜାମ ଜିଲା ୱେବ୍‌ସାଇଟ 'http://ganjam.nic.in'ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ମଧ୍ୟ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି।

**ସ୍ୱା. - ତହସିଲଦାର, ଧରାକୋଟ**

**Government of Odisha**
**Office of the Superintending Engineer**
**Northern Circle, Rural Works, Angul**
**E-Mail - sencrwangul@yahoo.co.in, Ph.-06764 - 236404**
**Bid Identification No. PMGSY Online AGL-03/2021-22**

No. 1133 // Dt.20.04.2021

No.O-90:- 1. Name of the work : Construction of road & CD works under PMGSY Programme. 2. Total No. of Package: 02 No. individual Packages. 3. Estimated Cost of individual packages : Varies from Rs.241.70 Lakhs to Rs.291.33 Lakhs. 4. Period of completion. : As per Annexure. 5. Other details.

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works, Northern Circle, Angul | PMGSY Online AGL- 03/ 2021-22 | 02 Nos. | 27.04.2021 at 10.00 A.M. | 12.05.2021 up to 3.00 P.M. |

Further details can be seen from the website "**www.pmgsytenders.gov.in**"

**Sd./- Superintending Engineer, N.C,Rural Works, Angul**
OIPR-25049/11/0003/2122

**e-Procurement Notice for Road & Building works**
**Identification No.**
No.O-83 **Online-01/RWD-II/KJR of 2021-22**

1. Name of the work: Road works. 2. Total No. of works: 1 No. 3. Estimated cost: Approx. Estimated cost of Rs.50.00 lakhs. 4. Class of contractor: B & equivalent class as per eligibility criteria. 5. Period of completion: 2 calendar months as per financial eligibility. 6. Other details:-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o EE, RW Divn.-II, Keonjhar |
|---|---|---|---|---|---|
| | | From | To | | |
| Executive Engineer, R.W. Division,-II, Keonjhar | 01. of 21-22 | 27.04.21 at 11.00 A.M. | 07.05.21 upto 5.00 P.M. | 06.05.21 upto 5.00 P.M. | 08.05.21 at 11.00 A.M. |

Further details can be seen from the website www.tendersorissa.gov.in

**Sd./- Executive Engineer, R.W. Division-II, Keonjhar**
OIPR- 25093/11/0002/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, M. I. DIVISION, KHORDHA, KHORDHA**
**PIN-752056, Tel No. 06755-221502**
**e-Mail ID: eemidkhurda@yahoo.co.in**
**"e" Procurement Notice**
**Bid Identification No - EE MID KHD 01 /2021-22**

No. A-67: Bid documents consisting of work, estimated cost and cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1. Name of the works : Civil Construction works.
2. No. of works : 32 (Thirty two) nos.
3. Estimated Cost : Rs. 5.5 lakhs to Rs. 24.00 lakhs
4. Period of Completion : 120 days to 180 days
5. Bid cost : Rs. 4000.00 to Rs. 6000.00
6. Mode of payment : Online
7. Date & time of Availability of Bid Document in the Portal : 20.04.2021 at 11.00 A.M. to 03.05.2021 up to 5.00 P.M.
8. Last date/Time for receipt of Bid in the Portal : 03.05.2021 up to 5.00 P.M.
9. Date of opening of bid : 04.05.2021 at 11.30 A.M. onwards
10. Name & Address of the Officer Inviting the Bid : Executive Engineer, M. I. Division, Khordha

**Executive Engineer**
**M.I.Division, Khordha**
**OIPR-32042/11/0001/2122**

**OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA**
**E-mail: eerwssnpd@rediffmail.com**
**Govt. of Odisha "e" Procurement Notice**
**Bid Identification No. RWS&S_02/2021-22**

No.O-88:- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (G2 ) contract form.

Nature of Work :- Rural Piped Water Supply schemes in different villages under Nuapada district.
No. of tender :- 10 (Ten) Nos.
Approx. Estimated Cost :- Rs.104.90 Lakhs to Rs.203.55 Lakhs
Period of completion :- 08 (Eight) months
Tender cost :- Rs.10000/-
Class of contractor :- B & A
Date and time of availability of bid document in the portal :- 26.04.2021 at 10.00 A.M.
Last date /time for receipt of bids in the portal :- 05.05.2021 up to 5.00 P.M.
Date of opening of bid :- 07.05.2021 at 11.00 A.M.

The bidders have to participate in online bidding only. Further details can be seen from the website http://tendersorissa.gov.in

**Sd./- Executive Engineer, RWSS Division, Nuapada**
OIPR-25043/11/0003/2122

## କୁଆଁରମୁଣ୍ଡାରେ ପୁଣି ୭ କରୋନା ପଜିଟିଭ୍ ଚିହ୍ନଟ

କୁଆଁରମୁଣ୍ଡା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନନ୍ଦିନ ଆରଟିପିସିଆର ଓ ଆଣ୍ଟିଜେନ୍ ପରୀକ୍ଷା ଚାଲୁଛି। ପ୍ରତିଦିନ କୁଆଁରମୁଣ୍ଡା ଅଞ୍ଚଳରୁ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଶନିବାର କୁଆଁରମୁଣ୍ଡା ଅଞ୍ଚଳରୁ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀମନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହାସହ ଚଳିତ ମାସ ଆରମ୍ଭରୁ ଅଦ୍ୟାବଧି ୮୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଫଳରେ ସେମାନଙ୍କ ମଧ୍ୟରୁ ୨ଜଣ ସ୍ୱାମୀସ୍ତ୍ରୀଙ୍କୁ ରାଉରକେଲାର ହାଇଟେକ୍ କୋଭିଡ଼ ହସ୍ପିଟାଲ ଓ ଜଣେ ଗର୍ଭବତୀଙ୍କୁ ଶାନ୍ତି ମେମୋରିଆଲ କୋଭିଡ଼ କେୟାର କେନ୍ଦ୍ରକୁ ପଠାଯାଇଛି ବୋଲି ଡା.ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଦିନ ଦ୍ୱିପ୍ରହରରେ ବ୍ୟବସାୟୀଙ୍କ ଘରୁ ବାଇକ୍ ଚୋରି

କୁତ୍ରା, ୨୪।୪(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ରାଜ୍ଞିରୋଡଠାରେ ଥିବା କୁକୁଡା ବ୍ୟବସାୟୀଙ୍କ ଘରୁ ଶନିବାର ଅପରାହ୍ଣରେ ବାଇକ୍ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବାଇକ ମାଲିକ ଅଗନୁ କୁମାର ନାଗଙ୍କଠାରୁ ଜାଣିବାକୁ ମିଳିଛି ଯେ, କୋଭିଡ୍ କଟକଣା ପାଇଁ ସମଗ୍ର ରାଜ୍ଞିରୋଡ ଅଞ୍ଚଳ ବନ୍ଦ ରହିଥିବା ବେଳେ ତାଙ୍କର କୁକୁଡା ଦୋକାନ ମଧ ବନ୍ଦ ରହିଥିଲା। ସେ ଶନିବାର ମଧାହ୍ନ ୧୨ଟା ବେଳେ ତାଙ୍କ ଗାଡି ନଂ. ଓଡି୧୪ଇ ୭୩୨୪ ନିଜ ଘର ବାରଣ୍ଡାରେ ରଖି ଘରକୁ ଯାଇ ବିଶ୍ରାମ କରିଥିଲେ। ପରେ ଅପରାହ୍ଣ ୨ଟା ବେଳକୁ ସେ ଘରୁବାହାରି ଦେଖିଲା ବେଳକୁ ତାଙ୍କ ଗାଡି ବାରଣ୍ଡାରେ ନାହିଁ। ସେ ଗାଡିଟିକୁ ବିଭିନ୍ନ ଜାଗାରେ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ କୁତ୍ରା ଥାନାରେ ଅଭିଯୋଗ କରିଥିଲେ।

## ଦେହରେ କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା

ଦେବଗଡ,୨୪।୪ (ଡି.ଏନ୍.ଏ.): ପାରିବାରିକ କଳହକୁ କେନ୍ଦ୍ରକରି ଦେବଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡୁରିପୋଶି ଗ୍ରାମର ଜଣେ ମହିଳା ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ଜଣାପଡିଛି। ଗ୍ରାମର ମନିଶ ପାତ୍ରଙ୍କ ସ୍ତ୍ରୀ ଜତି ଦେହରେ କିରୋସିନ୍ ଢାଳିବା ସହ ନିଆଁଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଦେବଗଡ଼ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା

- ଠିକ୍ ଭାବେ ମିଳୁନି ଖାଦ୍ୟ, ପିଇବା ପାଣି
- ଅଭିଯୋଗ କଲେ ଦୁର୍ବ୍ୟବହାର କରୁଛନ୍ତି କର୍ମଚାରୀ

ସୁନ୍ଦରଗଡ଼, ୨୪।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ କରୋନା ମହାମାରୀକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏଣେ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଆହୁରି ଚିନ୍ତାର ବିଷୟ ହୋଇଛି। କୋଭିଡ୍ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଏନ୍‌ଟିପିସି କୋଭିଡ୍ ମେଡିକାଲ ହସ୍ପିଟାଲରେ ଠିକ୍ ଭାବେ ଖାଦ୍ୟ ଓ ପିଇବା ପାଣି ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯଦିବା କୌଣସି ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଅଭିଯୋଗ କରୁଛନ୍ତି ନିଜକୁ ସେଠାକାର ଜଣେ ପ୍ରଶାସନିକ ଅଧିକାରୀ ବୋଲାଉଥିବା ବ୍ୟକ୍ତି ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛଉ ନ ଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏପରିକି ଏହି ଏନ୍‌ଟିପିସି କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟିତ୍ୱରେ ଥିବା କହି ସମ୍ପୃକ୍ତ ଅଧିକାରୀ ସେଠାରେ ଥିବା ଅନ୍ୟ କର୍ମଚାରୀ ଓ ରୋଗୀମାନଙ୍କୁ ସବୁବେଳେ ଜିଲାପାଳଙ୍କ ଭୟ ଦେଖାଇ ଭୟଭୀତ କରୁଛନ୍ତି। ଶନିବାର କୋଭିଡ୍ ଟିକା ନେବାକୁ ନାମପଞ୍ଜିକରଣ କରିବାକୁ ଯାଇଥିବା ଜଣେ ଯୁବକଙ୍କୁ ସମ୍ପୃକ୍ତ ଅଧିକାରୀ ଓ ତାଙ୍କ ପିଲାମାନେ ଦୁର୍ବ୍ୟବହାର କରି ମାଡ଼ ମାରିଥିବା ମଧ୍ୟ ଅଭିଯୋଗ ହୋଇଛି। ଯୁବକ ଜଣକ ଟିକା ନେବା ପାଇଁ ସକାଳ ୮ଟାରୁ ଉକ୍ତ କୋଭିଡ୍ ହସ୍ପିଟାଲରେ ଯାଇ ଲାଇନ ଲଗାଇଥିଲେ। ସେ ଲାଇନରେ ୧ନଂରେ ଛିଡ଼ା ହୋଇଥିଲେ। ମାତ୍ର ତାଙ୍କୁ ୩୧ନଂ. ଟୋକନ ଦିଆଯାଇଥିଲା। ସେ ଏହାକୁ ପ୍ରତିବାଦ କରିବାରୁ ଏହି ଅଧିକାରୀଙ୍କ ପିଲାମାନେ ଯୁବକଙ୍କୁ ମାଡ଼ ମାରିଥିଲେ। ପରେ ଅଧିକାରୀ ଜଣକ ଆସି ଭୁଲ୍ ମାଗିଥିଲେ।



ସୁନ୍ଦରଗଡ଼ସ୍ଥିତ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲ।

ଏପଟେ ଜିଲାପାଳ କୋଭିଡ୍ ହସ୍ପିଟାଲ ପରିଚାଳନା ସମୀକ୍ଷା କରି ରୋଗୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ଗଣମାଧ୍ୟମ ଆଗରେ ଦୃଢୋକ୍ତି ବାଢୁଥିବା ବେଳେ ଅପରପକ୍ଷେ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କର ରୋଗୀମାନଙ୍କୁ ଓ ସାଧାରଣ ଲୋକଙ୍କ ପ୍ରତି ଏଭଳି ବ୍ୟବହାର ପ୍ରଦର୍ଶନ ପ୍ରଶାସନର କାର୍ଯ୍ୟ ଏକ ପ୍ରକାର ପ୍ରହସନ ମନେ ହେଉଛି। ଏଠାରେ ଗୁରୁତର ରୋଗୀମାନଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଉଛି। ଏଠାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଠିକ୍ ସମୟରେ ସକାଳ ଜଳଖିଆ, ମଧ୍ୟାହ୍ନଭୋଜନ, ଆବଶ୍ୟକ ପରିମାଣର ପିଇବା ପାଣି ଯୋଗାଇ ଦିଆଯାଉ ନାହିଁ। ପ୍ରତ୍ୟେକ ରୋଗୀପ୍ରତି ଦୈନିକ ୪ଲିଟର ଲେଖାଏଁ ପିଇବା ପାଣି ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିବାବେଳେ ମାତ୍ର ୨ଲିଟର ପାଣି ଦିଆଯାଉଛି। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ବାହାରୁ ପାଣିବୋତଲ କିଣି ରୋଗୀଙ୍କ ପାଖକୁ ପଠାଉଥିବା ଅଭିଯୋଗ ହୋଇଛି। ଏଠାରେ ରୋଗୀଙ୍କ ପିଇବା ପାଣି ଓ ଖାଦ୍ୟପେୟ ବାବଦ ଅର୍ଥକୁ ବାଟମାରଣା କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗର କେତେକ ଅଧିକାରୀ ଲାଗି ପଡିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମତାମତ ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ।

# ପ୍ରତିଷେଧମୂଳକ ବ୍ୟବସ୍ଥା ଲାଗି ଦାବିକଲା ରାଉରକେଲା ଶ୍ରମିକ ସଂଘ

ରାଉରକେଲା ଅଫିସ,୨୪।୪

ସମ୍ପ୍ରତି କରୋନାର ଦ୍ୱିତୀୟ ଲହରର ପ୍ରକୋପରୁ ଇସ୍ପାତ ଶ୍ରମିକ କର୍ମଚାରୀ ଏବଂ ତାଙ୍କର ପରିବାରର ସଦସ୍ୟମାନଙ୍କୁ ପ୍ରତିହତ କରିବା ପାଇଁ ୯ଟି ସତର୍କତା ଓ ପ୍ରତିଷେଧକ ମୂଳକ ବ୍ୟବସ୍ଥା ତୁରନ୍ତ ଲାଗୁ କରିବା ପାଇଁ ରାଉରକେଲା ଶ୍ରମିକ ସଂଘର ସଭାନେତ୍ରୀ ଡି.ଏସ ପାଣିକର ଦୃଢ଼ ଦାବି କରିଛନ୍ତି। ଏନେଇ ଆର୍‌ଏସ୍‌ପିର ସିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଏହାର ଏକ ନକଲ ପତ୍ର କେନ୍ଦ୍ର ଇସ୍ପାତ ମନ୍ତ୍ରୀ, ଏସଏଆଇଏଲ ଚେୟାରମ୍ୟାନଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଦାବିଗୁଡିକ ମଧ୍ୟରୁ ଆର୍‌ଏସ୍‌ପିରେ ବର୍ତ୍ତମାନ ସୁଧା ୭ ଜଣ ଆରଏସପି କର୍ମଚାରୀ କରୋନା ସଂକ୍ରମଣରୁ ମୃତ୍ୟୁବରଣ କରିଛନ୍ତି । ଅନେକ କର୍ମଚାରୀ ସଂକ୍ରମିତ ହୋଇ ଚିକିତ୍ସାଧିନ ଅଛନ୍ତି । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ପ୍ରଦାନ କରି ତାଙ୍କର ପରିବାରର ଜଣେ ଉତ୍ତରାଧିକାରୀଙ୍କୁ ଆରଏସ୍‌ପିରେ ସାନ୍ତ୍ୱନାମୂଳକ ନିଯୁକ୍ତି ପ୍ରଦାନର ବ୍ୟବସ୍ଥା ଅତିଶୀଘ୍ର ଲାଗୁ କରିବା ଓ ସେମାନଙ୍କୁ କ୍ଷତି ପୂରଣ ବାବଦରେ ଏକ ସମ୍ମାନଜନକ ବୀମାରାଶି ପ୍ରଦାନର ବ୍ୟବସ୍ଥା କରିବା ଦାବି ରହିଛି। ଏହା ସହ କରୋନାରେ ସଂକ୍ରମିତ ହୋଇଥିବା କର୍ମଚାରୀ ଓ ତାଙ୍କ ପରିବାରର ସଦସ୍ୟମାନଙ୍କ ପାଇଁ ଚିକିତ୍ସାରେ ଉନ୍ନତି ଆଣିବା ଏବଂ ସେମାନଙ୍କ ପାଇଁ ସ୍ପେଶାଲ କେୟାର ବ୍ୟବସ୍ଥା କରିବା, ବର୍ତ୍ତମାନ ଚାଲୁ ରହିଥିବା ଆଣ୍ଟିଜେନ (ଆରଏଟି) ଓ ଆରଟିପିସିଆର ଟେଷ୍ଟକୁ ତ୍ୱରାନ୍ୱିତ କରିବା, ଆଇଜିଏସରେ ଆଡମିଟ୍ ହେଉଥିବା ରୋଗୀମାନଙ୍କୁ ଉପଯୁକ୍ତ ଓ ସୁଷମ ଖାଦ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରିବା ଓ ବର୍ତ୍ତମାନ ଦିଆଯାଉଥିବା ଖାଦ୍ୟର ଗୁଣାତ୍ମକ ମାନ ବୃଦ୍ଧି କରିବା, ଆରଏସପିର ଶ୍ରମିକ କର୍ମଚାରୀ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କ ପାଇଁ ଯୁଦ୍ଧକାଳୀନ ଭିତିରେ କରୋନା ଟିକା ପ୍ରଦାନ କରିବାର ବ୍ୟବସ୍ଥା କରିବା, ନୂତନ ଭାବରେ ଉଦଘାଟିତ ହୋଇଥିବା ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲରେ ବିଶେଷଜ୍ଞ ଓ ଅଭିଜ୍ଞ ଡାକ୍ତରଙ୍କର ନିଯୁକ୍ତି ସହିତ ନର୍ସିଂ ସିଷ୍ଟର, ପାରାମେଡିକାଲ ଷ୍ଟାଫ ଓ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ବ୍ୟବସ୍ଥା କରିବା, କାର୍ଯ୍ୟକ୍ଷେତ୍ରରେ କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ବିଭିନ୍ନ ସୁରକ୍ଷା ଉପକରଣ ଓ ସାନିଟାଇଜର କ୍ରୟ କରିବା ପାଇଁ କର୍ମଚାରୀମାନଙ୍କୁ ବିଶେଷ ଭତ୍ତା ପ୍ରଦାନର ବ୍ୟବସ୍ଥା କରିବା, କୋଭିଡ ଟିକା ନେବା ପରେ ଓ ଉକ୍ତ ଦିନ ଓ ତାପରେ ହେଉଥିବା ଅସୁସ୍ଥତା ପାଇଁ ସ୍ପେଶିଆଲ ସିଏଲ ପ୍ରଦାନର ବ୍ୟବସ୍ଥା କରିବା, ସର୍ବଶେଷରେ ଆରଏସପିରେ ଉତ୍ପାଦନ ଓ ଉତ୍ପାଦକତାକୁ ବଜାୟ ରଖିବା ପାଇଁ ସର୍ବନିମ୍ନ କର୍ମଚାରୀମାନଙ୍କୁ ନେଇ ୱାର୍କ ଫ୍ରମ ହୋମ (ଡବ୍ଲୁଏଫଏଚ)ର ବ୍ୟବସ୍ଥାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଆଦି ଅନ୍ତର୍ଭୁକ୍ତ ଅଟେ । ଉପରୋକ୍ତ ପ୍ରତିଷେଧକ ମୂଳକ ପ୍ରସ୍ତାବ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଡିଏସ ପାଣିକର ଦୃଢ଼ ଦାବି କରିଛନ୍ତି ।

# ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଦେବଗଡ଼, ୨୪।୪(ଡି.ଏନ୍.ଏ.)

ଦେବଗଡ଼ ପୌରାଞ୍ଚଳର କନକଦୁର୍ଗା ମନ୍ଦିର ସମ୍ମୁଖ ପଡ଼ିଆରୁ ଶନିବାର ଜଣେ ଯୁବକଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ନାମ ବିଶ୍ୱ ନାୟକ ଓ ସେ ମଠସାହିର ଆର୍ତ୍ତ ନାୟକଙ୍କ ପୁଅ। ବିଶ୍ୱ ମଠସାହିରେ ଏକ ଭଡ଼ାଘରେ ରହୁଥିବାବେଳେ ଶୁକ୍ରବାର ରାତିରେ କୌଣସି କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରି ଘରୁ ଚାଲିଯାଇଥିଲେ। ଶନିବାର ସକାଳ ପର୍ଯ୍ୟନ୍ତ ବିଶ୍ୱ ନିଜ ଘରକୁ ଫେରି ନ ଥିଲେ। ତାଙ୍କ ସ୍ତ୍ରୀ ପ୍ରତ୍ୟୁଷରୁ ଉଠି କାମ କରିବା ନିମନ୍ତେ ଅନ୍ୟତ୍ର ଚାଲି ଯାଇଥିଲେ। ତେବେ କେତେକ ସାହିବାସିନ୍ଦା ଶୌଚ ପାଇଁ ଉକ୍ତ ପଡ଼ିଆକୁ ଯାଇଥିବାବେଳେ ସେଠାରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ସୂଚନାପାଇ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି। ସ୍ତ୍ରୀ ସହ କଳହକୁ କେନ୍ଦ୍ରକରି ବିଶ୍ୱ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ମହାପାତ୍ର ପ୍ରକାଶ କରିଛନ୍ତି।

# ସାପ୍ତାହିକ ହାଟରେ ଲାଗିଲା କଟକଣା

ଲହୁଣୀପଡା, ୨୪।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଲହୁଣୀପଡା ପୋଲିସ ଓ ବ୍ଲକ ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କୁ ସଚେତନତା ସୃଷ୍ଟି କରିବା ସହିତ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରୁଛନ୍ତି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ଓ ରାଜାମୁଣ୍ଡା ପଞ୍ଚାୟତର ଗମଲେଇଠାରେ ବସୁଥିବା ଶନିବାର ସାପ୍ତାହିକ ଗୋରୁ ହାଟରେ ନିୟମକୁ କଡାକଡି ଭାବେ ଲାଗୁ କରାଯାଇଛି। ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ ରାଜାମୁଣ୍ଡା ପଞ୍ଚାୟତ ସରପଞ୍ଚ ମୁରଲୀଧର ମୁଣ୍ଡାଙ୍କ ସହିତ ବିସ୍ତୃତ ଆଲୋଚନା କରିଥିବା ବେଳେ ଖୁଣ୍ଟଗାଁ ସାପ୍ତାହିକ ହାଟରେ କେବଳ ପରିବା ବ୍ୟତୀତ ଅନ୍ୟ ଦୋକାନୀମାନଙ୍କୁ ନ ବସାଇ ଫେରେଇ ଦିଆଯାଇଥିବା ଜଣାପଡ଼ିଛି। ଗମଲେଇ ସାପ୍ତାହିକ ହାଟରେ କେବଳ ପରିବା ଦୋକାନୀ ବସିବେ ବୋଲି ଶନିବାର ହାଟରେ ପଞ୍ଚାୟତ ତରଫରୁ ମାଇକ ଯୋଗେ ସୂଚନା ଦିଆଯାଇଛି। ଶସ୍ୟକଳା ପଞ୍ଚାୟତର ବରସୁଆଁ ଠାରେ ବସୁଥିବା ରବିବାର ଓ ଶୁକ୍ରବାର ସପ୍ତାହିକ ହାଟରେ କେବଳ ପନିପରିବା ବସିବ ବୋଲି ସରପଞ୍ଚ ଶୁଶିଳା ମୁଣ୍ଡା ନୋଟିସ ଜାରି କରିଛନ୍ତି । ଲହୁଣୀପଡା ଠାରେ ବସୁଥିବା ସାପ୍ତାହିକ ରବିବାର ଓ ବୁଧବାର ହାଟକୁ ଦୁଇ ଭାଗ କରି ବ୍ଲକ ପଡିଆରେ ଆଞ୍ଚଳିକ ପରିବା ଦୋକାନୀମାନେ ବସି ପାରିବେ।

# କରୋନା ରୋଗୀଙ୍କ ସୁବିଧା କରାଯାଉ

ସୁନ୍ଦରଗଡ଼, ୨୪।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ବଢିଚାଲିଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି କରୋନା ଆକ୍ରାନ୍ତ ଲୋକଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ବିଜେଡି (ବିଜୁ ଜନତା ଦଳ) ପକ୍ଷରୁ ଦାବି ହୋଇଛି। ଶୁକ୍ରବାର ବିଜେଡି ପ୍ରତିନିଧି ଦଳ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। ସୁନ୍ଦରଗଡ଼ରେ ଲୋକେ କୋଭିଡ ଟେଷ୍ଟ ପାଇଁ ଏନ୍‌ଟିପିସି କୋଭିଡ ମେଡିକାଲରେ ଲମ୍ବା ଧାଡିରେ ଘଣ୍ଟାଘଣ୍ଟା ଅପେକ୍ଷା କରି ଆଣ୍ଟିଜେନ ଟେଷ୍ଟ ରିପୋର୍ଟ କିଛି ଘଣ୍ଟା ମଧ୍ୟରେ ପାଇଯାଉଥିବା ବେଳେ ଏଠାରେ ଆର୍‌ଟିପିସିଆର ଟେଷ୍ଟ ସୁବିଧା ନ ଥିବାରୁ ଏହାର ଟେଷ୍ଟ ରିପୋର୍ଟ ୩/୪ ଦିନ ପରେ ରାଉରକେଲାରୁ ଆସୁଛି। ରିପୋର୍ଟ ନ ଆସିବା ଯାଏ ସଂକ୍ରମିତ ରୋଗୀ ଚିନ୍ତାରେ ରହୁଛନ୍ତି। ତେଣୁ ଏଠାରେ ଆରଟିପିସିଆର ଟେଷ୍ଟ ସୁବିଧା କରାଯିବାକୁ ଦାବି କରାଯାଇଛି। ସେହିପରି କୋଭିଡ୍ ସଂକ୍ରମିତ ଗୁରୁତର ରୋଗୀଙ୍କୁ ରାଉରକେଲାସ୍ଥିତ କୋଭିଡ ମେଡିକାଲକୁ ଉଚ୍ଚତର ଚିକିତ୍ସା ପାଇଁ ପଠାଯାଉଛି। କାରଣ ଏଠାରେ ଆଇସିୟୁ ସହିତ ଭେଣ୍ଟିଲେଟର ସୁବିଧା ନାହିଁ। ତେଣୁ ଏଠାରେ ଆଇସିୟୁ ଓ ଭେଣ୍ଟିଲେଟର ସୁବିଧା, କରୋନାଜନିତ ମୃତ୍ୟୁ ସଂଖ୍ୟା ବଢିଚାଲିଥିବାରୁ ଶବଦାହ ପାଇଁ ଅନେକ ସମୟରେ ଜାଳେଣି କାଠର ଅଭାବ ଯୋଗୁ ଶବଦାହରେ ବିଳମ୍ବ ହେଉଛି। ଏଣୁ ରାଣୀବଗିଚା ସ୍ୱର୍ଗଦ୍ୱାରଠାରେ ଶବଦାହ ପାଇଁ ବିଦ୍ୟୁତ୍ ଚୁଲା ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ବିଜେଡି ନେତା ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ଗୋପ ମହାନ୍ତି, ଜିଲା କୃଷକ ସେଲର ସମ୍ପାଦକ ସୁନୀଲ ମହାପାତ୍ର, ଅନୀଲ ମହାପାତ୍ର, ମୁକେଶ ପଟେଲ, ଅଭୟ କୁଲୁ, ବରୁଣ ବାଘ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।


ବିଜେଡି ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

**ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ**

# ବିଶୋଧନ ହେଲା ସୁନ୍ଦରଗଡ଼ ସହର


ସୁନ୍ଦରଗଡ଼ ସହରକୁ ବିଶୋଧନ କରାଯାଉଛି।

ସୁନ୍ଦରଗଡ, ୨୪।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାରେ କରୋନା ଗ୍ରାଫ ହୁହୁ ହୋଇ ବଢୁଥିବାବେଳେ ଗତ ୨୪ଘଣ୍ଟା ମଧ୍ୟରେ ପୁଣି ୭୮୮ କରୋନା ପଜିଟିଭ ଚିହ୍ନଟ ହୋଇ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇ ରାତ୍ରିକାଳୀନ କର୍ଫ୍ୟୁ ଜିଲାରେ ବଳବତ୍ତର ରହିଛି। ସପ୍ତାହନ୍ତ ଶଟଡାଉନ, ମାସ୍କ ଚେକିଂକୁ କଡାକଡି କରାଯାଇଛି। ସପ୍ତାହନ୍ତ ଶଟଡାଉନର ଦ୍ୱିତୀୟ ସପ୍ତାହରେ ଶନିବାର ସହରର ବିଭିନ୍ନ ରାସ୍ତାଘାଟ୍ ଶୂନ୍‌ଶାନ ହୋଇଥିଲା। ପୋଲିସ-ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରାଯାଇ ପଦାକୁ ବାହାରିଥିବା ଅମାନିଆମାନଙ୍କୁ କଡା ତାଗିଦ କରି ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ପୂର୍ବାପେକ୍ଷା ଏହି ଶଟଡାଉନ୍‌ରେ ଲୋକେ ସଚେତନ ହୋଇ ଘରେ ରହିଥିବା ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ପ୍ରକାଶ କରିଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ଓ ବିଧାୟିକା କୁସୁମ ଟେଟେଙ୍କ ଉଦ୍ୟମ କ୍ରମେ ସୁନ୍ଦରଗଡ଼ ସହରର ବିଭିନ୍ନ ଅଞ୍ଚଳକୁ ବିଶୋଧନ କରାଯାଇଛି। ଏମ୍‌ସିଏଲର ବିଶୋଧନ ଗାଡିକୁ ଅଣାଯାଇ ଇଭ୍ ନଗର, ମେଡିକାଲ ଛକ ଠାରୁ ସରକାରୀ ମହିଳା ମହାବିଦ୍ୟାଳୟ, ମେଡିକାଲ ଛକଠାରୁ ଏନ୍‌ଟିପିସି ମେଡିକାଲ କଲେଜ କୋଭିଡ ହସ୍ପିଟାଲ ପର୍ଯ୍ୟନ୍ତ ଏବଂ ସହରର ବିଭିନ୍ନ ସ୍ଥାନକୁ ବିଶୋଧନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବନେତା ଶୋଭନ ହୋତା, ଅଂଶୁଳ ପଟେଲ, ସାଗର ସାହୁ, ଗୋଲଡି ସିଂ, ଟିକିନା ଧଳ, କିରଣ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

**୨୪ଘଣ୍ଟାରେ ପୁଣି ୭୮୮ କରୋନା ପଜିଟିଭ**

# ସପ୍ତାହାନ୍ତ ଶଟ୍‌ଡାଉନ: ଶୂନ୍‌ଶାନ ଦେବଗଡ଼ ସହର

ଦେବଗଡ଼,୨୪।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଘୋଷିତ ୨ ଦିନିଆ ସପ୍ତାହାନ୍ତ ଶଟଡାଉନ ପରିପ୍ରେକ୍ଷୀରେ ପ୍ରଥମ ଦିବସରେ ଶନିବାର ଦେବଗଡ଼ ସହର ଶୂନ୍‌ଶାନ ରହିଛି। ଶନିବାର ସକାଳେ ଅଳ୍ପ ସମୟ ପର୍ଯ୍ୟନ୍ତ ଦେବଗଡ଼ ପୌରାଞ୍ଚଳରେ କେବଳ କ୍ଷୀର ଦୋକାନଗୁଡିକ ଖୋଲା ରହିଥିଲା। ଦୈନିକ ବଜାର ସମେତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଔଷଧ ଦୋକାନ ଏବଂ ଜରୁରୀ ସେବା ଖୋଲା ରହିଥିଲା। ସରକାରଙ୍କ ଶଟଡାଉନ ଆଦେଶକୁ ସମ୍ମାନ ଜଣାଇ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ନିଜ ଘରୁ ବାହାରକୁ ବାହାରୁ ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ଯାତ୍ରୀବାହୀ ଯାନବାହାନ ଚଳାଚଳ ମଧ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ତେବେ ଜରୁରୀକାଳୀନ କାମ ନିମନ୍ତେ ପୌରାଞ୍ଚଳରେ କାଁଭାଁ ଯାନବାହାନ ଚଳାଚଳ ହେଉଥିଲା। ଜିଲା ପୋଲିସ ପକ୍ଷରୁ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୨ପ୍ଲାଟୁନ ପୋଲିସ ଫୋର୍ସ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ମୁତୟନ ହୋଇ ଯାନବାହାନ ଯାଞ୍ଚ କରିବା ସହ ଅମାନିଆଙ୍କୁ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା।


ଦେବଗଡ଼ ସହର ଶୂନ୍‌ଶାନ ରହିଛି।

# ସପ୍ତାହାନ୍ତ ଶଟ୍‌ଡାଉନକୁ ମାନୁନାହାନ୍ତି ଅମାନିଆ

କୁଆଁରମୁଣ୍ଡା,୨୪।୪(ଡି.ଏନ୍.ଏ.)

ଶନିବାର ଥିଲା ସୁନ୍ଦରଗଡ଼ ଜିଲାରେ ୨ୟ ସପ୍ତାହାନ୍ତ ଶଟ୍‌ଡାଉନ ଦିବସ। ଏହି ସମୟରେ ଜିଲାର କୁଆଁରମୁଣ୍ଡା ବ୍ଲକ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥକୁ ଦେଖିଲେ ଏହି ଅଞ୍ଚଳରେ ଶଟ୍‌ଡାଉନ୍ ହୋଇଥିବା ଭଳି ଜଣାପଡୁନାହିଁ। କେବଳ ଦୋକାନ, ବଜାର ବନ୍ଦ ରହିଥିବା ବେଳେ କେତେକ ଦୋକାନୀ ଆଗରେ ତାଲା ପକାଇ ପଛ ପଟରେ ଦୋକାନ ଖୋଲି କାରବାର ଚାଲୁ ରଖିଛନ୍ତି। ସେହିପରି କାର୍, ବାଇକ୍ ଇତ୍ୟାଦି ଖୁଲମଖୋଲା ଚଳପ୍ରଚଳ କରୁଥିବା ଦେଖାଯାଇଛି। ସାଧାରଣ ଲୋକେ ମଧ୍ୟ ଅବାଧରେ ରାସ୍ତାଘାଟ, ବଜାର ଇତ୍ୟାଦିରେ ଖୁଲମ୍‌ଖୋଲା ବୁଲାବୁଲି କରୁଛନ୍ତି। ପ୍ରଥମ ସପ୍ତାହାନ୍ତ ଶଟ୍‌ଡାଉନ୍ ଆରମ୍ଭ ହୋଇଥିବା ଶନିବାର ଯେତିକି ଦୋକାନୀ ମାନିଥିଲେ ଆଜିର ଶଟ୍‌ଡାଉନ୍‌ରେ ଏଥିରେ ଫରକ୍ ଦେଖାଯାଇଛି। କେତେକ ଅମାନିଆ ଦୋକାନୀ ଦୋକାନ ଖୋଲାକରି ନିଜର ବେପାର କରୁଥିବା ଦେଖାଯାଇଛି। ସମାନ ଘଟଣା ମଧ୍ୟ ଯମୁନାନାକି, ବଜରଙ୍ଗ ଛକ, ଗୋବିରା, ବୀରମିତ୍ରପୁର ପୌରାଞ୍ଚଳ ଅନ୍ତର୍ଗତ ଚାଇନାଟାଉନ୍, ରାଏବୋଗା ରୋଡ ଇତ୍ୟାଦି ଅଞ୍ଚଳରେ ଦେଖିବାକୁ ମିଳିଛି। ତେଣୁ ଶଟ୍‌ଡାଉନ୍ ସମୟରେ ଅମାନିଆ ଦୋକାନୀଙ୍କ ସହ ବିନା କାରଣରେ ବେପରୁଆଭାବେ ବୁଲାବୁଲି କରୁଥିବା ଅମାନିଆଙ୍କ ଉପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଜରୁରୀ ଆବଶ୍ୟକତା ରହିଛି। ନଚେତ୍ ଯେଉଁ ଉଦ୍ଦେଶ୍ୟରେ ସପ୍ତାହାନ୍ତ ଶଟ୍‌ଡାଉନ୍ କରାଯାଉଛି ତାହା ଯେ ନିଶ୍ଚିତଭାବେ ନିଷ୍ଫଳ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଶନିବାର ଶଟଡାଉନ୍ ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ମେନ୍ ମାର୍କେଟରେ ଲୋକେ ବୁଲାବୁଲି କରୁଛନ୍ତି।

# ଏମ୍‌କେସିଜି କୋଭିଡ୍ ହସ୍ପିଟାଲରେ ଜିଲାପାଳ

## ସ୍ୱାସ୍ଥ୍ୟସେବା, ଖାଦ୍ୟ ସମ୍ପର୍କରେ ବୁଝିଲେ

## ଅକ୍ସିଜେନ୍ ଅଭାବ ଗୁଜବ, ମିଥ୍ୟା



ପାଠ ପଢୁଥିବା ରୋଗୀଙ୍କ ସମସ୍ୟା ବୁଝୁଛନ୍ତି ଜିଲାପାଳ।

**ଛତ୍ରପୁର,୨୪।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ବ୍ରହ୍ମପୁର ଏମ୍‌କେସିଜି କୋଭିଡ୍ ହସ୍ପିଟାଲକୁ ଅଚାନକ ପରିଦର୍ଶନ କରିବାକୁ ଯାଇଥିଲେ। ପିପିଇ କିଟ୍ ପିନ୍ଧି ଜିଲାପାଳ ଉକ୍ତ କୋଭିଡ୍ ହସ୍ପିଟାଲ ମଧ୍ୟକୁ ପ୍ରବେଶ କରି ବିଭିନ୍ନ ୱାର୍ଡ ବୁଲିଥିଲେ। ତାଙ୍କ ସାଙ୍ଗରେ ଡାକ୍ତରମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। କେତେକ ରୋଗୀ ଅକ୍ସିଜେନ୍ ନେଉଥିଲେ ଏବଂ ଅନ୍ୟ କେତେଜଣ ଶଯ୍ୟାରେ ବସିଥିଲେ। ଏପରିକି କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକ ଶଯ୍ୟାରେ ବସି ଚାଟାର୍ଡ ଆକାଉଣ୍ଟାଣ୍ଟ ପାଠ ପଢୁଥିବା ଜିଲାପାଳ ଦେଖିବାକୁ ପାଇଥିଲେ। ସେ ତାଙ୍କ ପରିଦର୍ଶନ ଓ ରୋଗୀଙ୍କ ସହ ଆଲୋଚନା ବେଳର ଫଟୋ ସହ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ କରୋନା ରୋଗୀଙ୍କୁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ବେଳର ଏକ ଭିଡିଓ ମଧ୍ୟ ଗଣମାଧ୍ୟମକୁ ପ୍ରଶାସନ ପକ୍ଷରୁ ଦିଆଯାଇଛି। କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଡାକ୍ତର ନିୟମିତ ଆସୁଛନ୍ତି କି ନାହିଁ, ଖାଇବା କେମିତି ମିଳୁଛି ଏବଂ ପରିମଳ ଓ ସଫେଇ ବ୍ୟବସ୍ଥା କିପରି ଅଛି ବୁଝୁଥିବା ଉକ୍ତ ଭିଡିଓରୁ ଜଣାପଡିଛି। ରୋଗୀମାନେ ସବୁଥିରେ ସନ୍ତୋଷ ବ୍ୟକ୍ତ କରିଥିବା ଜିଲାପାଳ କହିଛନ୍ତି। ଏଥିସହ ସେଠାରେ କୌଣସି ଅକ୍ସିଜେନ୍ ସମସ୍ୟା ନ ଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଦଳର ନେତା ଏମ୍‌କେସିଜି କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ୍ ଯୋଗାଣ ଠିକ୍ ନ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଥିଲେ। ଏହା ଏକ ଗୁଜବ ଓ ମିଥ୍ୟା ଖବର ଏବଂ ମୁଁ ନିଜେ ଏମ୍‌କେସିଜି କୋଭିଡ୍ ହସ୍ପିଟାଲକୁ ପରିଦର୍ଶନରେ ଯାଇ ସ୍ଥିତି ଯାଞ୍ଚ କରିଛି ବୋଲି ଜିଲାପାଳ ଏହାର ଉତ୍ତର ଟୁଇଟର ମାଧ୍ୟମରେ ଦେଇଥିଲେ। ଆମ ପାଖରେ ପର୍ଯ୍ୟାପ୍ତ ଅକ୍ସିଜେନ୍ ଥିବା ସମ୍ପର୍କରେ ଗଣମାଧ୍ୟମକୁ ସେ ସୂଚନା ଦେଇଛନ୍ତି।

# ଔଷଧ ଦୋକାନରେ ଗୁଟ୍‌ଖା, ସିଗାରେଟ୍ ବିକ୍ରି

- ମାଲିକଙ୍କ ସମେତ ୩ ଅଟକ
- ୭ ଦିନ ପାଇଁ ସିଲ୍, ୨୫ ହଜାର ଜରିମାନା




**ଭଦ୍ରକ ଅଫିସ, ୨୪।୪**

ଔଷଧ ଦୋକାନରେ ବିକ୍ରି ହେଉଥିଲା ଗୁଟ୍‌ଖା ଓ ସିଗାରେଟ୍। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୩ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଔଷଧ ଦୋକାନକୁ ୭ ଦିନ ପାଇଁ ସିଲ୍ କରାଯାଇଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଏଭଳି ଘଟଣା ଘଟିଛି।

ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଶନିବାର ଦୋକାନ ବଜାର ବନ୍ଦ ଥିବାବେଳେ ଏହାର ସୁଯୋଗ ନେଇ ଚୋରାରେ ଗୁଟ୍‌ଖା ଓ ସିଗାରେଟ୍ ବିକ୍ରି ହେଉଥିଲା। ଜିଲା ମୁଖ୍ୟ ଡାକ୍ତରଖାନା ନିକଟ ଦିନଦୟାଲ ମେଡିସିନ ଷ୍ଟୋରରେ ଏହା ବିକ୍ରି ହେଉଥିବା ଖବର ପାଇ ଟାଉନ ପୋଲିସ ଓ ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଭଦ୍ରକ ଉପଜିଲାପାଳ ପିତାମ୍ବର ସାମଲ ଓ ଅନ୍ୟ ଅଧିକାରୀଙ୍କ ସହ ଟାଉନ ପୋଲିସ ଚଢ଼ାଉ କରି ଦୋକାନରୁ ଗୁଟ୍‌ଖା ଓ ସିଗାରେଟ୍ ଜବତ କରିଥିଲେ। ଔଷଧ ଦୋକାନ ମାଲିକ ଓ କର୍ମଚାରୀଙ୍କ ସମେତ ୩ ଜଣଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଛି। ଦୋକାନକୁ ସିଲ୍ ସହ ୨୫ ହଜାର ଟଙ୍କା ଜରିମାନା କରାଯାଇଥିବା ଟାଉନ ଥାନା ଆଇଆଇସି ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି।

# ରବିଧାନ ସଂଗ୍ରହ ପାଇଁ ମାର୍ଗଦର୍ଶିକା

## ମେ’ ମାସ ପ୍ରଥମ ସପ୍ତାହରୁ ହେବ ସଂଗ୍ରହ

### ଟୋକନ ପାଇବାର ୭ ଦିନରେ ଚାଷୀ ମଣ୍ଡିକୁ ଧାନ ଆଣିବେ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ରାଜ୍ୟର ୧୭ଟି ଜିଲାରେ ମେ’ ମାସ ପ୍ରଥମ ସପ୍ତାହରୁ ରବିଧାନ ସଂଗ୍ରହ ଆରମ୍ଭ ହେବ। ଚଳିତ ରବିଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରତ୍ୟେକ ସୋସାଇଟିର ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ଚାଷୀଙ୍କଠାରୁ ଅନ୍‌ଲାଇନ୍‌ରେ ପି-ପାସ୍ ଓ ଆଗୁଆ ଟୋକନ ପ୍ରଦାନ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଜିଲାପାଳଙ୍କ ଅନୁମୋଦନ କ୍ରମେ ସୋସାଇଟି ନିମନ୍ତେ ମିଲରମାନଙ୍କୁ ନିୟୋଜିତ କରିବେ। ମିଲରମାନେ ସଂଯୁକ୍ତ ହୋଇଥିବା ସୋସାଇଟିରୁ କେତେ ପରିମାଣର ଧାନ ଉଠାଣ କରିପାରିବେ ସେ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀମାନେ ଲକ୍ଷ୍ୟଧାର୍ଯ୍ୟ କରିବେ। ଏଥିସହିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ଅନୁସାରେ ଚାଷୀମାନଙ୍କ ପାଇଁ ଧାନ ବିକ୍ରିର ସର୍ବୋଚ୍ଚ ସୀମା ଓ ମଣ୍ଡିର ଧାର୍ଯ୍ୟଲକ୍ଷ୍ୟ ସମ୍ପର୍କରେ ଅନ୍‌ଲାଇନ୍ ମାଧ୍ୟମରେ ସୂଚିତ କରାଯିବ। ଜିଲାସ୍ତରରେ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ସପ୍ତାହର କେଉଁ କେଉଁ ଦିବସରେ ଧାନ ସଂଗ୍ରହ କରାଯିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଚାଷୀମାନଙ୍କ ନିକଟକୁ ଧାନ ସଂଗ୍ରହ ବାବଦରେ ଏସ୍‌ଏମ୍‌ଏସ୍ ସୂଚନା ପ୍ରଦାନ କରାଯିବ। ଏଥିରେ ଚାଷୀମାନେ କେଉଁଦିନ କେତେ ପରିମାଣର ଧାନ ଆଣିବେ ସେ ସମ୍ପର୍କରେ ସୂଚିତ କରାଯାଇ ୭ ଦିନ ପୂର୍ବରୁ ଚାଷୀଙ୍କ ନିକଟକୁ ପ୍ରେରଣ କରାଯିବ। ୭୦ପ୍ରତିଶତ ଏସ୍‌ଏମ୍‌ଏସ୍ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏବଂ ୩୦ ପ୍ରତିଶତ ମଧ୍ୟମ ଓ ବୃହତ୍ ଚାଷୀମାନଙ୍କୁ ଏସ୍‌ଏମ୍‌ଏସ୍ ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ରବିଧାନ ସଂଗ୍ରହ ନିମନ୍ତେ ଏସ୍‌ଏମ୍‌ଏସ୍‌ର ୧୫ ଦିନ ପର୍ଯ୍ୟନ୍ତ ବୈଧତା ରହିବ। ଯଦି ଚାଷୀ ଏସ୍‌ଏମ୍‌ଏସ୍ ପାଇବାର ୭ ଦିନ ମଧ୍ୟରେ ମଣ୍ଡିକୁ ଧାନ ନ ଆଣିଲେ,ପରବର୍ତ୍ତୀ ୫ ଦିନ ମଧ୍ୟରେ ମଣ୍ଡିକୁ ଧାନ ଆଣିବା ପାଇଁ ମୋବାଇଲ୍‌ରେ ଆଉ ଏକ ମେସେଜ୍ ପଠାଯିବ। ଏହାଦ୍ୱାରା ଅସାଧୁ ବ୍ୟକ୍ତି ମଣ୍ଡିକୁ ଅନଧିକୃତ ଧାନ ଆଣିବା ଉପରେ ନଜର ରଖାଯାଇପାରିବ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଅଧିକ ରବିଧାନ ସଂଗ୍ରହ କରାଯାଇପାରିବ ସେ ଦିଗରେ ଅଗ୍ରାଧିକାର ଦିଆଯାଇଛି। ମାର୍ଗଦର୍ଶିକାଗୁଡ଼ିକୁ କଡ଼ାକଡ଼ି ଭାବେ ଅନୁପାଳନ କରି ସଂଗ୍ରହରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପୂର୍ବତଟ ରେଳପଥ ଦେଇ ଦୁଇ ଯୋଡ଼ା ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର, ୨୪।୪ (ବ୍ୟୁରୋ)**

ପୂର୍ବତଟ ରେଳପଥ ପରିସୀମା ଦେଇ ବାଙ୍ଗାଲୋରରୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ଦୁଇ ଯୋଡା ଦୂରଗାମୀ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ୦୨୫୧୬/୦୨୫୧୫ ଅଗରତାଲା-ବାଙ୍ଗାଲୋର କ୍ୟାଣ୍ଟ-ଅଗରତାଲା ସ୍ପେଶାଲ ଟ୍ରେନ୍ ଏପ୍ରିଲ ୨୪ରୁ ମେ ୧୧ ମଧ୍ୟରେ ଅଗରତାଲାରୁ ପ୍ରତି ମଙ୍ଗଳବାର ଓ ଶନିବାର ସକାଳ ୫ଟା ୩୫ ମିନିଟ୍‌ରେ ଛାଡିବ। ସେହିପରି ବାଙ୍ଗାଲୋର କ୍ୟାଣ୍ଟରୁ ଆସନ୍ତା ୨୭ ତାରିଖରୁ ୧୪ ମେ ମଧ୍ୟରେ ପ୍ରତି ଶୁକ୍ରବାର ଓ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୫ରେ ଛାଡିବ। ୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୁଆହାଟୀ-ଯଶୋବନ୍ତପୁର ସାପ୍ତାହିକ ସ୍ପେଶାଲ ଟ୍ରେନ୍ ଯଶୋବନ୍ତପୁରରୁ ଏପ୍ରିଲ ୨୩ରୁ ଜୁନ୍ ୨୫ ମଧ୍ୟରେ ପ୍ରତି ଶୁକ୍ରବାର ରାତି ୧୦ଟା ୪୦ରେ ଛାଡିବ ଓ ଗୁଆହାଟୀରୁ




ଏପ୍ରିଲ୨୬ରୁ ଜୁନ୍ ୨୮ମଧ୍ୟରେ ପ୍ରତି ସୋମବାର ରାତି ୭ଟା ୩୫ରେ ଛାଡିବ।

ଅନ୍ୟପକ୍ଷରେ ଭିଲୁପୁରମ୍‌ରୁ ପୁରୁଲିଆ ଓ ଖଡଗପୁର ମଧ୍ୟରେ ଚଳାଚଳ କରିବାକୁ ଥିବା ସ୍ପେଶାଲ ଟ୍ରେନ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଚଳାଚଳ କରିବ। ୦୬୧୭୦/୦୬୧୬୯ ଭିଲୁପୁରମ୍-ପୁରୁଲିଆ-ଭିଲୁପୁରମ୍ ସ୍ପେଶାଲ ଏପ୍ରିଲ ୨୧ରୁ ଭିଲୁପୁରମ୍‌ରୁ ପ୍ରତି ବୁଧବାର ଓ ଶନିବାର ଅପରାହ୍ନ ୧୨ଟା ୫ରେ ଛାଡ଼ିବ। ସେହପରି ଏପ୍ରିଲ ୨୩ରୁ ପୁରୁଲିଆରୁ ପ୍ରତି ଶୁକ୍ରବାର ଓ ସୋମବାର ପୂର୍ବାହ୍ନ ୧୦ଟାରେ ଛାଡି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ୦୬୧୭୮/୦୬୧୭୭ ଭିଲୁପୁରମ୍-ଖଡଗପୁର-ଭିଲୁପୁରମ୍ ସ୍ପେଶାଲ ଆସନ୍ତା ୨୭ ତାରିଖରୁ ଭିଲୁପୁରମ୍‌ରୁ ପ୍ରତି ମଙ୍ଗଳବାର ଅପରାହ୍ନ ୧୨ଟା ୫ରେ ଛାଡିବ। ଆସନ୍ତା ୨୯ ତାରିଖରୁ ଖଡଗପୁରରୁ ପ୍ରତି ଗୁରୁବାର ଅପରାହ୍ନ ୨ଟା ୧୦ରେ ଛାଡିବ ଓ ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚଳାଚଳ କରିବ।

ବର୍ତ୍ତମାନର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ଆସୁଥିବା ଯାତ୍ରୀମାନେ ଯାତ୍ରାର ୭୨ଘଣ୍ଟା ମଧ୍ୟରେ କରିଥିବା ଆର୍‌ଟି-ପିସିଆର ନେଗେଟିଭ୍ ରିପୋର୍ଟ କିମ୍ବା କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ସାର୍ଟିଫିକେଟ୍ ସାଙ୍ଗରେ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଧ ପ୍ରମାଣପତ୍ର ନ ଥିବା ଯାତ୍ରୀମାନଙ୍କୁ ନିୟମ ଅନୁଯାୟୀ ବାଧ୍ୟତାମୂଳକ ଘର/ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମର ୨ ଛାତ୍ରୀ ପାଇଲେ ସ୍ୱର୍ଣ୍ଣପଦକ

**ଗଞ୍ଜାମ/ଆସିକା,୨୪।୪(ଡି.ଏନ.ଏ.)**

ଗଞ୍ଜାମ ଜିଲାର ୨ଜଣ ଛାତ୍ରୀ ଅର୍ଥନୀତି ସ୍ନାତକୋତ୍ତର ଓ କଳା ସ୍ନାତକ ପରୀକ୍ଷାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେମାନେ ହେଲେ ଅର୍ଥନୀତିରେ ଶୁଭଦର୍ଶିନୀ ସ୍ୱାଇଁ ଓ କଳାରେ ଅପ୍‌ସାନା ଖାତୁନ।

ଗଞ୍ଜାମ ବଡ଼ବଜାରର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଝିଅ ଶୁଭଦର୍ଶିନୀ ଭଞ୍ଜବିହାର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତ ୨୩ ତାରିଖରେ ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ ଜେ. ଚକ୍ରପାଣି ଶୁଭଦର୍ଶିନୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଭବିଷ୍ୟତରେ ସେ ଜଣେ ଭଲ ଅର୍ଥନୀତି ପ୍ରଫେସର ହେବାକୁ ଲକ୍ଷ୍ୟ ରଖିଥିବା ଯୋଗାଯୋଗ ବେଳେ କହିଛନ୍ତି।



ଶୁଭଦର୍ଶିନୀ ସ୍ୱାଇଁ ଓ ଅପସାନା ଖାତୁନ

ସେହିପରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ହିନ୍ଦୀ ସ୍ନାତକୋତ୍ତର ବିଭାଗରେ ଅଧ୍ୟୟନରତ ଆସିକା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଅପ୍‌ସାନାଙ୍କୁ ୨୦୧୯ ବର୍ଷ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କଳାରେ ଶ୍ରେଷ୍ଠ ସ୍ନାତକ ଛାତ୍ରୀ ଭାବେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଶୁକ୍ରବାର ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକ ସମାବର୍ତ୍ତନ ଉତ୍ସବରେ କୁଳପତି ଅପ୍‌ସାନାଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଅପସାନା ଗଞ୍ଜାମ ଜିଲା ପୋଲସରା ନିବାସୀ ସାଜିଦ ଖାଁ ଓ ସମିତା ଖାତୁନଙ୍କ କନ୍ୟା।

## ଖେଳ ଖବର

# ବାଙ୍ଗାଲୋର-ଚେନ୍ନାଇ ହାଇଭୋଲ୍‌ଟେଜ ଲଢ଼େଇ

**ମୁମ୍ବାଇ,୨୪।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଏକ ହାଇଭୋଲ୍‌ଟେଜ ଲଢେଇ ହେବାକୁ ଯାଉଛି। ରବିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ପରସ୍ପରକୁ ଭେଟିବେ। ପଏଣ୍ଟ ତାଲିକାରେ ଦୁଇ ଦଳ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ବାଙ୍ଗାଲୋର ତା’ର ପ୍ରଥମ ୪ଟି ମ୍ୟାଚ୍ ଜିତି ୮ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ଚେନ୍ନାଇ ତା’ର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ ପ୍ରତ୍ୟାବର୍ତ୍ତନ କରି ୩ଟି ମ୍ୟାଚ୍ ଜିତି ୬ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ମ୍ୟାଚ୍‌ରେ ବାଙ୍ଗାଲୋର ୧୦ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ଆତ୍ମବିଶ୍ୱାସକୁ ଆହୁରି ଦୃଢ଼କରିଛି। ଏବେ ବାଙ୍ଗାଲୋର ତା’ର ବିଜୟ ଧାରାକୁ ବଜାୟ ରଖିବାକୁ ଚାହିଁବ। ରାଜସ୍ଥାନ ବିପକ୍ଷରେ କୋହଲି ଓ ଦେବଦତ୍ତ ପଡିକାଲ ପ୍ରଥମ ଉଇକେଟରେ ୧୮୧ ରନ କରି ବିନା କ୍ଷତିରେ ଦଳକୁ ବିଜୟୀ କରାଇଥିଲେ ଓ ଏହା ଦଳର ବ୍ୟାଟିଂ ବିଭାଗର ଗଭୀରତାକୁ ସୂଚାଉଛି। ୱାଙ୍ଖେଡେରେ ଚେନ୍ନାଇର ବୋଲିଂକୁ ବାଙ୍ଗାଲୋର ସଫଳତା ସହ ମୁକାବିଲା କରିବ ବୋଲି ଆଶା କରାଯାଉଛି।





ନେଟ୍ସ ସେସନରେ ଅଭ୍ୟାସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଏବି ଡି’ଭିଲର୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସର ଖେଳାଳିମାନେ।

ବାଙ୍ଗାଲୋରକୁ ପୂର୍ବରୁ ଅଣ୍ଡର ପରଫର୍ମ ଦଳ ବୋଲି କୁହାଯାଇଥିଲା। ଅର୍ଥାତ୍ ଦଳ ଦକ୍ଷତା ଅନୁସାରେ ପୂର୍ବର ସଂସ୍କରଣଗୁଡିକରେ ପ୍ରଦର୍ଶନ କରିପାରି ନ ଥିଲା। ଏଥର ବାଙ୍ଗାଲୋର କିନ୍ତୁ ଏହାକୁ ଭୁଲ ପ୍ରମାଣିତ କରିଛି। ଦୀର୍ଘ ଦିନ ଧରି ଏହି ଲିଗ୍ ଚାଲିବ। ତେଣୁ ଏହି ମୁମେଣ୍ଟମ ତଥା ବିଜୟଧାରାକୁ ବଜାୟ ରଖିବା ଏକ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ କୋହଲି ଏ ନେଇ ପ୍ରୟାସ ଜାରି ରଖିବେ। କୋହଲି, ଅଭିଜ୍ଞ ଏ.ବି. ଡିଭିଲର୍ସ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଉପରେ ଦଳର ବ୍ୟାଟିଂ ନିର୍ଭରଶୀଳ। ଏବେ ପଡିକାଲ ଫର୍ମକୁ ଫେରିବା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ତେବେ ବ୍ୟାଟ୍ସମ୍ୟାନଙ୍କୁ ଶୀଘ୍ର ଆଉଟ କରୁଥିବା ଦୀପକ ଚହରଙ୍କୁ ଦଳ କିଭଳି ସମ୍ମୁଖୀନ ହେଉଛି ତାହା ଦେଖିବାକୁ ବାକି ରହିଲା। ଶୀଘ୍ର ଉଇକେଟର ପତନ ହୋଇଥିଲେ ମଧ୍ୟ ବାଙ୍ଗାଲୋର ଏଥର ପ୍ରତ୍ୟାବର୍ତ୍ତନ କରିବାର ଉଦାହରଣ ସୃଷ୍ଟି କରିଛି। ବାଙ୍ଗାଲୋରର ବୋଲିଂ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଦ୍ରୁତ ବୋଲର ମହମ୍ମଦ ସିରାଜ ଭଲ ପ୍ରଦର୍ଶନ କରିଛନ୍ତି। ଚେନ୍ନାଇ ଏକ ଦୃଢ଼ ଦଳ ହୋଇଥିବାରୁ ବାଙ୍ଗାଲୋର ବୋଲିଂ ବିଭାଗ ପରୀକ୍ଷାର ସମ୍ମୁଖୀନ ହେବ।

ଅପରପକ୍ଷରେ ଚେନ୍ନାଇ ଯୁବ ଓପନର ଋତୁରାଜ ଗାଏକ୍ୱାଡ଼ ପ୍ରଥମ ୩ଥର ବିଫଳ ହେବା ପରେ କୋଲକାତା ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରି ଫାଫ୍ ଡୁପ୍ଲେସିଙ୍କ ସହ ଇନିଂସ ପାଇଁ ଭଲ ଓପନିଂ କରିଛନ୍ତି। ଏକ ଭଲ ଆରମ୍ଭ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଇନ୍‌ଫର୍ମ ମୋଇନ ଅଲୀ ୩ ଓ ସୁରେଶ ରାଇନା ୪ ନମ୍ବରରେ ବିସ୍ଫୋରକ ବ୍ୟାଟିଂ କରିବାର କ୍ଷମତା ରଖୁଛନ୍ତି। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏ ପର୍ଯ୍ୟନ୍ତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିନାହାନ୍ତି। ତେବେ ସେ ସମୟକ୍ରମେ ଆହୁରି ଭଲ ଖେଳିବେ ବୋଲି କୋଚ୍ ଷ୍ଟିଫାନ ଫ୍ଲେମିଂ ଆଶାପ୍ରକାଶ କରିଛନ୍ତି। ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଶାର୍ଦ୍ଦୁଳ ଠାକୁର କେତୋଟି ମ୍ୟାଚ୍‌ରେ ଚେନ୍ନାଇ ବୋଲିଂ ବିଭାଗ ପାଇଁ ଅପରିହାର୍ଯ୍ୟ ହୋଇପଡିଛନ୍ତି। ୱାଙ୍ଖେଡେରେ ପ୍ରାୟ ସବୁ ମ୍ୟାଚ୍ ହାଇ ସ୍କୋରିଂ ହେଉଥିବା ଲକ୍ଷ୍ୟ କରାଯାଇଛି। ତେଣୁ ରବିବାର ଆଉ ଏକ ହାଇ ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆରସିବି ଦଳ:** ବିରାଟ କୋହଲି (ଅଧିନାୟକ), ଏବି ଡିଭିଲର୍ସ, ଦେବଦତ୍ତ ପଡିକାଲ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, କେନ୍ ରିଚାର୍ଡସନ, ୱାଶିଂଟନ ସୁନ୍ଦର, ପବନ ଦେଶପାଣ୍ଡେ, ଫିନ ଆଲେନ, ଶାହାବାଜ ଅହମଦ, ନବଦୀପ ସଇନି, ଆଡାମ ଜାମ୍ପା, କାଏଲ ଜେମିଶନ, ଗ୍ଲେନ ମ୍ୟାକ୍ସୱେଲ, ରଜଦ ପଟିଦାର, ସଚିନ ବେବି, ମହମ୍ମଦ ଆଝାରୁଦ୍ଦିନ, ଡାନିଏଲ କ୍ରିଷ୍ଟିଆନ, କେ.ଏସ. ଭାରତ, ସୁୟାଶ ପ୍ରଭୁଦେଶାଇ, ଡାନିଏଲ ସାମ୍ସ ଓ ହର୍ଶାଲ ପଟେଲ।

**ଚେନ୍ନାଇ ସୁପର କିଙ୍ଗ୍ସ ଦଳ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ/ଉଇକେଟ କିପର), ସୁରେଶ ରାଇନା, ଅମ୍ବାତି ରାୟୁଡୁ, କେ.ଏମ. ଆସିଫ୍, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫାଫ ଡୁପ୍ଲେସି, ଇମ୍ରାନ ତାହିର, ଏନ୍. ଜଗଦୀଶନ, କର୍ନ ଶର୍ମା, ଲୁନ୍‌ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ସାମ କୁରାନ, ଆର, ସାଇ କିଶୋର, ମୋଇନ ଅଲୀ, କେ. ଗୋଥାମ, ଚେତେଶ୍ୱର ପୂଜାରା, ହରିଶଙ୍କର ରେଡ୍ଡୀ, ଭଗତ ବର୍ମା, ସି. ହାରି ନିଶାନ୍ତ।

### ଆଜିର ମ୍ୟାଚ

ଚେନ୍ନାଇ ସୁପର କିଙ୍ଗ୍ସ **ବନାମ** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ : ମୁମ୍ବାଇ
ସମୟ: ଅପରାହ୍ନ ୩.୩୦



ସନ୍‌ରାଇଜର୍ସ ହାଇଦ୍ରାବାଦ **ବନାମ** ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ

# ମହିଳା ରିକର୍ଭ ଦଳ ଫାଇନାଲରେ

## ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧

**ଗୁଆଟାମାଲା ସିଟି, ୨୪।୪ (ପି.ଟି.)**

ସ୍ପେନ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ଦୀପିକା କୁମାରୀ, ଅଙ୍କିତା ଭକତ ଓ କୋମୋଲିକା ବାରିଙ୍କୁ ନେଇ ଗଠିତ ଭାରତର ମହିଳା ରିକର୍ଭ ଦଳ ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧ର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ତୃତୀୟ ସିଡ୍ ଭାବେ ଯୋଗ୍ୟତା ଅର୍ଜନ କରିଥିବା ପୁରୁଷ ଦଳ କ୍ୱାର୍ଟରଫାଇନାଲରେ ଏହାର ସ୍ପାନିଶ ପ୍ରତିଦ୍ୱନ୍ଦ୍ୱୀଠାରୁ ୨୬-୨୭ରେ ହାରିଯାଇଛି। ଭାରତ କିନ୍ତୁ ଅନ୍ୟ ତିନୋଟି ଇଭେଣ୍ଟରେ ପଦକ ସନ୍ଧାନରେ ରହିଛି। ନବ ବିବାହିତ ଦମ୍ପତି ଅତନୁ ଦାସ ଓ ଦୀପିକା ମିକ୍ସଡ ଯୋଡ଼ି ବ୍ରୋଞ୍ଜ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଛନ୍ତି। ଏହାଛଡ଼ା ଦୁହେଁ ସେମାନଙ୍କ ବର୍ଗ ବ୍ୟକ୍ତିଗତ ବିଭାଗରେ ସେମିଫାଇନାଲରେ ପ୍ରବେଶ କରି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ମହିଳା ଫାଇନାଲରେ ସ୍ପାନିଶ ତ୍ରୟ ଇଲିଆ କାନାଲେସ୍, ଇନେସ ଡି’ ଭେଲାସ୍କୋ ଓ ଲେରି ଫର୍ନାଣ୍ଡିଜ ଇନ୍‌ଫାଣ୍ଟି ଟପ୍ ସିଡ୍ ଭାରତୀୟ ଦଳଙ୍କ ସହ ଟକ୍କର ଦେଇପାରି ନ ଥିଲେ। ଭାରତୀୟ ପ୍ରତିଯୋଗୀ ୫୫, ୫୬ ଓ ୫୫ ପଏଣ୍ଟ ସ୍କୋର କରିଥିଲେ। ସେମାନେ ୬-୦ରେ ମୁକାବିଲା ଜିତିନେଇଥିଲେ। ସାଂଘାଇଠାରେ ୨୦୧୬ ପରେ ମହିଳା ଦଳ ପ୍ରଥମ ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମହିଳା ଦଳ ରବିବାର ଫାଇନାଲରେ ୭ମ ସିଡ୍ ମେକ୍ସିକୋକୁ ଭେଟିବ। ଏସିଆନ ହେଭିୱେଟ୍, କୋରିଆ, ଚାଇନା ଓ ଚାଇନିଜ୍ ତାଇପେର ଅନୁପସ୍ଥିତି ଯୋଗୁ ଏଥିରେ ସେମାନଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ଭାରତୀୟ ମହିଳା ରିକର୍ଭ ଟିମ୍ ବିଶ୍ୱକପ୍‌ରେ ୪ଥର (ସାଂଘାଇ-୨୦୧୧, ମେଡିଲିନ୍-୨୦୧୩, ରୋକ୍ଲ-୨୦୧୩ ଓ ୨୦୧୪) ସ୍ୱର୍ଣ୍ଣ ପଦକ ଜିତିପାରିଛି। ଦୀପିକା ପ୍ରତିଟି ଇଭେଣ୍ଟରେ ଭାଗ ନେଇଥିଲେ। ମହିଳା ଦଳ ଏ ପର୍ଯ୍ୟନ୍ତ ଅଲିମ୍ପିକ କୋଟା ହାସଲ କରିପାରି ନାହିଁ। ଜୁନ୍‌ରେ ପ୍ୟାରିସ୍‌ରେ ବିଶ୍ୱକପ୍ ଷ୍ଟେଜ୍-୩ ଅନୁଷ୍ଠିତ ହେବ। ଏହା ଶେଷ ଅଲିମ୍ପିକ କ୍ୱାଲିଫିକେଶନ ଇଭେଣ୍ଟ ହୋଇଥିବାରୁ ଏଠାରେ ଭାରତୀୟ ଦଳର ବିଜୟ ମନୋବଳ ବୃଦ୍ଧିରେ ସହାୟକ ହେବ।



ଦୀପିକା କୁମାରୀ

# ହକି ଅମ୍ପାୟରଙ୍କ ପରଲୋକ

**ନୂଆଦିଲ୍ଲୀ, ୨୪।୪ (ପି.ଟି.)**

କୋଭିଡ୍‌ଜନିତ ଜଟିଳତା ଯୋଗୁ ପୂର୍ବତନ ଅନ୍ତର୍ଜାତୀୟ ହକି ଅମ୍ପାୟର ସୁରେଶ କୁମାର ଠାକୁରଙ୍କ ମୋହାଲିରେ ଶୁକ୍ରବାର ମୃତ୍ୟୁ ଘଟିଛି। ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ଠାକୁର ହମ୍‌ବର୍ଗ (ଜର୍ମାନୀ)ରେ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ମାଲେସିଆର କୁଆଲାଲମ୍ପୁରରେ ଆଜଲାନ ଶାହ ହକି ଟୁର୍ନାମେଣ୍ଟ ସମେତ ବହୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପରିଚାଳନା କରିଛନ୍ତି। ସେ ଆହୁରି ମଧ୍ୟ ୨୦୧୩ ଓ ୨୦୧୪ରେ ହକି ଇଣ୍ଡିଆ ଲିଗ୍ ପରିଚାଳନା କରିଥିଲେ। ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗମବାମ୍ ଠାକୁରଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

# ପୂର୍ବତନ କ୍ରିକେଟରଙ୍କ ହୃଦ୍‌ଘାତରେ ମୃତ୍ୟୁ

**ହାଇଦ୍ରାବାଦ, ୨୪।୪ (ପି.ଟି.)**

ହାଇଦ୍ରାବାଦର ପୂର୍ବତନ ଫାଷ୍ଟ ବୋଲର ଅଶ୍ୱିନ ଯାଦବଙ୍କ ଶନିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୩୩ବର୍ଷ ବୟସ ହୋଇଥିଲା। ଯାଦବଙ୍କର ୩ ପୁତ୍ର ସନ୍ତାନ ଓ ସ୍ତ୍ରୀ ଅଛନ୍ତି। ସେ ୧୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଯାଦବ ୨୦୦୭ରେ ମୋହାଲିଠାରେ ପଞ୍ଜାବ ବିପକ୍ଷ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ୨୦୦୮-୦୯ ସିଜନରେ ଉପାଲ ଷ୍ଟାଡିୟମରେ ଦିଲ୍ଲୀ ବିପକ୍ଷରେ ଯାଦବ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରି ୫୨ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ସେ ତାଙ୍କ ଶେଷ ରଣଜୀ ଟ୍ରଫି ମ୍ୟାଚ ୨୦୦୯ରେ ମୁମ୍ବାଇ ବିପକ୍ଷରେ ଖେଳିଥିଲେ। କିନ୍ତୁ ସେ ପରେ ଷ୍ଟେଟ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ ଏବଂ ପରେ ଏସ୍‌ବିଆଇ ପକ୍ଷରୁ ସ୍ଥାନୀୟ ଲିଗ୍‌ରେ ଖେଳି ଆସୁଥିଲେ। ଯାଦବ ଆହୁରି ମଧ୍ୟ ୧୦ ଲିଷ୍ଟ ଏ’ ମ୍ୟାଚ ଏବଂ ଦୁଇ ଟି୨୦ ମ୍ୟାଚ ଖେଳିଥିଲେ। ଭାରତୀୟ ଟିମ୍‌ର ଫିଲ୍ଡିଂ କୋଚ୍ ଯାଦବଙ୍କ ପରଲୋକରେ ଶୋକପ୍ରକାଶ କରିଛନ୍ତି।


ଅଶ୍ୱିନ ଯାଦବ

## ୫୦% ପର୍ଯ୍ୟନ୍ତ ଡିଭିଡେଣ୍ଡ ଦେବେ ବ୍ୟାଙ୍କ

**ବେଙ୍ଗାଲୁରୁ:** ୫୦% ପର୍ଯ୍ୟନ୍ତ ଡିଭିଡେଣ୍ଡ ବା ଲାଭାଂଶ ପ୍ରଦାନ କରିବାକୁ ବ୍ୟାଙ୍କଗୁଡିକୁ ରିଜର୍ଭ ବ୍ୟାଙ୍କ ଅନୁମତି ପ୍ରଦାନ କରିଛି। କୋଭିଡ୍‌କୁ ନଜରରେ ରଖି ବ୍ୟାଙ୍କଗୁଡିକ କିଭଳି ପୁଞ୍ଜି ଉଠାଣ ଦିଗରେ ସକ୍ଷମ ହେବେ ସେ ଦିଗରେ ନଜର ରଖିବାକୁ କେନ୍ଦ୍ରୀୟ ବ୍ୟାଙ୍କ ପରାମର୍ଶ ଦେଇଛି। କୋଭିଡ୍ ବ୍ୟାପିବା ଯୋଗୁ ଡିଭିଡେଣ୍ଡ ନ ଦେବା ଲାଗି ଆର୍‌ବିଆଇ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ସମବାୟ ବ୍ୟାଙ୍କଗୁଡିକ ମଧ୍ୟ ନିୟମ ଅନୁସାରେ ଡିଭିଡେଣ୍ଡ ଦେବେ ବୋଲି କୁହାଯାଇଛି।

# ସ୍ୱାମିତ୍ୱ ଯୋଜନାର ଶୁଭାରମ୍ଭ କଲେ ମୋଦି

ନୂଆଦିଲ୍ଲୀ,୨୪।୪

ସାରା ଦେଶରେ ସମ୍ପତ୍ତି ଅଧିକାର ଓ ପ୍ରମାଣପତ୍ର ଯୋଗୁ ବିଭିନ୍ନ ସମୟରେ ଅନେକ ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପତ୍ତି ଅଧିକାର ପାଇଁ 'ସ୍ୱାମିତ୍ୱ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି ଏହି ଯୋଜନାର ଶୁଭାରମ୍ଭ କରି କହିଥିଲେ, ଉକ୍ତ ଯୋଜନା ବଳରେ ସାରା ଦେଶର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ସଂରକ୍ଷଣ ବ୍ୟବସ୍ଥାରେ ଲୋକମାନଙ୍କୁ ସେମାନଙ୍କ ସମ୍ପତ୍ତି ବା ଜମିର ପ୍ରମାଣପତ୍ର ବର୍ତ୍ତମାନ ସମୟରେ ଡିଜିଟାଲ କାର୍ଡ ଜରିଆରେ ସ୍ଥାନୀୟ ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ମାଲିକାନା ପତ୍ର ପ୍ରଦାନ କରିବେ। ଫଳରେ ଏହି ଯୋଜନା ସାରା ଦେଶରେ



ପ୍ରଚଳନ ହେବା ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଆଉ କୌଣସି ସମସ୍ୟା ଓ ଠକେଇର ସାମ୍ନା କରିବାକୁ ପଡିବ ନାହିଁ ।

ସେ ଆହୁରି କହିଛନ୍ତି , ଆମକୁ କରୋନା ଭଳି ମହାମାରୀ ସମୟରେ ସାଙ୍ଗ ହୋଇ ମିଳିତ ଭାବରେ କାମ କରିବାକୁ ପଡିବ। ଦେଶରେ ଅଧିକରୁ ଅଧିକ ଲୋକଙ୍କୁକୁ ଟିକାକରଣ କରିବା ପାଇଁ ମେ ୧ ରୁ ସରକାରଙ୍କ ଦ୍ୱାରା ଦେଶରେ ଟିକାକରଣର କ୍ଷମତା ଓ ନିୟମାବଳୀକୁ ମଧ୍ୟ ବଢାଯାଇଛି। ଏହି ସମୟରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା ଗାଇଡ୍‌ଲାଇନକୁ ପ୍ରତ୍ୟେକ ଲୋକ ମାନିବା ଉଚିତ। ବର୍ତ୍ତମାନ ସମୟରେ ଆମ ପାଖରେ

### ଗ୍ରାମବାସୀଙ୍କୁ ମିଳିବ ଡିଜିଟାଲ ସମ୍ପତ୍ତି କାର୍ଡ

କରୋନାଠୁ ମୁକ୍ତି ପାଇବା ପାଇଁ କୌଣସି ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ସୁରକ୍ଷା ପାଇଁ କେବଳ କୋଭିଡ ଟିକା ହିଁ ଉପଲବ୍ଧ ରହିଛି। ଏହାର ୨ ଡୋଜ ଆମର ଜୀବନ ପାଇଁ ମହତ୍ତ୍ୱ ରଖିଛି। ଏହାକୁ କିପରି ଦେଶବାସୀ ସହଜରେ ପାଇପାରିବେ ସେଥିପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଯୋଜନାରେ ୪.୯ ଲକ୍ଷ ଲୋକଙ୍କୁ ଡିଜିଟାଲ ପ୍ରମାଣପତ୍ର ବିଭିନ୍ନ ରାଜ୍ୟର ଲୋକଙ୍କୁ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ସାରା ଦେଶରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ପ୍ରେସ୍ ବିବୃତିରେ କୁହାଯାଇଛି।

## ରେଖା ମେନନ ପ୍ରଥମ ମହିଳା ନାସ୍‌କମ୍ ମୁଖ୍ୟ



**ବେଙ୍ଗାଲୁରୁ,୨୪।୪:** ଆସେନଞ୍ଚର ଇଣ୍ଡିଆର ଚେୟାରପର୍ସନ ରେଖା ମେନନ ଆଇଟି ଶିଳ୍ପ ସଂଘ ନାସ୍‌କମ୍‌ର ପ୍ରଥମ ମହିଳା ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ପଦବୀରେ ଇନ୍‌ଫୋସିସ୍ ସିଓଓ ପ୍ରଭୀନ ରାଓ ଅବସ୍ଥାପିତ ଥିଲେ। ୨୦୨୧–୨୨ ଅବଧି ଲାଗି ମେନନ ଏହି ପଦବୀରେ ରହିବେ। ସେହିଭଳି ଭାଇସ ଚେୟାରପର୍ସନ ଭାବେ ଟିସିଏସ୍‌ର ଟେକ୍ନୋଲୋଜି ସର୍ଭିସ ମୁଖ୍ୟ କ୍ରିଷ୍ଣନ ରାମାନୁଜମଙ୍କୁ ନିଯୁକ୍ତ କରାଯାଇଛି। ସଂଘର ନୂଆ କାର୍ଯ୍ୟକାରିଣୀ ସଦସ୍ୟ ନିଯୁକ୍ତ କରାଯାଇଥିବା ବେଳେ ଏହାର ୪୦% ସ୍ଥାନରେ ମହିଳା ରହିଛନ୍ତି।

## ଅତନୁ ଚକ୍ରବର୍ତ୍ତୀ ଏଚ୍‌ଡିଏଫ୍‌ସିର ଅସ୍ଥାୟୀ ଅଧକ୍ଷ

ମୁମ୍ବାଇ,୨୪।୪: ଭାରତୀୟ ରିଜର୍ଭ ବ୍ୟାଙ୍କପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତନୁ ଚକ୍ରବର୍ତ୍ତୀଙ୍କୁ ଏଚ୍‌ଡିଏଫ୍‌ସିର ଅସ୍ଥାୟୀ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ବ୍ୟାଙ୍କ ତାର ବୋର୍ଡ ବୈଠକରେ ଅତନୁଙ୍କ ନାଁ ଚୂଡ଼ାନ୍ତ କରିଥିଲା। ଏହା ପରେ ତାଙ୍କ ନାଁକୁ ରିଜର୍ଭ ବ୍ୟାଙ୍କ ପାଖକୁ ପଠାଯାଇଥିଲା। ବ୍ୟାଙ୍କର ଏହି ପ୍ରସ୍ତାବ ଉପରେ ରିଜର୍ଭ ବ୍ୟାଙ୍କ ଏଇ ନିକଟରେ ମୋହର ମାରିଥିଲେ। ଅତନୁ ହେଉଛନ୍ତି ୧୯୮୫ ମସିହା ଗୁଜରାଟ କ୍ୟାଡରର ଆଇଏଏସ୍ ଅଧିକାରୀ। ସେ ବ୍ରିଟେନରୁ ବିଜନେସ୍ ଫାଇନାନ୍ସରେ ଏମ୍‌ବିଏ କରିଛନ୍ତି। ସେ ନଭେମ୍ବର ୨୦୧୫ ରେ ଗୁଜରାଟ ଷ୍ଟେଟ୍ ପେଟ୍ରୋନେଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଏବଂ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ।

# ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ



ଭୁବନେଶ୍ୱର,୨୪।୪

ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଏକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନ୍ତର୍ଜାତୀୟ ସୋଲାର ଆଲିଆନ୍ସର (ଇସା) ର ପୂର୍ବତନ ଡାଇରେକ୍ଟର ଜେନେରାଲ ଏବଂ ବରିଷ୍ଠ ଆଇଏଏସ ଅଧିକାରୀ ଉପେନ୍ଦ୍ର ତ୍ରିପାଠୀଙ୍କୁ ଅନରାରି ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ସମାଜ ପାଇଁ ତାଙ୍କ ଅବଦାନ ଓ ନିଷ୍ଠାପର କାର୍ଯ୍ୟ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଏମ୍.ଟେକ୍, ଏମ୍‌ଏସି, ଏମ୍‌ବିଏ ଓ ବି.ଟେକ୍‌ର ବିଭିନ୍ନ ବିଭାଗର ୯୩୫ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ ସହ ୧୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କ ବାର୍ତ୍ତାରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବିଜ୍ଞାନର ଜ୍ଞାନକୌଶଳ ଶିଖିବା ସହିତ ସମାଜ ପାଇଁ ନିଷ୍ଠାପର ଭାବେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର ବି.ଏସ୍. ସତ୍ୟନାରାୟନ ମଧ୍ୟ ତାଙ୍କ ଉଦ୍‌ବୋଧନରେ ଛାତ୍ରୀଛାତ୍ରଙ୍କୁ ସେ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ବିଶ୍ୱବିଦ୍ୟାଳୟର ଫାଉଣ୍ଡର ଶ୍ରୀ ରାଉତ ତାଙ୍କ ଅଭିଭାଷଣରେ ଭବିଷ୍ୟତରେ ମେଡିକାଲ ଓ ଅନେକ ନୂତନ ପାଠ୍ୟକ୍ରମର ଶୁଭାରମ୍ଭର ସୂଚନା ଦେବା ସହିତ କିପରି ଅଧିକ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରମାନେ ଏଠାରେ ପଢି ପାରିବେ ତାହାର ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଦ୍ୱିଜରାଜ କର, ଡିନ୍ ଆକାଡେମିକ୍ସ ପ୍ରଫେସର ଅଶ୍ୱିନୀ ସାହୁ, ଡିନ୍ ଇଞ୍ଜିନିୟରିଂ ପ୍ରଫେସର ପ୍ରିୟଦର୍ଶୀ କାନୁନ୍‌ଗୋ ଏବଂ କୃଷି ବିଭାଗର ଡିନ୍, ପ୍ରଫେସର ଦିଲୀପ କୁମାର ଦାସ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ସୋନି ଇଣ୍ଡିଆର ନୂତନ ବ୍ରାଭିଆ ଟିଭି

ନୂଆଦିଲ୍ଲୀ,୨୪।୪

ସୋନି ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ପିକ୍‌ଚର କ୍ୱାଲିଟି ଏବଂ ଜୀବନ୍ତ ଧ୍ୱନି ସହ ବ୍ରାଭିଆ ୩୨ଡବ୍ଲ୍ୟୁ୮୩୦ ସ୍ମାର୍ଟ ଆଣ୍ଡ୍ରଏଡ୍ ଟେଲିଭିଜନ ବଜାରକୁ ଆସିଛି। ସମ୍ପୂର୍ଣ୍ଣ ନୂତନ ୮୦ ସିଏମ୍ ସ୍ମାର୍ଟ ଆଣ୍ଡ୍ରଏଡ୍ ଟେଲିଭିଜନ ଆପଣଙ୍କୁ ଆସ୍ୱରୁ ତୁରନ୍ତ ଚଳଚ୍ଚିତ୍ର ଓ ଟିଭି ଶୋ ଉପଭୋଗ କରିବାକୁ ସୁଯୋଗ ଦେବ। ସେହିଭଳି ଏକ୍ସ–ରିଆଲିଟି ପ୍ରୋ ମଧ୍ୟ ଚମତ୍କାର ପିକ୍‌ଚର କ୍ୱାଲିଟି ଏହା ପ୍ରଦାନ କରିଥାଏ। ଆପଣଙ୍କ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିବା ପାଇଁ ଲାଇଭ୍ କଲର ସପୋର୍ଟ ମଧ୍ୟ ଏହି ମଡେଲରେ ରହିଛି। ଏହାର କ୍ଲିଅର ଫେଜ୍ ଟେକ୍ନୋଲୋଜି ଆପଣଙ୍କୁ ଏକ ସ୍ପଷ୍ଟ ଧ୍ୱନି କ୍ୱାଲିଟି ପ୍ରଦାନ କରିଥାଏ। ଏପ୍ରିଲ ୧୫ ପରଠାରୁ ଏହା ସୋନିର ସମସ୍ତ ସେର, ମୁଖ୍ୟ ଇଲେକ୍‌ଟ୍ରୋନିକ୍ ଦୋକାନ୍ ଓ ଇ–କମର୍ସ ଷ୍ଟୋରରେ ମାତ୍ର ୩୦,୯୯୯ ଟଙ୍କାରେ ଉପଲବ୍ଧ ହେବ।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୪।୪

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଭର୍ଚୁଆଲ ସମ୍ମିଳନୀ (ଏନ୍‌ଏସ୍–ଏଆଇ ଓ ଡିସ୍) ୨୦୨୧ ଶୀର୍ଷକ ଏକ ସାମ୍ପ୍ରତିକ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ହୋଇଯାଇଛି । ଟେଲିକମ୍ ବିଭାଗ, ସିନିୟର ଡେପୁଟି ଡାଇରେକ୍ଟର ଜେନେରାଲ ଡ. ରାଜେଶ ଶର୍ମା, ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଆଇ କିଭଳି ଟେଲି କମ୍ୟୁନିକେଶନକୁ ପ୍ରଭାବିତ କରୁଛି ସେ ବିଷୟରେ ସେ ଆଲୋକପାତ କରିଥିଲେ । ଏଆଇର ବ୍ୟବହାର ହ୍ରାସ ପାଇଥିବାରୁ ଦକ୍ଷ ଶିଳ୍ପୀଙ୍କ ଜାଗା ପୂରଣ କରି କମ୍ ଅପରେଶନ ମୂଲ୍ୟରେ ମନୁଷ୍ୟକୃତ ତ୍ରୁଟିକୁ କମ୍ କରି ଅଧିକ ମାତ୍ରରେ ସଂରଚନା ଓ ପରିଚାଳନା, ଗବେଷଣା ଏବଂ ସଞ୍ଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସ୍ମାର୍ଟ ସିଟି ଓ ସ୍ମାର୍ଟ ମୋବାଇଲ କ୍ଷେତ୍ରରେ ଏହାର ଉପଯୋଗିତା ବିଷୟରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଆର୍ ଆଣ୍ଡ ଡି ଇଫ୍ ଟ୍ରୋନିକ୍ସ ସିଷ୍ଟମ୍ସ ପ୍ରାଇଭେଟ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ ଅନ୍‌ଭେସ୍ ଦସାରୀ, ଟାଟା କନ୍‌ସଲଟାନ୍ସି ସର୍ଭିସେସ୍, ହାଇଟେକ୍ ସିଟିଓ ଇଞ୍ଜିନିୟରିଂ ଟିମ୍, ଚିପ୍ ପ୍ରଡକ୍ଟ ଅଫିସର ଅବାଳ ପ୍ରସାଦ ପେଡ଼ିଗାରି, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ସ୍ୟାକ୍ ରୋବଟିକ୍ସ ସିଇଓ ଶାକ୍ୟସିଂହ ମହାପାତ୍ର, ଏନ୍‌ଆଇଟି ରାଉରକେଲାର ଡ. କୋରା ସତ୍ୟବାବୁ, ଆଇଆଇଟି(ଆଇଏସ୍‌ଏମ୍) ଧାନବାଦର ଡ. ଅନ୍ୟଭାରାପୁ, ଚନ୍ଦ୍ରଶେଖର ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.କଲ୍ୟାଣ ଶଙ୍କର ରାୟ ଅତିଥି ପରିଚୟପତ୍ର ପ୍ରଦାନ କରିଥିଲେ। ପ୍ରଫେସର ଅଭିଜିତ ମଣ୍ଡଳ ଏବଂ ଡ. ଝୁମ୍ ସ୍ୱାଇଁ ସମ୍ମିଳନୀ ପରିଚାଳନା କରିଥିଲେ ।

## ବିଜିୟୁରେ ଗ୍ଲୋବାଲ ଡିଜିଟାଲ ଇକୋନୋମି ସମ୍ମିଳନୀ

ଭୁବନେଶ୍ୱର,୨୪।୪

ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱର ଏବଂ ସ୍ଲୋଭେନିଆର ଲୁବ୍ଲିଆନା ୟୁନିଭର୍ସିଟିର ମିଳିତ ସହଯୋଗରେ ଗ୍ଲୋବାଲ ଡିଜିଟାଲ ଇକୋନୋମି ମ୍ୟାନେଜମେଣ୍ଟ ଚ୍ୟାଲେଞ୍ଜେସ ଆଣ୍ଡ ଅପରଚ୍ୟୁନିଟିଜ୍ ଶୀର୍ଷକ ଏକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧ଜଣ ଅନ୍ତର୍ଜାତୀୟ ସ୍ତରର ବକ୍ତା ଏବଂ ବିଭିନ୍ନ ଦେଶରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଭାଗନେଇଥିଲେ। କେଲୋଗ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ଦୀପକ ସି.ଜୈନ୍ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ଡେଭିଡ୍ ଏଲେରମ୍ୟାନ, କୋ–ଫାଉଣ୍ଡର ଏବଂ ଅଧକ୍ଷ, ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ ଡେମୋକ୍ରେସି, ଲୁବ୍ଲିଆନା ୟୁନିଭର୍ସିଟି ଏବଂ ଭିଜିଟିଂ ସ୍କୋଲାର, ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ୟୁଏସ୍‌ଏ ଏବଂ ପ୍ରଫେସର ମୋର୍ଟେନ ହୁସେ, ପ୍ରଫେସର ଏମେରିଟ୍‌ସ, ନରୱେ ବିଶ୍ୱବିଦ୍ୟାଳୟ ନରୱେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଏଚ୍. ଚତୁର୍ବେଦୀ, ନିର୍ଦ୍ଦେଶକ, ବିମଟେକ, ପ୍ରଫେସର ଆର୍.କେ. ମିଶ୍ର ଏବଂ ପ୍ରଫେସର ମୋନିକା କାଲିନ୍ ଗୋଲୋବ ଅନ୍ତର୍ଜାତୀୟ କର୍ମଶାଳା ଅବସରରେ ନିଜର ମନ୍ତବ୍ୟ ରଖିଥିଲେ। ବିଜିୟୁ କୁଳପତି ଡ. ପି.ପି. ମାଥୁର ସ୍ୱାଗତ ଭାଷଣ ଦେଇଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଫୁର୍‌ସତ୍

# ମ୍ୟାଲେରିଆର ଏବିସିଡି




ବିଶ୍ୱ ମ୍ୟାଲେରିଆ ଦିବସ। ଏପ୍ରିଲ ୨୫ରେ ପାଳିତ ହେଉଥିବା ଏହି ଦିବସ ଲାଗି ଚଳିତ ବର୍ଷର ବାର୍ତ୍ତା ରହିଛି 'ଶୂନ୍ୟ ମ୍ୟାଲେରିଆ, ମୋଠାରୁ ଆରମ୍ଭ।' ଅର୍ଥାତ୍ ଆସନ୍ତା ୨୦୩୦ ବେଳକୁ ସମଗ୍ର ବିଶ୍ୱରୁ ମ୍ୟାଲେରିଆକୁ ୯୫% ହ୍ରାସ କରିବା ବା ସମ୍ପୂର୍ଣ୍ଣ ନିରାକରଣ କରିବା। ୫ ପ୍ରକାର ମ୍ୟାଲେରିଆ ପରଜୀବୀ ଥିଲେ ମଧ୍ୟ କେବଳ ୨ଟି ପ୍ରମୁଖ ଅର୍ଥାତ୍ ପ୍ଲାଜୋମୋଡିଅମ୍ ଫଲ୍‌ସି ପାରମ ଓ ପ୍ଲାଜୋମୋଡିଅମ୍ ଭିଭାକ୍ସ ହିଁ ମ୍ୟାଲେରିଆ କରିଥାଏ। ଫଲ୍‌ସି ପାରମ୍ ମ୍ୟାଲେରିଆ ପ୍ରାଣଘାତକ ଅଟେ। ମ୍ୟାଲେରିଆର ବାହକ ମଶା ଆନୋଫିଲିସ୍‌ର ୪୦୦ ପ୍ରଜାତିରୁ ମାତ୍ର ୩୦ ପ୍ରକାର ପ୍ରଜାତି ମ୍ୟାଲେରିଆର ବାହକ ଅଟନ୍ତି। ମ୍ୟାଲେରିଆ ରୋଗୀଠାରୁ ମଶା ଓ ମଶାଠାରୁ ସୁସ୍ଥ ଲୋକକୁ ବ୍ୟାପିଥାଏ। ତେବେ ମ୍ୟାଲେରିଆରେ ଆକ୍ରାନ୍ତଙ୍କ ମଧ୍ୟରୁ ୬୭% ହେଉଛନ୍ତି ୫ ବର୍ଷରୁ କମ୍ ବୟସ୍କ ପିଲା। ଅର୍ଥାତ୍ ୨୦୧୯ରେ ପୃଥିବୀରେ ୨ଲକ୍ଷ ୭୪ହଜାର ସଂଖ୍ୟକ ୫ ବର୍ଷରୁ କମ୍ ବୟସ୍କ ପିଲା ଏହାଦ୍ୱାରା ମୃତ୍ୟୁବରଣ କରିଛନ୍ତି। ସୂଚନାଯୋଗ୍ୟ ଶିଶୁ, ୫ ବର୍ଷରୁ କମ୍ ବୟସ୍କ, ଗର୍ଭବତୀ ମା', ଏଚ୍‌ଆଇଭି/ଏଡ୍‌ସ ବ୍ୟକ୍ତି ଓ ବାହାରୁ ଆସୁଥିବା ରୋଗ ପ୍ରତିରୋଧକ ଶକ୍ତିହୀନ ବ୍ୟକ୍ତିବିଶେଷ।

ଏବିସିଡି– ଏ: ଆୱାରନେସ୍: ମ୍ୟାଲେରିଆର ଭୟାବହତା ଓ କିପରି ମ୍ୟାଲେରିଆରୁ ରକ୍ଷା ପାଇବା ତା'ର ସଚେତନତା।

ବି: ବିଟୋ ପ୍ରିଭେନଶନ: ମଶା କାମୁଡ଼ାରୁ ରକ୍ଷା( ମଶା ରିପେଲାଣ୍ଟ, ଗ୍ୟାସ୍‌ବତୀ, କେମିକାଲ। – ଅନ୍ଧାରରେ ଶରୀରକୁ ଆବୃତ କରିରଖିବା– ପୂରାଶାର୍ଟ, ଲମ୍ବା ପ୍ୟାଣ୍ଟ, ସକ୍ସ ଓ ଜୋତା।– ଔଷଧଯୁକ୍ତ ମଶାରି ବ୍ୟବହାର। – ମଶା ମାରିବା ସ୍ପ୍ରେ, ଧୂଆଁ, ଡିଡିଟି ଇତ୍ୟାଦି। – ମଶାନାଶକ କେମିକାଲ୍‌ଯୁକ୍ତ ପୋଷାକ।)

ସି:କେମୋପ୍ରୋଫାଇଲାକ୍ସିସ: ଔଷଧ ଅର୍ଥାତ୍ ACT, ଏହା RDK କିମ୍ବା ରକ୍ତ କାଚ ପରୀକ୍ଷା ପରେ ଦେଇହବ।

ଡି: ଡାୟାଗ୍ରସ: ଜଲ୍‌ଦି ନିର୍ଣ୍ଣୟ ଚିକିତ୍ସା। RDK କିମ୍ବା ମାଇକ୍ରୋସ୍କୋପିରେ ନିର୍ଣ୍ଣୟ କରିହୁଏ। ତା'ପରେ ACT ଚିକିତ୍ସା, ଦରକାର ହେଲେ ଡାକ୍ତରଖାନାରେ ରହି ଚିକିତ୍ସା। ଉଲ୍ଲେଖନୀୟ ଯେ, ମ୍ୟାଲେରିଆ କ୍ରମଶଃ ହ୍ରାସ ପାଉଛି । ଏବେ ୬ଟି ଦେଶରୁ ବୃଦ୍ଧି ପାଇ ୨୦ଟି ଦେଶରେ ମ୍ୟାଲେରିଆ ଆଉ ନାହିଁ। ୨୦୦୦ରୁ ୨୦୧୯ ମଧ୍ୟରେ ମ୍ୟାଲେରିଆ ୭୨% ଓ ମ୍ୟାଲେରିଆଜନିତ ମୃତ୍ୟୁ ୭୪% କମିଛି। ୨୦୨୦ରେ ୧ ଲକ୍ଷ ୫୭ ହଜାର ମ୍ୟାଲେରିଆ ମାମଲା ହୋଇଛି। କେବଳ ୨୦୧୮ରୁ ୨୦୧୯ ମଧ୍ୟରେ ଏହା ୧୮% ହ୍ରାସ ପାଇଛି। ୨୦୧୨ ଠାରୁ ଭାରତର Annual Parasito In–dex ବାର୍ଷିକ ପରଜୀବୀ ୧ରୁ କମ୍ ରହିଛି। ଆମ ଦେଶରେ ୨୦୦୦ ମସିହାରେ ୨୦ ଲକ୍ଷ ୩୨ ହଜାର ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ୯୩୨ ମୃତ୍ୟୁ ହୋଇଥିବାବେଳେ ୨୦୧୯ ବେଳକୁ ଏହା ୩ଲକ୍ଷ ୩୯ ହଜାର ଓ ୭୭ ମୃତ୍ୟୁ ସଂଖ୍ୟାକୁ ଖସିଆସିଥିଲା। ଆମ ଦେଶ MDGର ୬ ନମ୍ବର ଲକ୍ଷ୍ୟକୁ ହାସଲ କରିଛି। ଆମ ରାଜ୍ୟରେ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ'Daman 'ଦ୍ୱାରା ମ୍ୟାଲେରିଆକୁ ନିୟନ୍ତ୍ରଣକୁ ଅଣାଯାଇପାରିଛି। ଏହା ସାରା ବିଶ୍ୱକୁ ବାଟ ଦେଖାଇଛି। ୭୦୦୦ ଦୁର୍ଗମ ଗ୍ରାମରେ ପ୍ରାୟ ୧୦ଲକ୍ଷ ବନବାସୀଙ୍କ ପାଇଁ ଏହା ଜୀବନରକ୍ଷକ ହୋଇପାରିଛି। ତେବେ ଯ । ହ । ଲାଗୁଥିଲା ମ୍ୟାଲେରିଆ ନିୟନ୍ତ୍ରଣ ହୋଇପାରିବ ନାହିଁ, ତାହା ଏବେ ହାସଲ କରାଯାଇପାରିବ। ରୋଗୀ ସଂଖ୍ୟା ଶୂନ ହୋଇଗଲେ, ମ୍ୟାଲେରିଆ ନିର୍ମୂଳ ହେବ। ରୋଗୀସଂଖ୍ୟା ଶୂନ ହେବ ସେତେବେଳେ ଯେତେବେଳେ ସମସ୍ତେ ମଶାରି ବ୍ୟବହାର କରିବେ।

**–ଡା. ରାମଚନ୍ଦ୍ର ରାଉତ,**
**ମୋ: ୯୪୩୭୭୪୨୪୯୯**



## ମଦ ବିକୁଥିଲେ ବରୁଣ



ବରୁଣ ଧୱନ

**ବମ୍ବେ:** 'ଷ୍ଟୁଡେଣ୍ଟ ଅଫ୍ ଦ ଇଅର'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଅଭିନେତା ବରୁଣ ଧୱନ। ବରୁଣ ଶୁକ୍ରବାର ତାଙ୍କ ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ନିର୍ଦ୍ଦେଶକ ଡେଭିଡ ଧୱନଙ୍କ ପୁଅ ହେଉଛନ୍ତି ବରୁଣ। ସେ ନଟିଂହାମ ବିଶ୍ୱବିଦ୍ୟାଳୟରେ ପଢ଼ିବା ସମୟରେ ପାର୍ଟଟାଇମ ଚାକିରି କରୁଥିଲେ। ଲଣ୍ଡନରେ ଥିବା ଏକ ନାଇଟ କ୍ଲବରେ ମଦ ବିକ୍ରି କରୁଥିଲେ। ଏପରିକି କଲେଜରେ ପାମ୍ପଲେଟ ବାଣ୍ଟୁଥିବା ସେ ଏକଦା କହିଥିଲେ। ବରୁଣଙ୍କୁ ପରିବାରଲୋକେ ପପୁ ବୋଲି ଡାକିଥାନ୍ତି। ତାଙ୍କର ଜଣେ ଭାଇ ରୋହିତ ଧୱନ ଅଛନ୍ତି। ଚଳିତ ବର୍ଷ ବରୁଣ ନିଜ ପିଲାଦିନ ବନ୍ଧୁ ନତାଶା ଦଲାଲଙ୍କ ହାତ ଧରିଛନ୍ତି। ନତାଶାଙ୍କ ପୂର୍ବରୁ କଲେଜ ସମୟରେ ଅନ୍ୟଜଣେ ଯୁବତୀଙ୍କୁ ପସନ୍ଦ କରୁଥିଲେ ବରୁଣ। ହେଲେ ଏହି ସମ୍ପର୍କ ମାତ୍ର ୪ମାସ ଚାଲିଥିଲା। କିଛିଦିନ ତଳେ ବରୁଣଙ୍କ ଫିଲ୍ମ 'କୁଲି ନଂ–୧' ରିଲିଜ ହୋଇଥିଲା। ଆଗାମୀ ଦିନରେ ଅଭିନେତାଙ୍କ ଫିଲ୍ମ 'ଭେଡିୟା' ରିଲିଜ ହେବ। ଏଥିରେ ତାଙ୍କ ନାୟିକା ସାଜିଛନ୍ତି କ୍ରୀତି ସାନନ।

## ରୋଗୀଙ୍କୁ ମାଗଣାରେ ନେଉଛନ୍ତି ଅଟୋ ଡ୍ରାଇଭର



**ରାଞ୍ଚି:** କରୋନା ସଂକ୍ରମଣରେ ସାରା ଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିବାବେଳେ ଅସହାୟ ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅଟୋ ଡ୍ରାଇଭର ରବି ଅଗ୍ରୱାଲ। ଝାଡ଼ଖଣ୍ଡ ରାଞ୍ଚିର ରବି ମାଗଣାରେ ଲୋକଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କୌଣସି ବ୍ୟକ୍ତି ଜରୁରୀ ପରିସ୍ଥିତିରେ ଡାକ୍ତରଖାନା ଯିବାକୁ ଚାହୁଁଥିଲେ ସେମାନଙ୍କୁ ସେ ମାଗଣାରେ ନେଇ ପହଞ୍ଚାଇବେ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆର ସାହାରା ନେଇ ନିଜ ଫୋନ ନମ୍ବର ଶେୟାର କରିଛନ୍ତି। ଜରୁରୀ ପରିସ୍ଥିତିରେ ପଡିଥିବା ଲୋକେ ଅନ୍ୟ ତାଙ୍କୁ ହିଁ ସାହା କରୁଛନ୍ତି। ବାକି ସମୟରେ ସେ ଅନ୍ୟ ପାସେଞ୍ଜରଙ୍କଠାରୁ ଯାହା ରୋଜଗାର କରନ୍ତି, ସେଥିରେ ଗାଡ଼ିରେ ପେଟ୍ରୋଲ ପକାଇବା ଖର୍ଚ୍ଚ ମିଳିଯାଏ ବୋଲି କହନ୍ତି। ଏବେ ସୁଦ୍ଧା ସେ ୧୬ ଜଣଙ୍କୁ ମାଗଣାରେ ସେବା ଯୋଗାଇ ସାରିଲେଣି।

## ଏକ ସଙ୍ଗରେ ଗର୍ଭବତୀ ଯାଆଁଳା ଭଉଣୀ

**ୱାଶିଂଟନ:** ଆମେରିକାରେ ଦୁଇ ଯାଁଳା ଭଉଣୀ ଦୁଇ ଯାଁଳା ଭାଇଙ୍କୁ ବିବାହ କରିବା ପରେ ଉଭୟେ ଏକ ସଙ୍ଗରେ ମା' ହେବାକୁ ଯାଉଛନ୍ତି। ବ୍ରିଟେନୀ ଏବଂ ବ୍ରାୟନା ନାମ୍ନୀ ଦୁଇ ଭଉଣୀ ଜୋଶ ଏବଂ ଜେରେମୀଙ୍କୁ ବିବାହ କରିଥିଲେ। ୨୦୧୭ରେ ଏକ ଟ୍ୱିନ୍ସ ଫେଷ୍ଟିଭାଲରେ ସେମାନଙ୍କ ସାକ୍ଷାତ ହୋଇଥିଲା। ସାକ୍ଷାତ ହେବାର ୬ ମାସ ପରେ ଜୋଶ ଏବଂ ଜେରେମୀ ବ୍ରିଟେନୀ ଓ ବ୍ରାୟନାଙ୍କୁ ପ୍ରପୋଜ କରିଥିଲେ। ୨୦୧୮ରେ ଏମାନଙ୍କର ବିବାହ ହୋଇଥିଲା। ବ୍ରାୟନା ଜୋଶଙ୍କୁ ବିବାହ କରିଥିବା ବେଳେ ବ୍ରିଟେନୀ ଜେରେମୀଙ୍କୁ ବିବାହ କରିଛନ୍ତି।

ବ୍ରିଟେନୀ ଏବଂ ବ୍ରାୟନାଙ୍କ କହିବାନୁସାରେ, ସେମାନେ ପିଲାଦିନେ ଏକାଠି ଖାଇବା, ଖେଳିବା, ବସିବା, ବୁଲିବା, ପାଠ ପଢ଼ିବା ଆଦି କରୁଥିଲେ। ଏପରିକି ସେ ଚାହୁଁଥିଲେ ଏକାଠି ବାହା ହେବାକୁ। ଯାହା ସତ ହୋଇଥିଲା। ସବୁଠୁ ଖୁସିର କଥା ଦୁଇଜଣ ଏବେ ଏକା ସାଙ୍ଗରେ ମା' ବି ହେବେ। ଏହାକୁ ନେଇ ଦୁଇ ଭଉଣୀ ବହୁତ ଖୁସି ଅଛନ୍ତି।



# ଶପିଂ କ୍ରେଜ୍

ଗୋଟେପଟେ କରୋନା ସଂକ୍ରମଣର ଭୟ। ଅନ୍ୟପଟେ ମାର୍କେଟ୍‌କୁ ଆସୁଥିବା ନୂଆ ନୂଆ ସମର କଲେକ୍ସନ୍ ଶପିଂର କ୍ରେଜ୍। ଏମିତିରେ ସୁରକ୍ଷାକୁ ପ୍ରାଥମିକତା ଦେବା ଦୃଷ୍ଟିରୁ ମାର୍କେଟିଂ କରିବା କୌଣସି ବଡ଼ ଚ୍ୟାଲେଞ୍ଜଠୁ କମ୍ ନୁହେଁ। ଏ ଦିଗରେ ଯୁବପିଢ଼ି ସଚେତନ ହେବା ଆବଶ୍ୟକ...

ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଖୁବ୍ ଅଧିକ ବ୍ୟାପୁଥିବା ଦେଖିବାକୁ ମିଳୁଛି। ତେଣୁ କେବଳ ଅତ୍ୟାବଶ୍ୟକ କାର୍ଯ୍ୟ ଥିଲେ ଘରୁ ବାହାରିବା ଲାଗି ସରକାରୀଙ୍କ ତରଫରୁ ଅନୁମତି ଦିଆଯାଇଛି। ଏପରିକି ପ୍ରତିଦିନ ରାତିରେ ନାଇଟ୍ କର୍ଫ୍ୟୁ ସହ ସପ୍ତାହର ଶେଷ ଦୁଇଦିନ ରାଜ୍ୟବ୍ୟାପୀ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ହେଲେ ଏହା ସତ୍ତ୍ୱେ ମଧ୍ୟ ଅନ୍ୟ ଦିନଗୁଡ଼ିକରେ ପ୍ରତିଟି ଛୋଟ ବଡ଼ ଦୋକାନ, ମଲ୍ ଆଦିକୁ ବହୁସଂଖ୍ୟାରେ ଲୋକେ ଆସୁଥିବା ଦେଖିବାକୁ ମିଳୁଛି, ଯାହା ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ। ତେଣୁ ଏ ସମୟରେ ଯଥାସମ୍ଭବ ବାହାରକୁ ନ ଯିବା ଭଲ। ନିହାତି ଆବଶ୍ୟକ ସ୍ଥଳେ ମାର୍କେଟିଂ ପାଇଁ ଯାଉଥିଲେ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

**ଅନ୍‌ଲାଇନ୍ ଶପିଂ ଭଲ ଅପ୍ସନ:** ବର୍ତ୍ତମାନ ସମୟରେ କରୋନା ସଂକ୍ରମଣ ରୋକିବା ଲାଗି ଜନଗହଳି ସ୍ଥାନକୁ ଆଦୌ ନ ଯିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏମିତିରେ କୌଣସି ଶପିଂ ଲାଗି ମାର୍କେଟ୍‌କୁ ନ ଯାଇ ଅନ୍‌ଲାଇନ୍ ଶପିଂ କରିବା ନିରାପଦ। ତେବେ ମନେରଖନ୍ତୁ, ଏପରି କରୁଥିଲେ ଜିନିଷ ରଖିବା ବେଳେ ଡେଲିଭରି ପର୍ସନଠାରୁ ଦୂରରେ ଠିଆ ହୁଅନ୍ତୁ, ମାସ୍କ ମଧ୍ୟ ପିନ୍ଧନ୍ତୁ । ନିଜ ହାତ ସହ ପ୍ୟାକେଟ୍‌କୁ ମଧ୍ୟ ସାନିଟାଇଜ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।





## କ'ଣ କରନ୍ତି ଏମାନେ...

**ଆଞ୍ଚଲ ନାଗ** (ଛାତ୍ରୀ, ପୁରୀ)– ଶପିଂ କାହାକୁ ବା ଭଲ ନ ଲାଗେ! ହେଲେ ପରିବେଶ ଏବଂ ପରିସ୍ଥିତିକୁ ସର୍ବଦା ପ୍ରାଥମିକତା ଦେଇଥାଏ। ଠିକ୍ ଯେମିତି ବର୍ତ୍ତମାନ ଶପିଂ ଲାଗି ବାହାରକୁ ଯିବା ମାନେ କରୋନା ସଂକ୍ରମଣକୁ ନିମନ୍ତ୍ରଣ ଦେବା। ତେଣୁ ଅତ୍ୟାବଶ୍ୟକ ନ ଥିଲେ ଆଦୌ ମାର୍କେଟିଂ ଲାଗି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ। ଯଥାସମ୍ଭବ ଅନ୍‌ଲାଇନ୍ ଶପିଂ କରୁଛି। ଅଯଥାରେ ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରିବାଠାରୁ ଦୂରରେ ରହୁଛି।

**ସତ୍ୟକାମ ସାହୁ** (ପୁରୀ)– କରୋନା ସଂକ୍ରମଣ ଭୟରେ ସମ୍ପୂର୍ଣ୍ଣ ଘରେ ବସିରହିବା ତ ସମ୍ଭବ ନୁହେଁ। କାରଣ ନିଜ କାମ ସହିତ ବିଭିନ୍ନ ଆବଶ୍ୟକ ସାମଗ୍ରୀ କିଣିବା ଲାଗି ବାହାରକୁ ଯିବାକୁ ପଡୁଛି। ତେଣୁ ଏମିତିରେ ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ସାନିଟାଇଜ୍ କରିବା, ସୋସିଆଲ୍ ଡିଷ୍ଟାନ୍ସିଂ ରକ୍ଷା କରିବା ଏବଂ ଯଥାସମ୍ଭବ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ଭଳି ସତର୍କତା ଅବଲମ୍ବନ କରୁଛି।

**ଆବଶ୍ୟକ ସତର୍କତା ଜରୁରୀ:** ବର୍ତ୍ତମାନ ଶପିଂ ଲାଗି ବାହାରକୁ ଯିବା ବିପଦପୂର୍ଣ୍ଣ। ତଥାପି ଯଦି ଯିବାକୁ ପଡୁଛି ଅବା ଅନ୍‌ଲାଇନ୍ ଶପିଂ ସୁବିଧା ନାହିଁ, ତେବେ ବାହାରକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ। ଡବଲ୍ ମାସ୍କ ପିନ୍ଧିବା ବେଶି ଭଲ। ଚେଷ୍ଟା କରନ୍ତୁ ବାହାରେ କାହା ସହ କଥା ନ ହେବା ପାଇଁ, ନିହାତି ଆବଶ୍ୟକ ହେଲେ ଅତି କମ୍‌ରେ ୪–୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ। କୌଣସି ଜିନିଷ ଛୁଅଁନ୍ତୁ ନାହିଁ। ଗ୍ଲୋବ୍‌ସ ପିନ୍ଧନ୍ତୁ। ଶପିଂ ସାରିବା ମାତ୍ରେ ତୁରନ୍ତ ହାତ ସହ ଶପିଂ କରିଥିବା ସାମଗ୍ରୀକୁ ସାନିଟାଇଜ୍ କରନ୍ତୁ।

**କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣାନ୍ତୁ:** ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା ଜାଣିବା ମୁସ୍କିଲ୍। ଏହାଦ୍ୱାରା କରୋନା ସଂକ୍ରମଣର ଆଶଙ୍କା ଥିବାରୁ ବର୍ତ୍ତମାନ ଶପିଂ ଲାଗି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ ଉପାୟ। ତା'ଛଡା ବର୍ତ୍ତମାନ ସମୟରେ ଜନଗହଳି ଅପେକ୍ଷାକୃତ କମ୍ ଥିବାରୁ ଟଙ୍କା ଚୋରି ବି ଅଧିକ। ଏସବୁକୁ ଆଖିଆଗରେ ରଖି କ୍ୟାଶ୍ ବଦଳରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ନିରାପଦ।

**ସୋସିଆଲ୍ ଡିଷ୍ଟାନ୍ସିଂ ଗୁରୁତ୍ୱପୂର୍ଣ୍ଣ:** ଏହି ରୋଗ କେବଳ ସ୍ପର୍ଶ ଦ୍ୱାରା ନୁହେଁ, ବାୟୁବାହିତ ମଧ୍ୟ। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ସଂକ୍ରମଣ ରୋକିବା ଲାଗି ସୋସିଆଲ୍ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ। ଶପିଂ ମଲ୍ ଯାଉଥିଲେ ସମସ୍ତ ଗାଇଡ୍‌ଲାଇନ୍ ମାନନ୍ତୁ। ମାସ୍କ, ଗ୍ଲୋବ୍ସ ଆଦି ପିନ୍ଧିବା ସହ ଭିତରେ ଥିବା ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କଠାରୁ ଦୂରତା ରକ୍ଷା କରନ୍ତୁ।

**ସଂକ୍ରମଣର ମାଧ୍ୟମ ହୋଇପାରେ ପବ୍ଲିକ୍ ଟ୍ରାନ୍ସପୋର୍ଟ:** ଏହି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସନ୍ଦେହ ଘେରରେ। କାରଣ ପବ୍ଲିକ୍ ଟ୍ରାନ୍ସପୋର୍ଟଗୁଡ଼ିକରେ ବସୁଥିବା କେଉଁ ବ୍ୟକ୍ତି କିମ୍ବା ପ୍ରତିଦିନ ଏକାଧିକ ଯାତ୍ରୀଙ୍କୁ ନେବାଆଣିବା ଦ୍ୱାରା ଡ୍ରାଇଭରଙ୍କଠାରେ କରୋନା ଥାଇପାରେ ତା' ଜାଣିବା ସହଜ ନୁହେଁ। ତେଣୁ ଏହାକୁ ବ୍ୟବହାର କରିବା ବିପଦପୂର୍ଣ୍ଣ ହୋଇପାରେ। ଏମିତିରେ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥିବାରୁ ସର୍ବଦା ନିଜସ୍ୱ ଗାଡି ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ।

**ବାହାରେ ଖାଇବା ବିପଦପୂର୍ଣ୍ଣ:** ଅଧିକାଂଶ ଯୁବତୀ ଯୁବକଙ୍କ ଲାଗି ବାହାରେ ଭଳିକି ଭଳି ଚଟ୍‌ପଟି ଖାଦ୍ୟ, ଫାଷ୍ଟଫୁଡ୍ ଖାଇବା, କୋଲ୍ଡ ଡ୍ରିଙ୍କ୍ ଆଦି ପିଇବା ବିନା ମାର୍କେଟିଂ ଯେମିତି ଅଧୁରା। ହେଲେ ବର୍ତ୍ତମାନ ପରିସ୍ଥିତିରେ ବାହାରେ ଖାଇବା ବିପଦପୂର୍ଣ୍ଣ। ଯଦି ନିହାତି ଖାଇବାକୁ ଇଚ୍ଛା ଥାଏ, ତେବେ ପାର୍ସଲ୍ ନେଇ ଘରେ ଖାଆନ୍ତୁ।







## ଏ ସପ୍ତାହର ପ୍ରଶ୍ନ

୧– ନିଜ ମସ୍ତିଷ୍କର ଆକାରକୁ ଛୋଟ ଏବଂ ବଡ଼ କରିପାରୁଥିବା ଜୀବ........ ?
୨– ଏମ୍‌କେ–୪୪୮୨ ଏକ............ ଡ୍ରଗ୍‌ର ନାମ ?
୩– ଏସ୍‌ଡିଆର୍‌ର ଫୁଲ୍‌ଫର୍ମ.................... ?
୪– ଭାରତର...............ରାଜ୍ୟରେ ସର୍ବାଧିକ ଚିନି ମିଲ୍ ରହିଛି ?
୫– ଇଣ୍ଟରନ୍ୟାଶନାଲ୍ ଫଣ୍ଡ ଫର୍ ଏଗ୍ରିକଲ୍ଚରାଲ ଡେଭଲପ୍‌ମେଣ୍ଟର ହେଡ୍‌କ୍ୱାର୍ଟର..... .... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଡେନ୍‌ମାର୍କ
୨ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ
୩ ମିନିଷ୍ଟ୍ରି ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି
୪ ୧୯୪୯
୫ ୧୮୩୩

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ବିନୋଦ ବିହାରୀ ବେହେରା
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତଗାମୀ ଜଳଜୀବ



| | |
|---|---|
| ୧– ମାର୍ଲିନ୍ | ୧୧୦କିମି. ପ୍ରତି ଘଣ୍ଟା |
| ୨– ସ୍ୱୋର୍ଡଫିସ୍ | ୯୭ କିମି. ପ୍ରତି ଘଣ୍ଟା |
| ୩– ମାକୋ ସାର୍କ | ୭୪ କିମି. ପ୍ରତି ଘଣ୍ଟା |
| ୪– ୟେଲୋଫିନ୍ ଟୁନା | ୭୪ କିମି. ପ୍ରତି ଘଣ୍ଟା |
| ୫– ଫ୍ଲାଇଂ ଫିସ୍ | ୬୯ କିମି. ପ୍ରତି ଘଣ୍ଟା |
| ୬– ବୋନ୍ ଫିସ୍ | ୬୪ କିମି. ପ୍ରତି ଘଣ୍ଟା |
| ୭– ବୋନିଟୋ | ୬୪ କିମି. ପ୍ରତି ଘଣ୍ଟା |
| ୮– କିଲର୍ ହ୍ୱେଲ୍ | ୫୫ କିମି. ପ୍ରତି ଘଣ୍ଟା |
| ୯– ବାରା କୁଡା | ୨୭ କିମି. ପ୍ରତି ଘଣ୍ଟା |
| ୧୦– ପାଇଲଟ୍ ହ୍ୱେଲ୍ | ୩୨ କିମି. ପ୍ରତି ଘଣ୍ଟା |

ୟୁଥ୍ ଆଲର୍ଟ

# ଫିଟ୍ ରଖେ ପ୍ରାଣାୟାମ

କରୋନା ସଂକ୍ରମଣ ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି। ଚଳିତ ଥର ପୂର୍ବଭଳି ଥଣ୍ଡା, ଜ୍ୱର ଭଳି ଲକ୍ଷଣ ପରିବର୍ତ୍ତେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେଉଛି ଏବଂ ଅକ୍ସିଜେନ୍ ଅଭାବ ହେଉଛି। ଏମିତିରେ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରିବା ସଭିଙ୍କ ଲାଗି ବେଶ୍ ଉପକାରୀ ହୋଇପାରେ...



- ପ୍ରାଣାୟାମ କରିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଜନଶୂନ୍ୟ ସ୍ଥାନରେ ଖୋଲାପବନରେ ବସି ପ୍ରାଣାୟମ କଲେ ଅଧିକ ଅମ୍ଳଜାନ ଶରୀରକୁ ଯାଏ ଏବଂ ତାହା ରକ୍ତରେ ମିଶି ଶରୀରର ପ୍ରତିଟି ଅଂଶକୁ ପହଞ୍ଚି ରିଲାକ୍ସ କରିଥାଏ। ଫଳରେ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ।
- ପ୍ରାଣାୟାମ କରିବା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଫୁର୍ତ୍ତି ରଖିଥାଏ। ଫଳରେ ଆପଣ ସାରାଦିନ ଏନର୍ଜେଟିକ୍ ଅନୁଭବ କରିବେ।
- ଯେଉଁମାନଙ୍କଠାରେ ବ୍ଲଡ୍‌ପ୍ରେସର, ଡାଇବେଟିସ୍, ଡିପ୍ରେଶନ୍, ଶ୍ୱାସ ଭଳି ସମସ୍ୟା ରହିଛି, ସେମାନେ ଅନ୍ତତଃପକ୍ଷେ ଦିନକୁ ଥରେ ପ୍ରାଣାୟମ କରିବା ଦ୍ୱାରା ଏଭଳି ରୋଗଠୁ ଦୂରେଇ ରହିବାରେ ସହାୟକ ହେବ।
- ପ୍ରାଣାୟାମ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହୋଇଥାଏ ; ଯାହାକି ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦୂର କରିଥାଏ।
- ପାଠପଢ଼ା, ଜବ୍ ଆଦିକୁ ନେଇ ବର୍ତ୍ତମାନ ଅନେକ ଯୁବତୀଯୁବକ ମାନସିକ ଚାପରେ ରହୁଥିବା ଦେଖିବାକୁ ମିଳୁଛି। ଏମିତିରେ ମାନସିକ ଚାପ ଦୂର କରି ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି କରିବାରେ ପ୍ରାଣାୟମ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ।
- ଏହାଦ୍ୱାରା କେଶ ଝଡ଼ିବା କମ୍ ହୋଇ ଅଧିକ ଘନ ଓ ସୁନ୍ଦର ଲାଗିଥାଏ। କେବଳ ଏତିକି ନୁହେଁ, ତ୍ୱଚା ମଧ୍ୟ ଅଧିକ ସୁନ୍ଦର ଲାଗିଥାଏ।
- ସର୍ବୋପରି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳୁଥିବା ମେଦବହୁଳତା ସମସ୍ୟା ଦୂର କରି ଓଜନ ନିୟନ୍ତ୍ରିତ ସ୍ତରରେ ରଖିବାରେ ଏହା ସାହାଯ୍ୟ କରିଥାଏ।



ଯୁବ ପ୍ରତିଭା

# ପ୍ରସନ୍ନଙ୍କ ଚିତ୍ରକଳାରେ ପ୍ରାକୃତିକ ରଙ୍ଗର ଝଲକ

ରଙ୍ଗ ଈଶ୍ୱରଙ୍କ ସୃଷ୍ଟିର ଏକ ଅତୁଳନୀୟ ବରଦାନ ; ଯାହାକି ଭଳିକିଭଳି ଫୁଲ, ଫଳ, ପ୍ରଜାପତି ଆଦିକୁ ରଙ୍ଗିନ କରିବା ସହ ପ୍ରକୃତିର ସୌନ୍ଦର୍ଯ୍ୟକୁ ମଧ୍ୟ ଦ୍ୱିଗୁଣିତ କରିଥାଏ। ପ୍ରକୃତିର ଏହି ମନୋରମ ରଙ୍ଗକୁ ନେଇ ଚିତ୍ରକଳା କ୍ଷେତ୍ରରେ ଏକ୍ସପେରିମେଣ୍ଟ କରିବାକୁ ଆଗେଇ ଆସିଛନ୍ତି ଜଣେ ଯୁବ ଚିତ୍ରଶିଳ୍ପୀ। ବିଭିନ୍ନ ପ୍ରାକୃତିକ ରଙ୍ଗ ବ୍ୟବହାର କରି ସେ ଆଙ୍କୁଛନ୍ତି ଭଳିକିଭଳି ମନଲୋଭା ଚିତ୍ର। ଆଉ ଏଥିପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ସେ ହେଉଛନ୍ତି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଧନିଶୋ ଗ୍ରାମର ପ୍ରେମଲତା ଏବଂ ନାଗେଶ୍ୱର ସାଉଙ୍କ ପୁଅ ପ୍ରସନ୍ନ କୁମାର । ଖୁବ୍ କମ୍ ବୟସରୁ ଚିତ୍ରାଙ୍କନ ପ୍ରତି ତାଙ୍କ ଆଗ୍ରହ ସୃଷ୍ଟି ହୋଇଥିଲା। ବୟସ ବଢ଼ିବା ସହ ସେ ଏ ଦିଗରେ ଆଗେଇ ଚାଲିଲେ। ମାର୍କେଟ୍‌ରେ ମିଳୁଥିବା କେମିକାଲ୍‌ଯୁକ୍ତ ରଙ୍ଗ ପରିବର୍ତ୍ତେ କିପରି ନିଜେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିପାରିବେ, ତା'କୁ ନେଇ ବିଭିନ୍ନ ବହି, ଇଣ୍ଟରନେଟ୍ ଆଦିରୁ ରିସର୍ଚ୍ଚ ମଧ୍ୟ କଲେ। ବର୍ତ୍ତମାନ ସେ ପୋଇ ଶାଗ ଏବଂ ମଞ୍ଜି, ବିଟ୍, ପାଳଙ୍ଗ, ଜୟନ୍ତି, କୋଶଳା ଶାଗ, କଫି ମଞ୍ଜି, ପଳାଶ ଫୁଲ, ଜାମୁକୋଳି, ହଳଦୀ ଆଦିରୁ ବିଭିନ୍ନ ରଙ୍ଗ ପ୍ରସ୍ତୁତ କରି ଅନେକ ମନୋରମ ଚିତ୍ରକଳାମାନ ପ୍ରସ୍ତୁତ କରୁଛନ୍ତି। ଏସବୁ ଚିତ୍ର ଦେଖଣାହାରିଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଭାରତୀୟ ଚିତ୍ରକଳାର ଟେମ୍ପୋରା ପେଣ୍ଟିଂ ଏବଂ ମିନିଏଚର୍ ପେଣ୍ଟିଂ ମଧ୍ୟ ତାଙ୍କୁ ବେଶ୍ ଲୋକପ୍ରିୟ କରାଇପାରିଛି। ପ୍ରସନ୍ନ କୁହନ୍ତି, "ଆଜିର ଦିନରେ ମାର୍କେଟ୍‌ରେ ଭଳିକିଭଳି ରଙ୍ଗ ମିଳୁଥିବା ବେଳେ ମୁଁ ସେସବୁ ବଦଳରେ ଏଭଳି ପ୍ରାକୃତିକ ରଙ୍ଗ ବ୍ୟବହାର କରିବାର କାରଣ ହେଉଛି ଏସବୁ ଅପେକ୍ଷାକୃତ ଉଜ୍ଜ୍ୱଳ, ଦୀର୍ଘ ସ୍ଥାୟୀ, ଫଙ୍ଗସ୍ ଫ୍ରି ମଧ୍ୟ। ତା'ଛଡ଼ା ସବୁଠୁ ବଡ଼ କଥା ହେଉଛି, ଏସବୁ କେମିକାଲ୍ ଫ୍ରି ଏବଂ ସମ୍ପୂର୍ଣ୍ଣ ଅର୍ଗାନିକ।" ସେ ମୁଖ୍ୟତଃ ଗୋଟିଏ ଗୋଟିଏ ସିରିଜ୍ ୱାର୍କ ମାଧ୍ୟମରେ ପ୍ରକୃତି ଉପରେ ପର୍ଯ୍ୟବସିତ ଚିତ୍ର ଆଙ୍କନ୍ତି। ଏହା ସହିତ ସାମାଜିକ ଜୀବନଶୈଳୀ ଏବଂ ପୌରାଣିକ କଥାବସ୍ତୁକୁ ନେଇ ସେ ଆଧୁନିକ କଣ୍ଟେମ୍ପୋରାରୀ ଶୈଳୀରେ କାର୍ଯ୍ୟ କରୁଛନ୍ତି। ଏହି ସୁନ୍ଦର ଚିତ୍ରାଙ୍କନ ଲାଗି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ସେ ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ପ୍ରସ୍ତୁତ ଚିତ୍ରକଳା କେବଳ ଓଡ଼ିଶାରେ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛି। ସେ ବିଭିନ୍ନ ପତ୍ରପତ୍ରିକା ପାଇଁ ଇଲୁଷ୍ଟ୍ରେଶନ୍ ବି କରୁଛନ୍ତି। କରୋନା ସତର୍କତାକୁ ନେଇ ତାଙ୍କ ଦ୍ୱାରା ପ୍ରସ୍ତୁତ ଜଗନ୍ନାଥ ମାସ୍କ ପିନ୍ଧିଥିବା ପେଣ୍ଟିଂଗୁଡ଼ିକ ବେଶ୍ ଭାଇରାଲ୍ ମଧ୍ୟ ହୋଇଥିଲା। ନିଜ ସଫଳତାର ଶ୍ରେୟ ମାଆବାପାଙ୍କୁ ଦେଉଥିବା ପ୍ରସନ୍ନ ଭବିଷ୍ୟତରେ ଆର୍ଟ ଏଜୁକେଶନ୍‌କୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ସହ ଏହାକୁ ସମାଜମଙ୍ଗଳ କ୍ଷେତ୍ରରେ ବ୍ୟବହାର କରିବାକୁ ନେଇ କିଛି ନୂଆ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୫ ଏପ୍ରିଲ, ୨୦୨୧ Sambalpur, Sunday, April 25/2021

# କୋଲକାତା ପୁଣି ହାରିଲା

**ମୁମ୍ବାଇ,୨୪।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପୂର୍ବତନ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଲିଗ୍ର ଲୋ ସ୍କୋରିଂ ୧୮ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ଉଇକେଟରେ କୋଲକାତାକୁ ହରାଇଛି। ଦୁଇଟି ପରାଜୟ ପରେ ରାଜସ୍ଥାନ ବିଜୟୀ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିଲା। ଜବାବରେ ରାଜସ୍ଥାନ ୧୮.୫ ଓଭରରେ ୪ ଉଇକେଟ ହରାଇ ୧୩୪ ରନ କରି ବିଜୟୀ ହୋଇଛି। ଏଥିସହ ରାଜସ୍ଥାନ ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଉଠିଛି।

୧୩୪ ରନ ଛୋଟିଆ ଟାର୍ଗେଟର ପିଛା କରି ରାଜସ୍ଥାନ ୪୦ ରନରେ ୨ ଉଇକେଟ ହରାଇଥିଲା। ଅଭିଜ୍ଞ ଓପନର ଜୋଶ ବଟଲର ୫ ରନକରି ବରୁଣ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ରଥମେ ଆଉଟ ହୋଇଥିଲେ। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୭ ବଲରୁ ୫ ଚୌକା ସହ ୨୨ ରନକରି ଶିବମ୍ ମାଭିଙ୍କ ବଲ୍‌ରେ ବଦଳ ଖେଳାଳି କମଲେଶ ନାଗରକୋଟିଙ୍କୁ ସୁଇପର କଭରରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ଅଧିନାୟକ ସଞ୍ଜୁ ସାମସନ ଓ ଶିବମ୍ ଦୁବେ ୩୯ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ତେବେ ଦୁବେ ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୨୨ ରନ କରି ମିଡ୍‌ଉଇକେଟରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ରାହୁଲ ଟେୱାଟିଆ ୫ ରନକରି କ୍ରିଷ୍ଣାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ସାମସନ ଓ ମିଲର ୩୪ ବଲରୁ ୩୪ ରନକରି ଦଳକୁ ଜିତାଇଥିଲେ। ସାମସନ ୪୨ ରନ (୪୧ ବଲ, ୨ ଚୌକା, ୧ ଛକା) ଓ ମିଲର ୨୪ ରନ (୨୩ ବଲ, ୩ ଚୌକା) କରି ଅପରାଜିତ ରହିଥିଲେ। ବୋଲିଂରେ କୋଲକାତା ତରଫରୁ ବରୁଣ ୨, ମାଭି ଓ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ କ୍ରିସ୍ ମୋରିସ।

ଟସ୍ ହାରି ବ୍ୟାଟିଂ କରିବାକୁ ଡାକରା ପାଇଥିବା କୋଲକାତାର ଆରମ୍ଭ ଭଲ ହୋଇ ନ ଥିଲା। ଦଳ ୬୧ ରନରେ ୪ ଉଇକେଟ ହରାଇଥିଲା। ୨୪ ରନରେ ପ୍ରଥମ ଉଇକେଟର ପତନ ହୋଇଥିଲା। ପରେ ମାତ୍ର ୧୬ ରନ ବ୍ୟବଧାନରେ ଦଳ ୩ ଉଇକେଟ ହରାଇ ବିପର୍ଯ୍ୟୟରେ ପଡିଥିଲା। ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଶୁବମନ ଗିଲ ମାତ୍ର ୧୧ ରନ କରି ବଟଲରଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ୨୨ ରନ କରିଥିବା ବେଳେ ନୀତୀଶ ରାଣା ଚେତନ ସାକାରିଆଙ୍କ ବଲ୍‌ରେ ଉଇକେଟକିପର ସଞ୍ଜୁ ସାମ୍‌ସନଙ୍କୁ କ୍ୟାଚ୍ ଦେଇଥିଲେ। ସୁନୀଲ ନାରିନ ୬ ରନ କରିପାରି ଥିବାବେଳେ ଅଧିନାୟକ ଇଅନ ମୋର୍ଗାନ ଖାତା ଖୋଲିବା ପୂର୍ବରୁ କ୍ରିସ୍ ମୋରିସଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟରେ ରାହୁଲ ତ୍ରିପାଠୀ ଓ ଦୀନେଶ କାର୍ତ୍ତିକ ୩୦ ବଲରୁ ୩୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତ୍ରିପାଠୀ ୨୬ ବଲରୁ ୧ ଚୌକା ଓ ୨ ଛକା ସହ ୩୬ ରନକରି ମୁସ୍ତାଫିଜୁର ରହମାନଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ରିଆନ ପରାଗଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆନ୍ଦ୍ରେ ରସେଲ ୯ ରନକରି ମୋରିସ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୋଟିଏ ଓଭରରେ ରସେଲ ଓ କାର୍ତ୍ତିକଙ୍କୁ ଆଉଟ କରିଥିଲେ ମୋରିସ୍। କାର୍ତ୍ତିକ ୨୪ ବଲରୁ ୪ ଚୌକା ସହ ୨୫ ରନକରି ଏକ୍ସଟ୍ରା କଭରରେ ସାକାରିୟାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ୟାଟ୍ କମିନ୍ସ ୬ ବଲରୁ ୧ ଛକା ସହ ୧୦ ରନକରି ମୋରିସଙ୍କ ତୃତୀୟ ଶିକାର ହୋଇଥିଲେ। ୫ ରନ କରି ଶିବମ ମାଭି ମୋରିସ୍‌ଙ୍କ ଦ୍ୱାରା କ୍ଲିନ୍‌ବୋଲ୍ଡ ହୋଇଥିଲେ। ଫଳରେ ମୋରିସ ୨୩ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନାଡକଟ, ସାକାରିୟା ଓ ମୁସ୍ତାଫିଜୁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅନ୍ତିମ ୫ ଓଭରରେ କୋଲକାତା ୫ ଉଇକେଟ ହରାଇ ମାତ୍ର ୪୦ ରନ ସଂଗ୍ରହ କରିଥିଲା।

**ପ୍ରଥମ ମ୍ୟାଚ୍ ଖେଳିଲେ ଯଶସ୍ୱୀ, ମାଭି**

ରାଜସ୍ଥାନ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଶ୍ରେୟାସ ଗୋପାଳ ଓ ମନନ ଭୋରାଙ୍କ ସ୍ଥାନରେ ଜୟଦେବ ଉନାଡକଟ ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଯଶସ୍ୱୀ ସିଜନର ପ୍ରଥମ ମ୍ୟାଚ୍ ଖେଳିଥିଲେ। ତେବେ ଉନାଡକଟ ପୂର୍ବରୁ ୨ଟି ମ୍ୟାଚ୍ ଖେଳିସାରିଛନ୍ତି। କୋଲକାତା ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। କମଲେଶ ନାଗରକୋଟିଙ୍କ ବଦଳରେ ଶିବମ୍ ମାଭିଙ୍କୁ ସୁଯୋଗ ଦିଆ ଯାଇଥିଲା। ମାଭି ଚଳିତ ସିଜନରେ ପ୍ରଥମ ମ୍ୟାଚ୍ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୩୩/୯ (ରାହୁଲ ତ୍ରିପାଠୀ– ୩୬, ଦୀନେଶ କାର୍ତ୍ତିକ– ୨୫, ନୀତୀଶ ରାଣା– ୨୨, କ୍ରିସ୍ ମୋରିସ– ୪/୨୩, ଜୟଦେବ ଉନାଡକଟ– ୧/୨୫, ଚେତନ ସାକାରିୟା– ୧/୩୧, ମୁସ୍ତାଫିଜୁର ରହମାନ– ୧/୨୨)। ରାଜସ୍ଥାନ ରୟାଲ୍ସ ୧୮.୫ ଓଭରରେ ୧୩୪/୪ (ସାମସନ– ୪୨*, ଜୟସ୍ୱାଲ– ୨୨, ଦୁବେ– ୨୨, ମିଲର– ୨୪*, ବରୁଣ– ୨/୩୨, ମାଭି– ୧/୧୯, କ୍ରିଷ୍ଣା– ୧/୨୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୪ | ୦ | ୮ | +୧.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୩ | ୧ | ୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୪୨୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | –୦.୦୩୨ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | –୦.୪୨୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | –୦.୬୮୧ |
| ସନ୍‌ରାଇଜର୍ସ | ୪ | ୧ | ୩ | ୨ | –୦.୨୨୮ |
| ନାଇଟ ରାଇଡର୍ସ | ୫ | ୧ | ୪ | ୨ | –୦.୬୭୫ |

# ଖଲିଲଙ୍କ ପାଇଁ ସୁଯୋଗ

**ଭିଭିଏସ୍ ଲକ୍ଷ୍ମଣ**

ପଞ୍ଜାବ କିଙ୍ଗ୍ସକୁ ହରାଇ ଆଇପିଏଲ୍ ୨୦୨୧ରେ ଏହାର ପ୍ରଥମ ବିଜୟ ହାସଲ କରିଛି ସନରାଇଜର୍ସ ହାଇଦ୍ରାବାଦ। ଦଳ ପାଇଁ ଏହା ଖୁସି ଓ ଆଶ୍ୱସ୍ତିର ବିଷୟ। ମ୍ୟାଚରେ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବିପକ୍ଷ ଦଳର ଶକ୍ତିଶାଳୀ ବ୍ୟାଟିଂ ୟୁନିଟ୍ ସତ୍ତ୍ୱେ ୧୨୦ ରନରେ ସୀମିତ ହୋଇଯାଇଥିଲା। ବ୍ୟାଟିଂକୁ ସୁହାଉ ନ ଥିବା ପିଚ୍‌ରେ ବିଜୟ ଲକ୍ଷ୍ୟ ଚେଜ୍ କରିବା ସହଜ ନ ଥିଲା। ତେବେ ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋ ଦୃଢ଼ ବ୍ୟାଟିଂ କରିଥିଲେ। କେନ୍ ୱିଲିୟମସନଙ୍କ ଯୋଗଦାନ ପରେ ଦଳ ସନ୍ତୁଳିତ ହୋଇପାରିଛି। ଟୁର୍ନାମେଣ୍ଟ ଆରମ୍ଭରେ ଆମକୁ ଏ ଭଳି ଖେଳିବାର ଥିଲା। କିନ୍ତୁ ଆମେ ସବୁବେଳେ ନିୟନ୍ତ୍ରଣରେ ରହିଆସିଛୁ। ଏଣିକି ଆମକୁ ଅଧିକ ପେସାଦାରି ହୋଇ ଖେଳିବାକୁ ହେବ। ଚେନ୍ନାଇ ପିଚ୍‌ର ଲକ୍ଷଣକୁ ନେଇ ମୁଁ ଅସନ୍ତୁଷ୍ଟ। ସେଠାରେ ବ୍ୟାଟିଂ କରିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଏକ ପରୀକ୍ଷା ଭଳି। ଚେପକ ବୋଲରମାନଙ୍କୁ ଏତେଟା ସୁହାଉଛି ଯେ ଏହା ଟି୨୦ କ୍ରିକେଟ ପାଇଁ ଉପଯୁକ୍ତ ମନେହେଉନି। ଯାହା ହେଉ ରବିବାର ରାତିରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ ପରେ ଆମ ଦଳ ଅନ୍ୟତ୍ର ମ୍ୟାଚ ଖେଳିବ। ପ୍ରଥମ ବିଜୟ ଆମକୁ ଖୁସି ଆଣି ଦେଇଥିଲେ ମଧ୍ୟ ଆଘାତପ୍ରାପ୍ତ ଯୋଗୁ ଟି. ନଟରାଜନ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚରେ ଆମ ପାଇଁ ଉପଲବ୍ଧ ନ ହେବା ଏକ ଖରାପ ଖବର। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଆଇପିଏଲ୍‌ର ଗତ ସିଜନରେ ନଟରାଜନ ଆମର ଜଣେ ଷ୍ଟାର ଖେଳାଳି ଥିଲେ। ଏହି ସଫଳତା ପାଇଁ ବର୍ତ୍ତମାନ ସେ ଭାରତୀୟ ଦଳରୁ ତିନୋଟି ଫର୍ମାଟରେ ପଦାର୍ପଣ କରିପାରିଛନ୍ତି। ଆସନ୍ତା ସପ୍ତାହରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହେବ। ଆମେ ତାଙ୍କର ଶୀଘ୍ର ସୁସ୍ଥ କାମନା କରୁଛୁ। ଆମର ବହୁ ରଣକୌଶଳ ନଟରାଜନଙ୍କୁ ନେଇ ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ଆମକୁ ନୂଆ ରଣକୌଶଳ ପ୍ରସ୍ତୁତ କରିବାକୁ ପଡ଼ିବ। ଇଞ୍ଜୁରି ପାଇଁ ରାଜସ୍ଥାନ ରୟାଲ୍ସକୁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳିଙ୍କୁ ହରାଇବାକୁ ପଡ଼ିଛି। ଏପରିକି ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଶେଷ ମୁହୂର୍ତ୍ତରେ ବହୁ ବିଦେଶୀ ଖେଳାଳି ଦଳରୁ ଓହରି ଯାଇଛନ୍ତି। ଖେଳାଳି ନିଲାମ ବେଳେ ଫ୍ରାଞ୍ଚାଇଜଗୁଡ଼ିକ ସେମାନଙ୍କ ରଣକୌଶଳକୁ ଦୃଷ୍ଟିରେ ରଖି ଏହି ଖେଳାଳିମାନଙ୍କୁ କ୍ରୟ କରିଥିଲେ। ବିଳମ୍ବରେ କୌଣସି ପ୍ରମୁଖ ଖେଳାଳି ଓହରିଯିବା ଦ୍ୱାରା ନୂଆ ରଣକୌଶଳ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଏକ ପ୍ରକାର ଚ୍ୟାଲେଞ୍ଜ ନିଶ୍ଚୟ। ସମଗ୍ର ବିଶ୍ୱ ବିଶେଷକରି ଆମ ଦେଶର ଅବସ୍ଥା ଏବେ ଏକ ଖରାପ ସମୟ ଦେଇ ଗତିକରୁଛି। ଯାତାୟାତ କଟକଣା ସାଙ୍ଗକୁ ଆବଶ୍ୟକ କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ଯୋଗୁ ଦଳରେ ଜଣେ ନୂଆ ଦକ୍ଷ ଖେଳାଳିଙ୍କୁ ଆଣି ଖେଳାଇବା ସହଜ ନୁହେଁ। ବର୍ତ୍ତମାନ ସମ୍ବଲକୁ ଠିକଣା ରୂପେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ। ମୁଁ ସବୁବେଳେ କହି ଆସିଛି ଜଣେ ଇଞ୍ଜୁରି ହେଲେ ଅନ୍ୟ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଗତ ସିଜନରେ ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ନଟରାଜନଙ୍କୁ ସୁଯୋଗ ମିଳିଥିଲା। ଏହାର ସୁଯୋଗରେ ସେ ଅତି ଶୀଘ୍ର ନିଜକୁ ଜଣେ ନିୟମିତ ଖେଳାଳି ଭାବେ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇପାରିଛନ୍ତି। ପ୍ରଥମ ଦୁଇଟି ଗେମ୍‌ରେ ନଟରାଜନଙ୍କ ଅନୁପସ୍ଥିତି ଖଲିଲ ଅହମ୍ମଦଙ୍କୁ ତାଙ୍କ ଦକ୍ଷତା ପ୍ରତିପାଦନ ପାଇଁ ସୁଯୋଗ ସୃଷ୍ଟି କରିଛି। (**ଗେମ୍‌ପ୍ଲାନ**)




# କୃନାଲଙ୍କ ଆଚରଣକୁ ନାପସନ୍ଦ

**ମୁମ୍ବାଇ,୨୪।୪**

ଚଳିତ ଆଇପିଏଲ୍‌ରେ ୫ଥର ଟାଇଟଲ ହାସଲ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଦଳ ଏ ପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି।


କୃନାଲ ପାଣ୍ଡ୍ୟା

କ୍ୱିଣ୍ଟନ ଡିକକ, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କୁ ନେଇ ମୁମ୍ବାଇର ଟପ୍ ଅର୍ଡର ଏଥର ଚମକ ଦେଖାଇପାରି ନାହାନ୍ତି। ତେବେ ପ୍ରକୃତ ସମସ୍ୟା ରହିଛି ହାର୍ଦ୍ଦିକ ପାଣ୍ଡ୍ୟା, କୃନାଲ ପାଣ୍ଡ୍ୟା ଓ କିରନ ପୋଲାର୍ଡଙ୍କ ବିଫଳତାରେ। ହାର୍ଦ୍ଦିକ ଭଲ ବ୍ୟାଟିଂ କରିପାରୁ ନ ଥିବା ବେଳେ ବୋଲିଂ ମଧ୍ୟ କରୁନାହାନ୍ତି। ଫଳରେ ଦଳର ସନ୍ତୁଳନ ରହୁନାହିଁ। କୃନାଲ ଏଥର ଆଇପିଏଲ୍‌ରେ ବିଫଳ ହୋଇଛନ୍ତି। ୫ଟି ଇନିଂସରେ ସେ ୭.୨୫ ହାରରେ ୧୦୭. ୪୦ ଷ୍ଟ୍ରାଇକ ରେଟ୍‌ରେ ମାତ୍ର ୨୯ ରନ ସଂଗ୍ରହ କରିଛନ୍ତି। ପୁଣି ସ୍ପିନକୁ ସୁହାଉଥିବା ପିଚ୍‌ରେ ସେ ମାତ୍ର ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ୧୬ ଓଭର ବୋଲିଂ କରି ସେ ୩୮.୬୬ ହାରରେ ୧୧୬ ରନ ବ୍ୟୟ କରିଛନ୍ତି। ପଡିଆରେ ତାଙ୍କର ଆକ୍ରମଣାତ୍ମକ ଆଚରଣକୁ ମଧ୍ୟ ନାପସନ୍ଦ କରାଯାଉଛି। ବୋଲିଂ କରିବା ବେଳେ ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ଖେଳାଯାଉଥିବା ଶଟ୍‌କୁ ଧରିବାର କୌଣସି ସମ୍ଭାବନା କିମ୍ବା ଅବକାଶ ନ ଥିଲେ ମଧ୍ୟ ସେ ଫିଲ୍ଡରଙ୍କ ଉପରେ ଅସନ୍ତୋଷ ଜାହିର କରି କ୍ରୋଧ ପ୍ରକାଶ କରୁଛନ୍ତି। ତାଙ୍କର ଏହି ଅଯୌକ୍ତିକ ଆଚରଣକୁ ସୋସିଆଲ ମିଡିଆରେ ପ୍ରଶଂସକମାନେ ଟ୍ରୋଲ କରୁଛନ୍ତି।

# ଶ୍ରୀଲଙ୍କାର ଦୃଢ଼ ଜବାବ

**ପାଲିକେଲ (ଶ୍ରୀଲଙ୍କା), ୨୪।୪:** ସ୍ଥାନୀୟ ପାଲିକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୫୪୧/୭ ଜବାବରେ ଶ୍ରୀଲଙ୍କା ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୫୧୨ରନ କରିଛି। ମ୍ୟାଚ ସମ୍ଭବତଃ ଡ୍ର ଆଡକୁ ଗତି କରିଛି। ଘରୋଇ ଦଳ ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୨୨୯/୩ରୁ ଖେଳ ଆରମ୍ଭ କରିଥିଲା। ଚତୁର୍ଥ ଦିବସରେ ବାଂଲାଦେଶ ବୋଲରମାନେ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲେ। ସେମାନେ ଗୋଟିଏ ହେଲେ ଉଇକେଟ ପତନ ଘଟାଇ ପାରି ନ ଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଦିମୁଥ କରୁଣାରତ୍ନେ ୨୩୪ ଏବଂ ଧନଞ୍ଜୟ ଡି'ସିଲ୍‌ଭା ୧୫୪ରନ କରି ଅପରାଜିତ ରହିଛନ୍ତି। ଦୁଇ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୩୨୨ରନର ପାର୍ଟନରଶିପ ହୋଇସାରିଛି।

# 'ଆର୍‌ସିବିରେ ଏବେ ଦୁଇ ୩୬୦ ଡିଗ୍ରି ଖେଳାଳି'

**ମୁମ୍ବାଇ, ୨୪।୪:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଫିଏଲ)ର ଚଳିତ ସଂସ୍କରଣରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ପ୍ରଦର୍ଶନରେ ଖୁବ୍ ପ୍ରଭାବିତ ହୋଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳରେ ଏବେ ୨ ଜଣ ୩୬୦ ଡିଗ୍ରି ଖେଳାଳି ବୋଲି ସେ ପ୍ରକାଶ କରିଛନ୍ତି। ବିପକ୍ଷ ଦଳର ବୋଲରମାନେ ଯେତେ ଯାହା କଲେ କରନ୍ତୁ, ସେମାନଙ୍କୁ ୨ ଜଣ ୩୬୦ ଡିଗ୍ରି ଖେଳାଳିଙ୍କୁ ବୋଲିଂ କରିବାକୁ ହେବ ବୋଲି ସେ କହିଛନ୍ତି। ଚଳିତ ଆଇପିଏଲରେ ଆରସିବି ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଛି। ଖେଳିଥିବା ୪ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ମ୍ୟାକ୍ସୱେଲଙ୍କୁ ସାମିଲ କରିବା ବିରାଟ କୋହଲିଙ୍କ ଦଳପାଇଁ ବଢ଼ିଆ କାମ ଦେଇଛି। ଗତ ସିଜନରେ ୧୩ଟି ମ୍ୟାଚରେ ୧୦୮ ରନ ସ୍କୋର କରିଥିବା ଏହି ଅଷ୍ଟ୍ରେଲୀୟ ଖେଳାଳି ଚଳିତ ସିଜନରେ ୩ ଇନିଂସରେ ୩୯, ୫୯ ଓ ୭୮ ରନ କରି ତାହାକୁ ଟପି ଯାଇଛନ୍ତି। ଆରସିବିର ପ୍ରଥମ ୩୬୦ ଡିଗ୍ରି ଖେଳାଳି ହେଲେ ଏବି ଡି'ଭିଲର୍ସ। ତାଙ୍କ ପରି ରିଭର୍ସ ସୁଇପ୍, ସ୍କୁପ୍, ସୁଇଚ୍ ହିଟ୍ ଶଟ୍‌କୁ ମ୍ୟାକ୍ସୱେଲ ଅତି ଦକ୍ଷତାର ସହ ଖେଳି ପାରୁଛନ୍ତି। ତେଣୁ ତାଙ୍କୁ ଚଳିତ ସିଜନରେ ରୋକିବା କଷ୍ଟକର ହୋଇପଡ଼ିବ ବୋଲି ଗାଭାସ୍କର କହିଛନ୍ତି। ମ୍ୟାକ୍ସୱେଲ ଭଲ ଫର୍ମରେ ଥିବାରୁ ବିରାଟ ଏବଂ ଡି'ଭିଲର୍ସଙ୍କ ଉପରୁ ଚାପ କମାଇ ପାରିଛନ୍ତି। ଆରସିବି ଜଣେ ଏଭଳି ବ୍ୟାଟ୍ସମ୍ୟାନଙ୍କୁ ଆବଶ୍ୟକ କରୁଥିଲା। ପ୍ରକୃତରେ ମ୍ୟାକ୍ସୱେଲ ଅବିଶ୍ୱସନୀୟ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ମ୍ୟାକ୍ସୱେଲ କ୍ରମାଗତ ୨ ଅର୍ଦ୍ଧଶତକ ହାସଲ କରିଛନ୍ତି। ଫଳରେ ଡେଥ୍ ଓଭରରେ ସେ ଦଳକୁ ଅନେକ ସହାୟକ ହୋଇ ପାରୁଛନ୍ତି। ଡି'ଭିଲର୍ସ ମଧ୍ୟ ଚମତ୍କାର ଖେଳୁଛନ୍ତି। ଟପ୍ ଅର୍ଡରରେ କ୍ଲାସିକାଲ ଖେଳାଳି ବିରାଟ ଓ ଦେବଦତ୍ତ ପଡିକାଲ ଦକ୍ଷତା ଦେଖାଇଛନ୍ତି।


ଗ୍ଲେନ୍ ମ୍ୟାକ୍ସୱେଲ ଓ ଏବି ଡି'ଭିଲର୍ସ



## ବିଷ୍ଣୁ–ଜ୍ୱାଲାଙ୍କ ବିବାହ ଭୋଜି

**ହାଇଦ୍ରାବାଦ, ୨୪।୪**

ନବବିବାହିତ ବିଷ୍ଣୁ ବିଶାଲ ଏବଂ ଜ୍ୱାଲା ଗୁଟ୍ଟାଙ୍କ ବିବାହ ଭୋଜି ଏବେ ଚର୍ଚ୍ଚାରେ। ହାଇଦ୍ରାବାଦରେ ଅନୁଷ୍ଠିତ ବିବାହ ଭୋଜିର ଫଟୋ ଏବେ ଇଣ୍ଟରନେଟ୍‌ରେ ଉପଲବ୍ଧ ହେଉଛି। ଗତ ଏପ୍ରିଲ ୨୨ରେ ଉଭୟଙ୍କ ବିବାହ ହୋଇଥିଲା। ବିବାହ ଭୋଜିରେ କେବଳ ସେମାନଙ୍କ ପରିବାର ଏବଂ ଅନ୍ତରଙ୍ଗ ବନ୍ଧୁ ଯୋଗ ଦେଇଥିଲେ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ବିଷ୍ଣୁ–ଜ୍ୱାଲାଙ୍କ ବିବାହ ଉତ୍ସବରେ ଉଭୟ ପରିବାରର ମାତ୍ର ୨୨ ଜଣ ଉପସ୍ଥିତ ଥିଲେ। ବିବାହ ଭୋଜିରେ ଜ୍ୱାଲା ଏକ ଲେହେଙ୍ଗା ଏବଂ ବିଷ୍ଣୁ କଳା ରଙ୍ଗର ଡ୍ରେସ ପରିଧାନ କରିଥିଲେ। ଏପ୍ରିଲ ୨୧ରେ ମେହେନ୍ଦି ଏବଂ ୨୨ରେ ମଙ୍ଗଳସୂତ୍ର କର୍ମ ଅନୁଷ୍ଠିତ ହୋଇଥିଲା।

# କରୋନା ମୁକ୍ତ ସଚିନ ପ୍ଲାଜ୍‌ମା ଦାନ କରିବେ

**ମୁମ୍ବାଇ, ୨୪।୪(ପି.ଟି.)**

ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ସଚିନ ତେନ୍ଦୁଲକର ଶନିବାର ନିଜ ୪୮ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ କୋଭିଡ୍–୧୯ରୁ ସୁସ୍ଥ ହୋଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି ଏବଂ ଅନୁମତି ମିଳିଲେ ପ୍ଲାଜ୍‌ମା ଦାନ କରିବେ ବୋଲି କହିଛନ୍ତି। ସଚିନ ମାର୍ଚ୍ଚ ୨୭ରେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସେ କିଛିଦିନ ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ''ଡାକ୍ତରଙ୍କଠାରୁ ମୁଁ ଯାହା ଜାଣିବାକୁ ପାଇଛି ସେ ସମ୍ପର୍କରେ ଏକ ବାର୍ତ୍ତା ଦେବାକୁ ଚାହୁଁଛି। ଗତବର୍ଷ ମୁଁ ଏକ ପ୍ଲାଜ୍‌ମା ଦାନ ସେଣ୍ଟର ଉଦ୍‌ଘାଟନ କରିଥିଲି। ଯଦି ଠିକ୍ ସମୟରେ ପ୍ଲାଜ୍‌ମା ଦାନ କରାଯାଏ ତେବେ ରୋଗୀ ଶୀଘ୍ର ସୁସ୍ଥ ହେବା ସମ୍ଭାବନା ରହିଛି'' ବୋଲି ତେନ୍ଦୁଲକର ନିଜ ଟୁଇଟର ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ପ୍ରକାଶ କରିଛନ୍ତି।

**୪୮ତମ ଜନ୍ମଦିନ ପାଳିଲେ**


ସଚିନ ତେନ୍ଦୁଲକର

ବ୍ୟକ୍ତିଗତ ଭାବେ ତାଙ୍କୁ ଅନୁମତି ମିଳିଲେ ସେ ପ୍ଲାଜ୍‌ମା ଦାନ କରିବେ ବୋଲି ଡାକ୍ତରଙ୍କୁ ଜଣାଇଥିବା ସଚିନ କହିଛନ୍ତି। ଏପ୍ରିଲ ୮ରେ ଡାକ୍ତରଖାନାରୁ ଆସିବା ପରେ ସଚିନ ହୋମ୍ ଆଇସୋଲେଶନରେ ଥିଲେ। ନିୟମ ଅନୁସାରେ ଜଣେ ବ୍ୟକ୍ତି ପ୍ଲାଜ୍‌ମା ଦାନ କରିବାର ୧୪ ଦିନ ପୂର୍ବରୁ ତା'ଠାରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିବ। ଯେଉଁମାନେ କୋଭିଡ୍–୧୯ରୁ ମୁକ୍ତ ହୋଇଛନ୍ତି ସେମାନେ ନିଜ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନୁମତି ମିଳିଲେ ଦୟାକରି ରକ୍ତଦାନ କରନ୍ତୁ। ଏହା ଅନେକ ସମସ୍ୟାକୁ କମାଇ ଦେଇଥାଏ। ଆମେ ଯେତେବେଳେ ଅସୁସ୍ଥ ଥାଉ ସେତେବେଳେ ଆମ ପରିବାର ଏବଂ ବନ୍ଧୁବର୍ଗ କିପରି ସମସ୍ୟାଦେଇ ଗତି କରିଥାନ୍ତି ତାହା ଆମେ ଜାଣିଛେ ବୋଲି ଏହି ଆଇକନିକ୍ ଖେଳାଳି ପ୍ରକାଶ କରିଛନ୍ତି। ଚିକିତ୍ସା ସମୟରେ ସକାରାତ୍ମକ ଚିନ୍ତାଧାରାରେ ରଖିଥିବାରୁ ଡାକ୍ତରଙ୍କୁ ଧନ୍ୟବାଦ ଜଣାଇଛନ୍ତି ସଚିନ। ଗତ ମାସ ମୋ ପାଇଁ ଅତ୍ୟନ୍ତ କଷ୍ଟସାଧ ଥିଲା। ମୁଁ କରୋନାରେ ଆକ୍ରାନ୍ତ ହୋଇଥିବାରୁ ୨୧ଦିନ ଆଇସୋଲେଶନରେ ରହିଥିଲି। ଏହି ସମୟ ମଧ୍ୟରେ ମୋ ପରିବାର, ବନ୍ଧୁବର୍ଗ ଏବଂ ଡାକ୍ତର ସକାରାତ୍ମକ ଚିନ୍ତାଧାରାରେ ରଖିଥିଲେ। ଏହା ମୋତେ ସୁସ୍ଥ ହେବାରେ ବହୁତ ସାହାଯ୍ୟ କରିଥିଲା। ଏଥିପାଇଁ ସମସ୍ତଙ୍କୁ ଅନେକ ଅନେକ ଧନ୍ୟବାଦ ବୋଲି ସଚିନ ଏହି ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ଡୁଙ୍ଗୁରିପାଲି: କରୋନାରେ ଜଣେ ମୃତ**

ଡୁଙ୍ଗୁରିପାଲି,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ଅନ୍ତର୍ଗତ ଖୁସାମାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କିଛି ଦିନ ଆଗରୁ ଝାରସୁଗୁଡା ବେଦାନ୍ତ କମ୍ପାନୀରେ କାମ କରୁଥିଲେ। ଗାଁରେ ରାଶନ କାର୍ଡ ଭେରିଫିକେସନ୍ କରିବାକୁ ଖୁସାମାଲକୁ ସେ ୪ଦିନ ତଳେ ଆସିଥିଲେ। ତାଙ୍କର କୋଭିଡ ପରୀକ୍ଷଣ ରିପୋର୍ଟ ପଜିଟିଭ ଆସିଥିଲା। ଶୁକ୍ରବାର ରାତିରେ ଘରେ ଥିବା ବେଳେ ଅଧିକ ଅସୁସ୍ଥ ହୋଇ ପଡିବାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ବା ପରେ ତାଙ୍କ ଉପସ୍ଥିତିରେ ମୃତଦେହକୁ କୋଭିଡ ନିୟମାନୁସାରେ ଗାଁ ସମୀପ ଯୋର ନିକଟରେ ସଂସ୍କାର କରାଯାଇଥିଲା।

## ସଂକ୍ଷେପରେ

### ଅମାନିଆ ମାନୁନାହାନ୍ତି କୋଭିଡ୍ ନିୟମ

**ବାଉଁଶୁଣୀ,୨୪।୪ (ଡି.ଏନ.ଏ):** ବୌଦ୍ଧ ଜିଲାରେ ଅମାନିଆ ନୀତିନିୟମ ମାନୁ ନାହାନ୍ତି। ବିନା ମାସ୍କ ଓ ବିନା ସାମାଜିକ ଦୂରତାରେ ଲୋକେ ବୁଲାବୁଲି କରୁଛନ୍ତି। ବୌଦ୍ଧ ସହରରେ ଅମାନିଆଙ୍କ ଉପରେ ପୋଲିସ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପରେ ସେମାନେ ସାମାନ୍ୟ ସଚେତନ ହୋଇଛନ୍ତି। ବୌଦ୍ଧ, କଣ୍ଟାମାଳ, ମନମୁଣ୍ଡା, ପୁରୁଣାକଟକ ଓ ହରଭଙ୍ଗା ଥାନା ଅଞ୍ଚଳରେ ପୋଲିସ ଅମାନିଆମାନଙ୍କୁ ସାବାଡ କରୁଛି। ବାଉଁଶୁଣୀ ଛକ ଜାତୀୟ ରାଜପଥ ନଂ. ୫୭ର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଉପରେ ଅଞ୍ଚଳବାସୀ ନିର୍ଭର କରନ୍ତି । ହେଲେ ବଜାରକୁ ଆସୁଥିବ ଅନେକେ ମାସ୍କ ପରିଧାନ କରୁନାହାନ୍ତି, ସାମାଜିକ ଦୂରତା ରକ୍ଷା କରାଯାଉ ନାହିଁ। ପୋଲିସ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### କ୍ୟାନ୍ସର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଦାବି

**ବରଗଡ଼ ଅଫିସ,୨୪।୪:** କରୋନା ସଂକ୍ରମଣ ଯୋଗୁ କ୍ୟାନସର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ଏଭଳି ଅଭିଯୋଗ ନେଇ କ୍ୟାନ୍ସର ରୋଗୀଙ୍କ ପାଇଁ ବରଗଡ଼ରେ ଗଠିତ ଫାଇଟର୍ସ ଗ୍ରୁପ୍‌ର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ସହିତ ଆଲୋଚନା କରି କ୍ୟାନସର ରୋଗୀଙ୍କ ସ୍ୱାସ୍ଥ୍ୟସେବା ଯେଭଳି ପ୍ରଭାବିତ ନ ହେବ ଗୁରୁତ୍ୱ ଦେବାକୁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ଫାଇଟର୍ସ ଗ୍ରୁପ୍ ସଭାପତି ପ୍ରସନ୍ନ ମିଶ୍ର, ସହସମ୍ପାଦକ ପ୍ରତାପ ଦାଶ, ଅଶ୍ୱିନୀ କୁମାର ଦର୍ଜୀ ସାମିଲ ହୋଇଥିଲେ ।

### ସାହିତ୍ୟିକ ନରୋତ୍ତମ ସାହୁଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୪।୪:** ପାଟଣାଗଡ ନିବାସୀ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ, କବି, ସାହିତ୍ୟିକ, ସାମାଜିକ କର୍ମୀ ନରୋତ୍ତମ ସାହୁ (୬୫)ଙ୍କ ପରଲୋକ ଘଟିଛି। କିଛିଦିନ ହେଲା



ସେ କରୋନା ସଂକ୍ରମିତ ହୋଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଭିମସାର କୋଭିଡ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲା ଲେଖକ ପରିଷଦର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ୫ବର୍ଷ ତଳେ ସେ ଶିକ୍ଷକତା ଚାକିରିରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ପାଟଣାଗଡ ଓ ବଲାଙ୍ଗୀରରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଯାଇ ଏବେ ହୋମ୍ ଆଇସୋଲେସନ୍‌ରେ ରହିଥିବା ଜଣାପଡିଛି।

# କୋଭିଡ୍ ମୁକାବିଲାରେ ଇଚ୍ଛାଶକ୍ତି ଅଭାବ

**ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡ଼ିଛି। ଦୈନିକ ଆକ୍ରାନ୍ତ, ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କୋଭିଡ୍ ହସ୍ପିଟାଲ ଥିଲେ ମଧ୍ୟ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଶଯ୍ୟାଭାବ ମଧ୍ୟ ରହିଛି। ଏଭଳି ସ୍ଥଳେ କରୋନା ପ୍ରତିହତ କେବଳ କଟକଣା ଏବଂ ଜରିମାନା ଆଦାୟରେ ସୀମିତ ରହିଛି। ତେବେ ବରଗଡ଼ ଜିଲାରେ କୋଭିଡ୍ ମୁକାବିଲା ଠିକ୍ ଭାବେ ଚାଲିଛି। ଅକ୍ସିଜେନର ଅଭାବ ନାହିଁ। କୋଭିଡ୍ ହସ୍ପିଟାଲର ଆଇସିୟୁ ଅତିଶୀଘ୍ର କାର୍ଯ୍ୟକ୍ଷମ ହୋଇଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର କହିଛନ୍ତି। ଅନ୍ୟପଟେ ଏଭଳି ବିପର୍ଯ୍ୟୟ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଛି। ଏହାକୁ ନେଇ ସଚେତନ ନାଗରିକ ପ୍ରଶାସନ, ରାଜନେତାଙ୍କ ଉପରେ ବିକ୍ଷୋଦ୍‌ଗାର କରୁଛନ୍ତି ।**

### ସ୍ୱେଚ୍ଛାସେବୀ ଅଧିକ ଆଗଭର



"ଗତବର୍ଷ ଅପେକ୍ଷା ଏଥର କୋଭିଡ୍ ସଂକ୍ରମଣ ଅତି ପ୍ରଖର ହୋଇଛି। କୋଭିଡ ମୁକାବିଲାରେ ପ୍ରଶାସନ, ରାଜନୈତିକ ନେତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏଭଳି ସମୟରେ ପ୍ରଶାସନ, ଦଳୀୟ ନେତୃବୃନ୍ଦ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛନ୍ତି। ଅନ୍ୟପଟେ କୋଭିଡ୍ ରୋଗୀଙ୍କ ସମସ୍ୟା ବୁଝିବାରେ କିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଆଗଭର ହୋଇଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନକୁ ପ୍ରୋତ୍ସାହନ ତ ଦୂରର କଥା, ପ୍ରଶାସନ ଆଶାନୁରୂପ ସହଯୋଗ କରୁ ନ ଥିବା ଦେଖିବାକୁ ମିଳିଛି।

**ସୁରେନ୍ଦ୍ର କୁମାର ପଣ୍ଡା, ଆଡ଼ଭୋକେଟ୍, ବରଗଡ଼**

### ହେଲ୍ପଲାଇନ ଜାରି

"କୋଭିଡ୍‌ର ଦ୍ୱିତୀୟ ଲହର ପ୍ରଖର ହିସାବରେ ଆସିଛି। ଏହାକୁ ପ୍ରତିହିତ କରିବା ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ଯେଭଳି କ୍ୱାରେଣ୍ଟାଇନରେ ରଖାଯାଉଛି। ବରଗଡ଼ ଜିଲାରେ ଛତିଶଗଡ଼ ଫେରନ୍ତାଙ୍କୁ ମଧ୍ୟ ଚିହ୍ନଟ କରି ସେଭଳି କ୍ୱାରେଣ୍ଟାଇନରେ ରଖାଯିବା କଥା। ଏଭଳି ବିପର୍ଯ୍ୟୟ ସମୟରେ



ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଭାଜପା ଯୁବମୋର୍ଚ୍ଚା ସକ୍ରିୟ ରହିଛି। ଏଥିପାଇଁ ଯୁବମୋର୍ଚ୍ଚା ପକ୍ଷରୁ ହେଲ୍ପଲାଇନ ଜାରି କରାଯାଇଛି ଏବଂ ସେଥିରେ ଯୋଗାଯୋଗ କଲେ ସହାୟତା ଯୋଗାଇ ଦିଆଯାଉଛି ।

**ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ସଭାପତି, ଭାଜପା ଯୁବମୋର୍ଚ୍ଚା**

### ସଚେତନତାକୁ ପ୍ରାଥମିକତା



"କରୋନା ସଂକ୍ରମଣ ପ୍ରତି ଲୋକେ ଅଧିକ ସଚେତନ ରହିବା କଥା। ଗତଥର ଲୋକଙ୍କ ମଧ୍ୟରେ କରୋନା ପ୍ରତି ଭୟ ଥିଲା। ମାତ୍ର ଏଥର ଲୋକେ ତାକୁ ହାଲୁକା ଭାବେ ଗ୍ରହଣ କରୁଥିବା ପରିଲକ୍ଷିତ ହେଉଛି। ଏହି ଦୃଷ୍ଟିରୁ କଂଗ୍ରେସ ପକ୍ଷରୁ କରୋନା ସଚେତନତାକୁ ପ୍ରାଥମିକତା ଦିଆଯାଇଛି। ସେଭଳି କୌଣସି ଆକ୍ରାନ୍ତ, ମୃତକ ଅସୁବିଧାରେ ଥିବା ଖବର ପାଇଲେ ଦଳ ସହଯୋଗ କରିବ। ଅପରପକ୍ଷେ ପିପିଲି ଫେରନ୍ତା ଶାସକ ଦଳର ନେତା ଏଠାରେ ଉଦ୍‌ଘାଟନ, ଶିଳାନ୍ୟାସ ଆଦି କାର୍ଯ୍ୟକ୍ରମ କରି କୋଭିଡ୍ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରୁଥିଲେ ସୁଦ୍ଧା ପ୍ରଶାସନ ନିରବ ରହିଛି ।

**ନିହାର ରଞ୍ଜନ ମହାନନ୍ଦ, ଜିଲା କଂଗ୍ରେସ ସଭାପତି**

### ସମ୍ମିଳିତ ସହଯୋଗ ଲୋଡ଼ା



"କରୋନା ସଂକ୍ରମଣ ଜାତୀୟ ବିପତ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଏହାର ମୁକାବିଲା କରିବା ପାଇଁ ଲାଗି ପଡ଼ିଛନ୍ତି। ଏଥିରେ ଯଥାସମ୍ଭବ ସହଯୋଗ କରିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ଯେତେବେଳେ କିଛି ସମସ୍ୟା ଖବର ପାଇଲେ ନିଜ ଦ୍ୱାରା ଯାହା ସମ୍ଭବ, ତାହା କରୁଛି। ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଉଛି। ଡାକ୍ତରମାନେ ସେମାନଙ୍କ କାମ କରୁଛନ୍ତି। ଅନେକ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି । ସେମାନଙ୍କୁ ଉତ୍ସାହିତ କରାଯିବା ଦରକାର। ଏଭଳି ପରିସ୍ଥିତିରେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ଲୋଡ଼ା। ଭବିଷ୍ୟତରେ ଯେପରି ଏଭଳି ଦୁର୍ଗତିର ପୁନରାବୃତ୍ତି ନ ଆସୁ, ସେଥିପାଇଁ ସଜାଗ ରହିବା ଦରକାର ।

**ଦେବେଶ ଆଚାର୍ଯ୍ୟ, ବିଧାୟକ, ବରଗଡ଼**

**(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)**

# ଜୁନାଗଡ଼ରେ ସପ୍ତାହାନ୍ତ ଶଟ୍‌ଡାଉନ

- ଦୁଇ ଦିନରେ ସହରର ୧୨ଟି ୱାର୍ଡର ୧୯,୬୫୬ ଜଣଙ୍କ ସ୍କ୍ରିନିଂ
- ୮୩ ପଜିଟିଭ ଚିହ୍ନଟ

**ଜୁନାଗଡ଼,୨୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୁନାଗଡ଼ ସହରରେ ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ଶନିବାର ସହରର ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ରହିଛି । ତେବେ ପ୍ରଶାସନ ପକ୍ଷରୁ ସହରର ୧୨ଟି ୱାର୍ଡର ୧୯,୬୬୫ ଜଣଙ୍କୁ ସ୍କ୍ରିନିଂ କରାଯାଇଥିଲା। ଏଥିରେ ୮୩ ଜଣ କରୋନା ପଜିଟିଭ ଜଣାପଡିଥିଲା । ୧୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ଆଶା, ଅଙ୍ଗନୱାଡି କର୍ମୀ ତଥା ସ୍ୱାସ୍ଥ୍ୟ କର୍ମୀ ୨୦ଟି ଟିମ୍‌ରେ ଭାଗ ହୋଇ ସ୍କ୍ରିନିଂ କରିଥିଲେ। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ସହରରେ ଥିବା ପ୍ରତ୍ୟେକ ୱାର୍ଡର ଘର ଘର ବୁଲି ସ୍କ୍ରିନିଂ କରାଯାଉଛି। ଜୁନାଗଡ଼ରେ ବର୍ତ୍ତମାନ ସୁଦ୍ଧା ୪୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ୮୦ ଲକ୍ଷ କେରି କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟ

**ଲୋଇସିଂହା, ୨୪।୪(ଡି.ଏନ.ଏ.)**



ଝାରବନ୍ଧଲି ରେଞ୍ଜ ଅଧୀନ ବାଦିବାହଲର ଜଣେ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି।

ବଲାଙ୍ଗୀର ଜିଲା କେନ୍ଦୁପତ୍ର ଡିଭିଜନ ଅଧୀନ ଲୋଇସିଂହା ରେଞ୍ଜ ପକ୍ଷରୁ ରବିବାରଠାରୁ କେନ୍ଦୁପତ୍ର ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ । ଚଳିତ ବର୍ଷ ରେଞ୍ଜ ପକ୍ଷରୁ ୮୦ ଲକ୍ଷ କେରି ପତ୍ର ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗଛକଟା ପରଠାରୁ ଲୋଇସିଂହା ଅଞ୍ଚଳରେ କାଳବୈଶାଖୀ, ଅଦିନିଆ ବର୍ଷା କିମ୍ବା କରକାପାତ ହୋଇନାହିଁ। ଫଳରେ ଉତ୍କୃଷ୍ଟ କେନ୍ଦୁପତ୍ର ସଂଗ୍ରହ ହେବା ନେଇ ରେଞ୍ଜ କର୍ତ୍ତୃପକ୍ଷ ଆଶାବାଦୀ ଅଛନ୍ତି। ବିଭାଗୀୟ ସୂଚନା ଅନୁଯାୟୀ, ଲୋଇସିଂହା ରେଞ୍ଜ ଅଧୀନରେ ୫ଟି ସେକ୍ସନ ଲୋଇସିଂହା, ଆଡେନଡୁଙ୍ଗରି, ସାଲେଭଟା, ନୂନିଆପାଲି ଓ ଆଗଲପୁର ରହିଛି। ସମ୍ପୃକ୍ତ ସେକ୍ସନ ଅଧୀନରେ ୪୨ ଫଡିଘର ରହିଛି। ରେଞ୍ଜରେ ୫ହଜାର କେନ୍ଦୁପତ୍ର ତୋଳାଳି ଅଛନ୍ତି । ମୁନସୀ ଓ ଚପରାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାସ ଧରି ତୋଳାଳିମାନେ କେନ୍ଦୁପତ୍ର

**ଲୋଇସିଂହା କେନ୍ଦୁପତ୍ର ରେଞ୍ଜ**

ସଂଗ୍ରହ କରି ଫଡି ଘରକୁ ଦେବେ ବୋଲି ଭାରପ୍ରାପ୍ତ ରେଞ୍ଜ ଅଫିସର ଦିଲୀପ ସାହୁ କହିଛନ୍ତି। ଗ୍ରୀଷ୍ମ ମୁକାବିଲା ପାଇଁ ତୋଳାଳିଙ୍କ ପାଇଁ ଆଗୁଆ ପାଣି ବୋତଲ, ଛତା, ଚପଲ ଯୋଗାଇବାର ବ୍ୟବସ୍ଥା ରହିଛି। ହେଲେ ତାହା ମିଳିନାହିଁ। ତେବେ ଟଙ୍କା ମଞ୍ଜୁର ହୋଇଛି, ଖୁବ୍‌ଶୀଘ୍ର ତୋଳାଳି ପାଇବେ ବୋଲି ସାହୁ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃୟାରୀ ୨୪ ତାରିଖରୁ ମାର୍ଚ୍ଚ ୨୬ ଯାଏ ହୋଇଥିବା ଗୋଛାକଟାରେ ୨୭ ଶହ ଶ୍ରମିକ ନିୟୋଜିତ ହୋଇଥିଲେ। ପ୍ରାପ୍ୟ ବାବଦକୁ ୧୪ ଲକ୍ଷ ପାଉଣା ଦିଆଯାଇଛି। ପ୍ରକାଶଥାଉ କି ଶନିବାରଠାରୁ ଝାରବନ୍ଧଲି ରେଞ୍ଜର ଭାଲିଆମୁଣ୍ଡା, ଡବଲଙ୍ଗ, ପଟୁଆପାଲି ଓ ଝାରବନ୍ଧଲି ସେକ୍ସନ ପକ୍ଷରୁ ୩୩ ଫଡିରେ ପତ୍ର ସଂଗ୍ରହ ଆରମ୍ଭ ହୋଇଯାଇଛି ।

# ସୁବର୍ଣ୍ଣପୁରରେ କାର୍ଯ୍ୟକ୍ଷମ ହେଲା କୋଭିଡ୍ ହସ୍ପିଟାଲ

**ସୋନପୁର,୨୪।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ହିକୁଡିସ୍ଥିତ ସରକାରୀ ଆଇଟିଆଇରେ ସମର୍ପିତ କୋଭିଡ୍ ହସ୍ପିଟାଲ ଶନିବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ୮ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ଧୋବାବାହାଲି ସ୍ଥିତ ମଡେଲ ଡିଗ୍ରୀ କଲେଜରେ ଅସ୍ଥାୟୀ ଭାବେ ହସ୍ପିଟାଲ ଖୋଲିଥିଲା। ସେଠାରୁ ହସ୍ପିଟାଲକୁ ଆଇଟିଆଇ ପରିସରକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୨ଟି ଭେଣ୍ଟିଲେଟର ଓ ୨ଟି ଆଇସିୟୁ କକ୍ଷ ରହିଛି। ହସ୍ପିଟାଲରେ ମୋଟ ୨୦୦ ଶଯ୍ୟା ରହିବ। ଶନିବାର ୫୦ଶଯ୍ୟା ପ୍ରସ୍ତୁତ ହୋଇପାରିଛି। ଜିଲାର ଗୁରୁତର କରୋନା ସଂକ୍ରମିତ ଏଠାରେ ରହି ଚିକିତ୍ସିତ ହେବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ମନୀଷା

**କୋକସରା,୨୪।୪(ଡି.ଏନ.ଏ.)**

କୋକସରା ବ୍ଲକ ମାଝିଗୁଡା ଜୁନାପଡାର କୃଷ୍ଣ ନାଏକ (୪୧) । ସ୍ତ୍ରୀ ଇନ୍ଦୁମତି ଓ ୪ ଝିଅଙ୍କୁ ନେଇ ତାଙ୍କ ଅଭାବୀ ସଂସାର । ଜମିବାଡି କିଛି ନାହିଁ । ପଲିଥିନ ଟଣା ଘରେ ରୁହନ୍ତି । ମୂଲ ଲାଗି ଦୁଇ ପ୍ରାଣୀ ଯାହା ଆଣନ୍ତି ସେଥିରେ ଘର ଚଳେ। କରୋନା ବ୍ୟାପିବା ଦିନଠାରୁ କାମଧନ୍ଦା ମିଳୁନି। ମାସକୁ ମିଳୁଥିବା ୨୫ କେଜି ପିଡିଏସ ଚାଉଳ ସମ୍ବଳ। ଏଭଳି ସ୍ଥିତିରେ ତୃତୀୟ ଝିଅ ମନୀଷା(୮)ଙ୍କ ପିଠିରେ ମାଂସ ପିଣ୍ଡୁଳା ବଢିବାରେ ଲାଗିଛି । ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସା କରିଥିଲେ ହେଁ ଉଚ୍ଚତର ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଭିନ୍ନକ୍ଷମଙ୍କ ପାଇଁ ଭତ୍ତାର ବ୍ୟବସ୍ଥା ଥିବା ବେଳେ ମନୀଷା ଏଥିରୁ ବଞ୍ଚିତ ହୋଇଛନ୍ତି। କୃଷ୍ଣ ସରପଞ୍ଚଙ୍କୁ ଗୁହାରି କରିଥଲେ ମଧ୍ୟ ସୁଫଳ ମିଳିନାହିଁ। ସେହିପରି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ପଲ୍ଲୀସଭାଠୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା କ୍ଷୋଭର ସହ କହିଛନ୍ତି କୃଷ୍ଣ । ବ୍ଲକ ସାମାଜିକ ସୁରକ୍ଷା



ଭଙ୍ଗା ଘର ଆଗରେ ମା' ବାପାଙ୍କ ସହ ମନୀଷା।

ଅଧିକାରୀ ଦୀପକ କୁମାର ବେହେରାଙ୍କୁ ପଚାରିବାରେ ମନୀଷାଙ୍କୁ ଭତ୍ତା ମିଳିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବିଡିଓ ମନୀଷା ଦାସଙ୍କୁ ପଚାରିବାରେ ଆବାସ ଯୋଜନାରେ ଘର ମିଳିବାରେ କଣ ଅସୁବିଧା ରହିଛି ପିଇଓଙ୍କୁ ପଠାଇ ତଦନ୍ତ କରାଯିବ । ସେ ଯଦି ପାଇବାକୁ ଯୋଗ୍ୟ ହୋଇଥିବେ ତାହାଲେ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ।

# ପ୍ୟାକ୍ସ କର୍ମଚାରୀଙ୍କୁ କରୋନା ଟିକା ପ୍ରଦାନରେ ବିଳମ୍ବ

**ବିନିକା,୨୪।୪(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୧୭ରୁ ରବି ଧାନକିଣା ହେବ । ମାତ୍ର ଏଯାଏ ବିନିକାର ୧୦ଟି ପ୍ୟାକ୍ସରେ କର୍ମଚାରୀଙ୍କୁ କରୋନା ଟିକା ପ୍ରଦାନ କରାଯାଇନି। ପ୍ରତ୍ୟହ ଶତାଧିକ ଚାଷୀ ତଥା ସାଧାରଣଙ୍କ କାମ ତୁଲାଉଥିବା ବ୍ୟାଙ୍କ କର୍ମଚାରୀଙ୍କୁ ଟିକା ଦିଆ ନ ଯିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ସମସ୍ତ ପ୍ରାଥମିକ ସେବା ସମବାୟ ସମିତି କର୍ମଚାରୀଙ୍କୁ ତୁରନ୍ତ ଟିକା ପ୍ରଦାନ ନେଇ ଜିଲା ସମବାୟ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହାର ଏକାକତା ନକଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ରାଜ୍ୟ ସମବାୟ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଙ୍କୁ ପଠାଯାଇଛି। ପ୍ରକାଶଥାଉକି ବିନିକା ବ୍ଲକରେ ଥିବା ପ୍ରତ୍ୟେକ ପ୍ୟାକ୍ସରେ ଜଣେ ସମ୍ପାଦକ, ଜଣେ ସହସମ୍ପାଦକ, ଜଣେ ପିଅନ, ଜଣେ ଡାଟା ଏଣ୍ଟ୍ରି ଅପରେଟର ଏବଂ ଜଣେ ରାତ୍ର ଜଗୁଆଳି ରହି କାର୍ଯ୍ୟ ତୁଲାଉଛନ୍ତି। ୪୫ ବର୍ଷରୁ ଅଧିକ ବୟସ୍କ କର୍ମଚାରୀ ୧୦ଭାଗ କର୍ମଚାରୀ ଟିକା ନେଇଥଇବା ବେଳେ ଏବେ ବି ୯୦ଭାଗ କର୍ମଚାରୀ ଟିକା ନେଇ ନାହାନ୍ତି।

# ଶ୍ମଶାନ ଜାଗା ଦଖଲକୁ ନେଇ ବଢୁଛି ଅସନ୍ତୋଷ

**ବଲାଙ୍ଗୀର ଅଫିସ, ୨୪।୪**

- ଶ୍ମଶାନ ଜାଗାକୁ ସିଆରପିଏଫ୍ କ୍ୟାମ୍ପର ଦଖଲ ଅଭିଯୋଗ
- ପାଖ ଜମିରେ ତୁରନ୍ତ ଶ୍ମଶାନ ଘାଟ କରିବାକୁ ଦାବି
- ଦାବି ପୂରଣ ନ ହେଲେ ଧାରଣା ଚେତାବନୀ ଦେଲେ ଅଞ୍ଚଳବାସୀ




ଶାନ୍ତିପଡା ନିକଟ ଶ୍ମଶାନ ଜମିରେ ଲଗାଯାଇଥିବା ସାଇନ ବୋର୍ଡ।

ବଲାଙ୍ଗୀର ଶାନ୍ତିପଡ଼ା ନିକଟସ୍ଥ ଡାଇରୀ ଫାର୍ମ ନିକଟରେ ଏକ ଶ୍ମଶାନ ରହିଥିଲା। ଉକ୍ତ ଶ୍ମଶାନରେ ଗତ ୫୦ବର୍ଷ ହେବ ଶାନ୍ତିପଡ଼ା, କନ୍ଧପାଲିପଡ଼ା, ଲର୍କିପାଲି, ଲାଲଟିକ୍ରା, ଗୋପବନ୍ଧୁନଗର, ଚନ୍ଦ୍ରଶେଖରନଗର ତଥା ସରକାରୀ ଆଇଟିଆଇ ଅଞ୍ଚଳର ଅଧିବାସୀମାନେ ଶବଦାହ କାର୍ଯ୍ୟ କରି ଆସୁଥିଲେ। ତେବେ ଡାଇରୀ ଫାର୍ମରେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ଗତ ପ୍ରାୟ ତିନିବର୍ଷ ହେବ ଏହି ଶ୍ମଶାନ ଜମିକୁ ସିଆରପିଏଫ୍ ପକ୍ଷରୁ କବ୍‌ଜା କରାଯାଇଥିଲା। ଏହାପରେ ଉକ୍ତ ଶ୍ମଶାନରେ ଲୋକେ ଆଉ ଶବଦାହ କରି ପାରୁନାହାନ୍ତି। ସେଠାରେ ଶବଦାହ କଲେ ସିଆରପିଏଫ୍ ପକ୍ଷରୁ ମନା କରାଯିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତବର୍ଷ ମଧ୍ୟ ସ୍ଥାନୀୟ ଅଧିବାସୀ ଜିଲାପାଳ ଏବଂ ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଲିଖିତଭାବେ ଜଣାଇ ଥିଲେ। ସେଠାକାର ସଂଲଗ୍ନ ଜମିକୁ ଶ୍ମଶାନ ରୂପେ ବ୍ୟବହାର କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସିଆରପିଏଫ୍ କ୍ୟାମ୍ପ ସଂଲଗ୍ନ ଜମିରେ ଲୋକେ ଦାହ ସଂସ୍କାର କରିଆସୁଥିଲେ। ଶୁକ୍ରବାର ଉକ୍ତ ସ୍ଥାନରେ ଶବଦାହ କରନ୍ତୁ ନାହିଁ ବୋଲି ଏକ ସାଇନ୍ ବୋର୍ଡ଼ ମରାଯାଇଥିବା ଦେଖିବାକୁ ମିଳିଛି। ଏହାପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ମାମଲାର ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ସିଆର୍‌ପିଏଫ୍ କ୍ୟାମ୍ପ୍ ସାମ୍‌ନାରେ ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମତପ୍ରକାଶ ପାଇଛି। ବିକଳ୍ପ ବ୍ୟବସ୍ଥା ନକରି ଶ୍ମଶାନ ଜାଗାକୁ ଅକ୍ତିଆର କଲାପରେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବା ଘଟଣାକୁ ନେଇ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ତୀବ୍ର ପ୍ରତିକ୍ରିୟା ପ୍ରକାଶ କାରିଛନ୍ତି । ତୁରନ୍ତ ଏଠାରେ ବିକଳ୍ପ ଶ୍ମଶାନ ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିଭଳି ଶାନ୍ତିପଡ଼ା ଟାଇଗର୍ ୟୁଥ୍ କ୍ଲବ୍ ପକ୍ଷରୁ ମଧ୍ୟ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଯଥାଶୀଘ୍ର ଜିଲା ପ୍ରଶାସନ ତଥା ସିଆର୍‌ପିଏଫ୍ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ଏ ନେଇ ତହସିଲଦାର ମଘବନ ବାଗଙ୍କୁ ପଚରାଯିବାରୁ ବିଧିବଦ୍ଧ ଭାବେ ଶ୍ମଶାନ ପାଇଁ ଜାଗା ସକାଶେ ଆବେଦନ କରାଗଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

NATIONAL HEALTH MISSION
NVBDCP
DSPL-24

## ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୧

**ଆମର ଲକ୍ଷ୍ୟ - ମ୍ୟାଲେରିଆ ମୁକ୍ତ ବିଶ୍ୱ**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ୍ ୨୫ ତାରିଖ ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ । ସଂପ୍ରତି କରୋନା ମହାମାରୀ ସ୍ଥିତିରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ତେଣୁ ଆମ୍ଭମାନଙ୍କୁ ଏଥିପ୍ରତି ଅଧିକ ସତର୍କ ଓ ଯତ୍ନବାନ ହେବାକୁ ପଡିବ ।

**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ ।**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

**ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

OIPR-10003/13/0018/2122

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୫ ଏପ୍ରିଲ, ୨୦୨୧

### ଅଜଣା ଗାଡି ଧକ୍କାରେ ସାଇକେଲ ଆରୋହୀ ମୃତ

ବୌଦ୍ଧ,(ସ୍ୱ.ପ୍ର.): ଶୁକ୍ରବାର ବିଳମ୍ବିତ ରାତ୍ରିରେ ଖୋର୍ଦ୍ଧା -ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଥାନା ଅନ୍ତର୍ଗତ ବାମଣ୍ଡା ଓ ସରସରା ଗ୍ରାମ ମଧ୍ୟରେ ଥିବା ଏକ ପୋଲ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସରସରା କୋଡାସାହିର ଲୋକନାଥ ମିର୍ଦ୍ଧା (୩୫) । ପ୍ରକାଶ ଯେ, ଲୋକନାଥ ଶୁକ୍ରବାର ରାତିରେ କୌଣସି କାର୍ଯ୍ୟରେ ସାଇକେଲ ନେଇ ବାମଣ୍ଡା ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ଘରକୁ ଫେରିବା ସମୟରେ ମଡେଲ ଡିଗ୍ରୀ କଲେଜଠାରୁ ଅଳ୍ପ ଦୂରରେ ଥିବା ପୋଲ ନିକଟରେ କୌଣସି ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ବୌଦ୍ଧରେ ପୁଣି ୩୯ ପଜିଟିଭ୍

ବୌଦ୍ଧ,୨୪।୪(ସ୍ୱପ୍ର): ବୌଦ୍ଧ ଜିଲାରେ ଶନିବାର ପୁଣି ୩୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୩୯ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ ଜଣ ବୌଦ୍ଧ ଏନ୍ଏସି ଅଞ୍ଚଳର। ଶନିବାର ସଂକ୍ରମଣକୁ ମିଶାଇ ଜିଲାରେ ସକ୍ରିୟ କୋଭିଡ ରୋଗୀ ସଂଖ୍ୟା ୧୯୯ରେ ପହଞ୍ଚିଛି।

### ସାପ୍ତାହିକ ବଜାର ବନ୍ଦ ରଖିବାକୁ ଦାବି

ଲୋଇସିଂହା,୨୪।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କରୋନା ସଂକ୍ରମଣ ବଢ଼ିଚାଲିଛି। ଏହି ପରିସ୍ଥିତିରେ ଶନିବାର ଭାଲିଆମୁଣ୍ଡା ସାପ୍ତାହିକ ବଜାର ବସୁଛି। ଏଠାରେ ଶହଶହ ବ୍ୟବସାୟୀ ଓ କ୍ରେତାଙ୍କ ଭିଡ ଜମୁଛି । ତେଣୁ ଉକ୍ତ ବଜାରରେ ସଂକ୍ରମଣ ଭୟ ବୃଦ୍ଧିପାଇଛି। ଏହାକୁ ନେଇ ସ୍ଥାନୀୟ ଅଧିବାସୀ ଚିନ୍ତିତ ହୋଇ ପଡିଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଆରଏମ୍ସି କର୍ତ୍ତୃପକ୍ଷ ଆଗାମୀ ସପ୍ତାହରୁ ଉକ୍ତ ବଜାରକୁ ବନ୍ଦ ରଖିବାକୁ ସ୍ଥାନୀୟ ଅଧିବାସୀ ଗୌରାଙ୍ଗ ନାଏକ, ଜଗନ୍ନାଥ ମିଶ୍ର, ଜୟନ୍ତ ନାଏକ, କଳାକାହ୍ନୁ ଠେଲା, ମନୋଜ ପଶାୟତଙ୍କ ସମେତ ଭାଲିଆମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ବଲାଙ୍ଗୀର ଆରଏମ୍ସି ଅଧୀନରେ ଥିବା ଭାଲିଆମୁଣ୍ଡା ସାପ୍ତାହିକ ବଜାର ଗତବର୍ଷ ଲକ୍‌ଡାଉନ ସମୟରେ ବନ୍ଦ ରହିଥିଲା । ଗତ ସପ୍ତାହରେ ତହସିଲଦାର ଓ ପୋଲିସ ଏହି ବଜାରରେ ଚଢାଉ କରି ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବାକୁ ତାଗିଦ୍ କରିଥିଲେ । ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ଉକ୍ତ ବଜାର ବନ୍ଦ ରଖିବାକୁ ସ୍ଥାନୀୟ ଅଧିବାସୀ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି ।

### ଦୁଇ ସପ୍ତାହ ବନ୍ଦ ରହିବ ଅମରପାଲି ସାପ୍ତାହିକ ବଜାର

ଅମରପାଲି, ୨୪।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିରେ ପ୍ରତି ସୋମବାର ବସୁଥିବା ସାପ୍ତାହିକ ବଜାରକୁ ବନ୍ଦ କରିଛି ଗ୍ରାମ୍ୟ ପରିଚାଳନା କମିଟି । ଗ୍ରାମ୍ୟ ପରିଚାଳନା କମିଟି ସଦସ୍ୟଙ୍କ ଜରୁରିକାଳୀନ ବୈଠକରେ ସାପ୍ତାହିକ ବଜାରକୁ ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ମେ’ ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବଜାର ବନ୍ଦ ରହିବା ନେଇ ବ୍ୟାନର ଲଗାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡମାଲ ଓ ରେଙ୍ଗାଲି ପଞ୍ଚାୟତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଏବେ ମଧ ଶତାଧିକ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ସୀମାରେ ଥିବା ଅମରପାଲି ଗ୍ରାମକୁ ବଡମାଲ ଓ ରେଙ୍ଗାଲି ଅଞ୍ଚଳର ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ।

### ଶିକ୍ଷକଙ୍କ ଅକାଳ ବିୟୋଗ

ଖପ୍ରାଖୋଲ, ୨୪।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଧରୁଆଙ୍କ ସ୍ୱାମୀ ତଥା ତଥା ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ଧରୁଆ(୩୬)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ପ୍ରମୋଦଙ୍କୁ କିଛି ଦିନ ହେଲା ଜ୍ୱର ହୋଇଥିବାବେଳେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘରେ ସରପଞ୍ଚ ସ୍ତ୍ରୀ ଏବଂ ଗୋଟିଏ ଝିଅ ଓ ପୁଅ ଅଛନ୍ତି।

### ଶୋକସଭାରେ ବ୍ରଜକିଶୋରଙ୍କୁ ମନେ ପକାଇଲେ

କଣ୍ଟାବାଞ୍ଜି,୨୪।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇଙ୍କ ବିୟୋଗରେ ତୁରେକେଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କଣ୍ଟାବାଞ୍ଜିଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ଶାଖା ସଭାପତି ଚୌବନ କିଶୋର ମାଝିଙ୍କ ଆବାହକତ୍ୱରେ ହୋଇଥିବା ଏହି ଶୋକସଭାରେ ଆଦିବାସୀଙ୍କ ଉଚ୍ଚଶିକ୍ଷା, ମଦମୁକ୍ତି ଆନ୍ଦୋଳନ ସହ ସମଗ୍ର ଆଦିବାସୀ ସମାଜ ପ୍ରତି ବ୍ରଜକିଶୋରଙ୍କ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ଶୋକସଭାରେ ନନ୍ଦକିଶୋର ମାଝି, ଜିତୁ ମାଝି, ଭୁତେଶ୍ୱର ପାତ୍ର, ରାଜେଶ ସମରଥ, ପର୍ଶୁରାମ ମାଝି, ସଞ୍ଜୟ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ ।

# ସପ୍ତାହାନ୍ତ ଶଟ୍‌ଡାଉନ୍, ରାସ୍ତାଘାଟ ଶୂନ୍‌ଶାନ

ବଲାଙ୍ଗୀର ଅଫିସ, ୨୪।୪


ଶନିବାର ବଲାଙ୍ଗୀର ସହର ଶଟ୍‌ଡାଉନ୍ ଯୋଗୁଁ ଶୂନ୍‌ଶାନ ହୋଇଯାଇଛି ।

- ପୋଲିସ ଯାଞ୍ଚ କଡାକଡି
- ଭୟରେ ଘରୁ ବାହାରୁ ନାହାନ୍ତି ଲୋକେ
- ଜିଲା ପ୍ରଶାସନର ଘରକୁ ଘର ବୁଲି ସ୍କ୍ରିନିଂ ଆରମ୍ଭ

ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁଁ ସକାଳରୁ ହିଁ ବଲାଙ୍ଗୀର ସହରର ରାସ୍ତାଘାଟ ଜନଶୂନ୍ୟ ହୋଇଯାଇଥିଲା । ଏହି ଶୂନଶାନ୍ ରାସ୍ତା ହିଁ କରୋନା ଦ୍ୱିତୀୟ ଲହରର ଭୟାବହତା ଓ ଆତଙ୍କ ବଖାଣୁଛି। ଜରୁରିକାଳୀନ ଆବଶ୍ୟକତା ଛାଡି ଦେଲେ ଲୋକେ ଘରୁ ବାହାରୁ ନାହାନ୍ତି। ବିଭିନ୍ନ ରାସ୍ତାରେ ପୋଲିସ ପହରା ଦେଇ ଲୋକଙ୍କ ଗତିବିଧି ଉପରେ କଡା ନଜର ରଖିଥିଲା । ଯେଉଁମାନେ ବି ଯିବା ଆସିବା କରୁଥିଲେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଅଟକାଇ ଯାଞ୍ଚ କରାଯାଉଥିଲା । ଜରୁରୀ ସେବା ଓ ଆବଶ୍ୟକତା ବ୍ୟତୀତ ଯେଉଁମାନେ ବିନା କାରଣରେ ଘରୁ ବାହାରି ବୁଲୁଥିଲେ ସେମାନଙ୍କ ବିରୋଧରେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।

ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ଶନିବାର ଓ ରବିବାର ସମସ୍ତ ସହରାଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି । ଶନିବାର ସମସ୍ତ ଦୋକାନ ବଜାର, ଗାଡି ଚଳାଚଳ, ସରକାରୀ ବେସରକାରୀ ଅଫିସ, ସ୍କୁଲ କଲେଜ, ବୀମା, ବ୍ୟାଙ୍କ ଓ ଡାକଘର ବନ୍ଦ ରହିଥିଲା । ବଲାଙ୍ଗୀର ଜିଲାରେ ଶୁକ୍ରବାର ସୁଦ୍ଧା କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୧୧୨୯୪ରେ ପହଞ୍ଚିଛି। ସେଥିରୁ ୯୫୫୧ ସୁସ୍ଥ ହୋଇସାରିଲେଣି । ୧୬୯୪ ଜଣ ସକ୍ରିୟ ରହିଛନ୍ତି । ଶୁକ୍ରବାର ଗୋଟିଏ ଦିନରେ ଜିଲାରୁ ୨୩୪ ଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଅଧିକାଂଶ ସଂକ୍ରମିତ ହୋମ୍ ଆଇସୋଲେଶନ୍‌ରେ ରହିଥିବାରୁ ସଂକ୍ରମଣ ଭୟ ଆଶଙ୍କା ବୃଦ୍ଧି ପାଉଛି। ଜିଲାର ବିଭିନ୍ନ ସହର ଓ ଗାଁରେ ଢ଼େର ଲୋକଙ୍କୁ ଥଣ୍ଡା, କାଶ, ଜ୍ୱର ଲକ୍ଷଣ ରହିଥିବା ଖବର ମାନ ମିଳୁଛି। ଅନେକେ ଲକ୍ଷଣ ସତ୍ତ୍ୱେ ସ୍ୱତଃସ୍ଫୂର୍ତ୍ତ ଭାବେ କରୋନା ପରୀକ୍ଷା କରାଉ ନଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଶନିବାରଠାରୁ ସମସ୍ତ ସହରାଞ୍ଚଳରେ ସ୍କ୍ରିନିଂ ଓ ଟେଷ୍ଟିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶନିବାର ବଲାଙ୍ଗୀର ମ୍ୟୁନିସିପାଲିଟିର ୧୦ଟି ୱାର୍ଡରେ ଘରକୁ ଘର ଯାଇ ଆଶା, ଅଙ୍ଗନୱାଡି ଓ ମେଡିକାଲ ଟିମ୍ ଯାଞ୍ଚ କରିଥିଲେ। ପ୍ରଥମ ଦିନରେ ଏଠାରେ ୯୧୯ଟି ଘରକୁ ଯାଇ ସ୍କ୍ରିନିଂ କରାଯାଇଥିଲା। ଯେଉଁମାନଙ୍କ ଲକ୍ଷଣ ରହିଛି ସେମାନଙ୍କୁ ଚିହ୍ନଟ କରି ଗାନ୍ଧୀନଗରପଡାଠାରେ ଥିବା ଟେଷ୍ଟିଂ କ୍ୟାମ୍ପରେ କୋଭିଡ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦିଆଯାଇଛି। ସେହିପରି ସହରର ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ତୁଷରାରେ ମଧ ସ୍କ୍ରିନିଂ ଓ ଟେଷ୍ଟ କରାଯାଇଛି ।

# ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଣ ଦାବି

ଲାଠୋର, ୨୪।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଗତ ଜାନୁୟାରୀ ୨୦୨୧ରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ସେହି ଅନୁସାରେ ଚିଠି ନଂ. ୩୬୦୫/ତା୨୬।୨।୨୧ରିଖରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଯୁଗ୍ମ ସଚିବ ବଲାଙ୍ଗୀର ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ମାର୍ଚ୍ଚ ୫ ମଧ୍ୟରେ ମୋବାଇଲ ଫୋନ ଯୋଗାଣ କରିବାକୁ ଚିଠି କରିଥିଲେ। ହେଲେ ଅଦ୍ୟାବଧି ଅଙ୍ଗନୱାଡି କର୍ମୀମାନଙ୍କୁ ମୋବାଇଲ ଫୋନ ଯୋଗାଣ କରାଯାଇ ନ ଥିବା ନେଇ ଖପ୍ରାଖୋଲ ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଅଙ୍ଗନୱାଡି କେନ୍ଦ୍ରରେ ବର୍ତ୍ତମାନ ମମତା, ପୋଷଣ ଏବଂ ମୋ ଛତୁଆ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀଙ୍କ ସବିଶେଷ ତଥ୍ୟ ମୋବାଇଲରେ ଅପ୍‌ଲୋଡ କରିବାକୁ ପଡୁଛି। ଯେଉଁ କର୍ମୀମାନଙ୍କ ପାଖରେ ଆଣ୍ଡ୍ରଏଡ ଫୋନ ରହିଛି ସେମାନେ ତଥ୍ୟ ଅପ୍‌ଲୋଡ କରୁଛନ୍ତି। ଯେଉଁମାନଙ୍କ ପାଖରେ ଫୋନ ନାହିଁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇ ତଥ୍ୟ ଅପ୍‌ଲୋଡ କରୁଛନ୍ତି। ଏନେଇ ଜିଲା ଭାରପ୍ରାପ୍ତ ଡିଏସ୍‌ଡବ୍ଲ୍ୟୁଓ ନାନକୁ ସାଙ୍କୁ ଯୋଗାଯୋଗ କରିବାରୁ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ସିମ୍ କାର୍ଡ ଦେଇ ନାହାନ୍ତି। ସିମ୍ କାର୍ଡ ପ୍ରଦାନ କଲେ ଅଙ୍ଗନୱାଡି କର୍ମୀମାନଙ୍କୁ ମୋବାଇଲ ଯୋଗାଣ କରିବୁ ବୋଲି କହିଛନ୍ତି।

# ଶିଳ୍ପ ତାଲିମ କେନ୍ଦ୍ର ପୁରୁଣା କୋଠା ହେବ କୋଭିଡ୍ କେୟାର ସେଣ୍ଟର


ଅନ୍ୟମାନଙ୍କ ଗହଣରେ ଜିଲାପାଳ ପୁରୁଣା ଶିଳ୍ପ ତାଲିମ କେନ୍ଦ୍ର ବୁଲି ଦେଖୁଛନ୍ତି ।

ବୌଦ୍ଧ,୨୪।୪(ସ୍ୱ.ପ୍ର.)

**ରହିବ ୧୩୫ ଶଯ୍ୟା**

ବୌଦ୍ଧର ଶିଳ୍ପ ତାଲିମ କେନ୍ଦ୍ରର ପୁରୁଣା କୋଠାରେ କୋଭିଡ୍ କେୟାର ସେଣ୍ଟର(ସିସିସି) ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଏଠାରେ ୧୩୫ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ଖୋଲାଯିବ । ଏହି କେନ୍ଦ୍ରରେ ପଜିଟିଭ୍ ଚିହ୍ନଟ ହେଉଥିବା ବ୍ୟକ୍ତି, ହୋମ ଆଇସୋଲେଶନ୍ ସୁବିଧା ପାଉ ନ ଥିବା ବ୍ୟକ୍ତି ଓ ଲକ୍ଷଣବିହୀନ ଆକ୍ରାନ୍ତ, ଚିକିତ୍ସା ଆବଶ୍ୟକ କରୁଥିବା ଲୋକଙ୍କୁ ରଖାଯାଇ ଚିକିତ୍ସା କରାଯିବ। କୋଭିଡ ସେଣ୍ଟର ପାଇଁ ଅତିରିକ୍ତ ଡାକ୍ତରୀ ଟିମ୍ ଓ ପାରା ମେଡିକାଲ ଷ୍ଟାଫ୍ ନିୟୋଜିତ ରହିବେ। ଏକ ସପ୍ତାହ ମଧ୍ୟରେ ଏହି କୋଭିଡ କେୟାର ସେଣ୍ଟର କାର୍ଯ୍ୟକ୍ଷମ କରାଇବାକୁ ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସଦରମହକୁମା ଠାରେ ଥିବା ପୁରୁଣା ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର(ଆଇଟିଆଇ) କୋଠା ଶନିବାର ପରିଦର୍ଶନ କରିଛନ୍ତି । ବୌଦ୍ଧ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରୋଗୀଙ୍କ ପାଇଁ ଅତିରିକ୍ତ ଚିକିତ୍ସା ସୁବିଧା ଯୋଗାଇବା ଦିଗରେ ମେଡିକାଲ ଟିମ୍ ସହ ଆଲୋଚନା କରିଛନ୍ତି। ସଂକ୍ରମଣ ଉପରେ ତୀକ୍ଷ୍ଣ ନଜର ରଖିଥିବା ରାପିଡ ରେସପନ୍ସ ଟିମ୍ ଦ୍ୱାରା ଚିହ୍ନଟ ବ୍ୟକ୍ତିଙ୍କୁ କୋଭିଡ କେୟାର ସେଣ୍ଟରରେ ଭର୍ତ୍ତି କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଛନ୍ତି। ବର୍ତ୍ତମାନ ଜିଲାରେ ୪ଟି ରାପିଡ ରେସପନ୍ସ ଟିମ୍ କୋଭିଡ ସଂକ୍ରମଣ ବ୍ୟକ୍ତି ଓ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଉପରେ ନଜର ରଖିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ବୌଦ୍ଧ ଜିଲା ସଦରମହକୁମାର ପୁରୁଣା ଜେଲ ପରିସରରେ ଗୁରୁତର କୋଭିଡ ସଂକ୍ରମଣ ରୋଗୀଙ୍କ ଚିକିତ୍ସା ପାଇଁ ୧୨୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ରହିଛି।

# ମାହେଶ୍ୱରୀ ଠାକୁରାଣୀଙ୍କ ନବକଳେବର

ଅମରପାଲି,୨୪।୪ (ଡି.ଏନ.ଏ.)


ମାହେଶ୍ୱରୀ ଠାକୁରାଣୀଙ୍କ ନବକଳେବର ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନୁପୁରସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମାହେଶ୍ୱରୀ ଠାକୁରାଣୀଙ୍କ ନବକଳେବର ତଥା ପ୍ରାଣ ପ୍ରତିଷ୍ଠା ଉତ୍ସବ କୋଭିଡ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି । କାନପୁର ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଉକ୍ତ ଆଧାତ୍ମିକ ସମାରୋହ ଗତ ୧୭ତାରିଖ ଅଙ୍କୁରାରୋପଣ ଓ କଳସ ଯାତ୍ରାରୁ ଶୁଭାରମ୍ଭ ହୋଇଥିଲା । ପରବର୍ତ୍ତୀ ଦିନମାନଙ୍କରେ ପୂର୍ବରୁ ଦାରୁ ଅଣାଯାଇ ନିର୍ମିତ ହୋଇଥିବା ବିଗ୍ରହମାନଙ୍କ ଧନ୍ୟାଧିବାସ ଏବଂ ପ୍ରତିଷ୍ଠା ପର୍ବ କରାଯାଇଥିଲା । ପରେ ଏକ ଆଧାତ୍ମିକ ପରିବେଶରେ ଘଟ ପରିବର୍ତ୍ତନ ହୋଇଥିଲା । ଏହି ଅବସରରେ ଚଣ୍ଡିଯଜ୍ଞ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା । ବାସନ୍ତିକ ଦୁର୍ଗାପୂଜା ଅବସରରେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ପୂର୍ଣ୍ଣାହୂତି ପରେ ବିଗ୍ରହମାନଙ୍କୁ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ପ୍ରତିଟି ଘର ସମ୍ମୁଖରେ ମାଁ ମାହେଶ୍ୱରୀଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରାଯାଇଥିଲା । ବିଳମ୍ବିତ ରାତ୍ରିରେ ବିଗ୍ରହମାନେ ଗମ୍ଭିରା ବିଜେ ହୋଇଥିଲେ । ଶୁକ୍ରବାର ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସେବାୟତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ନବକଳେବର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଓ ପୁଷ୍ପା ଦଳବେହେରା ସପତ୍ନୀକ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ । ଗ୍ରାମ୍ୟ ଦେହୁରୀ ବିଷ୍ଣୁଚରଣ ଦେହୁରୀ, ପୀଠ ପୁରୋହିତ ମହନ ଚାନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସୀତାରାମ ପାଢ଼ୀ ଓ ବାସୁଦେବ ପଣ୍ଡା ଆଚାର୍ଯ୍ୟ ଓ ଶିବ ପୂଝାରୀ ଚଣ୍ଡୀଯଜ୍ଞ କରିଥିଲେ । କୋଭିଡ କଟକଣା ଯୋଗୁଁ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ଶିକ୍ଷାବିତ୍ ହେମସାଗର ପଧାନଙ୍କ ପରଲୋକ

ଦେଓଗାଁ,୨୪।୪(ଡି.ଏନ.ଏ.)

ଦେଓଗାଁ ବ୍ଲକ ସାଲେପାଲିର ବିଶିଷ୍ଟ ଶିକ୍ଷାବିତ ହେମସାଗର ପଧାନ(୬୮)ଙ୍କ ଶନିବାର ବଲାଙ୍ଗୀରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ମରଶରୀର ସାଲେପାଲି ଅଣାଯିବା ପରେ ସୋନଗଡ ନଦୀକୂଳରେ ସଂସ୍କାର କରାଯାଇଥିଲା ।



ପୁତ୍ର ନେତ୍ରାନନ୍ଦ ପଧାନ ମୁଖାଗ୍ନି ଦେଇଥିଲେ। ଶିକ୍ଷାବିତ୍, ଆକାଶବାଣୀ ଗୀତିକାର, ସୁସାହିତ୍ୟିକ, ଲେଖକ,ସାମାଜିକ କର୍ମୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବ୍ଲକ ଅଧ୍ୟକ୍ଷ ରୀନା ମେହେର, ଲକ୍ଷ୍ମଣ କୁମାର ମେହେର, ସାହିତ୍ୟିକ ଉମାଶଙ୍କର ସିଂ, ଆଶୁକବି ହେମନ୍ତ ଦାଶ, ଡ. ସୁଧାଂଶୁ ଭୂଷଣ ମେହେର, ପ୍ରଦୀପ କୁମାର ତ୍ରିପାଠୀ ଶୋକପ୍ରକାଶ କରିଛନ୍ତି ।

# ସୋନପୁରରେ ଶଟ୍‌ଡାଉନ : ପାଟ୍ରୋଲିଂ କଡ଼ାକଡ଼ି

ସୋନପୁର,୨୪।୪(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। କରୋନା ଦ୍ୱିତୀୟ ଲହର ହୁ ହୁ ହୋଇ ବଢିବା ପରେ ରାଜ୍ୟ ସରକାର ସମସ୍ତ ସହରରେ ନାଇଟ୍ କର୍ଫ୍ୟୁ ଲାଗୁ କରିଥିଲେ। ଶନିବାରଠାରୁ ପୁଣି ଥରେ ଶଟ୍‌ଡାଉନ୍ ଫେରିଛି। ଜିଲାର ସୁବର୍ଣ୍ଣପୁର, ବିନିକା ଓ ତରଭା ସହରାଞ୍ଚଳରେ ଶନିବାର ଓ ରବିବାର ସପ୍ତାହନ୍ତ ଶଟ୍‌ଡାଉନ ଜାରି ହୋଇଛି। ସକାଳ ୬ଟାରୁ ଶୂନଶାନ ହୋଇଯାଇଥିଲା ୩ଟି ସହର। ଅତ୍ୟାବଶ୍ୟକ ଓ ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟ ସବୁ ବନ୍ଦ ରହିଥିଲା । ସମସ୍ତ ଦୋକାନ, ବଜାର, ଗାଡିମୋଟର ଚଳାଚଳ, ସ୍କୁଲ, କଲେଜ, ବ୍ୟାଙ୍କ, ଅଫିସ, ଡାକଘର ଓ ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା । ବିଭିନ୍ନ ଛକ ଓ ରାସ୍ତାରେ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯାଇଥିଲା । ଜିଲାରେ ବର୍ତ୍ତମାନ ଶତାଧିକ କରୋନା ସଂକ୍ରମିତ ରହିଛନ୍ତି। ତଦନୁଯାୟୀ ସଂକ୍ରମିତଙ୍କୁ ଚିକିତ୍ସା ସୁବିଧା ମିଳିପାରୁନି। ଯେଉଁ ହାରରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି ତାହା ପ୍ରଶାସନକୁ ଚିନ୍ତାରେ ପକାଇଛି। ଶଟଡାଉନ ପରେ ପୁଣି ଥରେ ଜିଲାର ଗରିବ, ଖଟିଖିଆ, ଦିନ ମଜୁରିଆ ଓ ମଧ୍ୟମ ବର୍ଗ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷେ ଜିଲାରୁ ବାହାର ରାଜ୍ୟକୁ ଯାଇଥିବା ହଜାର ହଜାର ପ୍ରବାସୀ ଶ୍ରମିକ ପୁଣି ନିଜ ଘରକୁ ଫେରିବା ସମ୍ଭାବନା ଦେଖାଦେଲାଣି। ଗତ ବର୍ଷ ୧୦ ହଜାର ଶ୍ରମିକ ଶଟଡାଉନ ଯୋଗୁଁ କାମଧନ୍ଦା ହରାଇ ନିଜ ଘରକୁ ଫେରିଥିଲେ। ସେହିପରି ସଂକ୍ରମଣ ହାର ବୃଦ୍ଧି ପରେ ବିଭିନ୍ନ ରାଜ୍ୟରେ ପାଠ ପଢୁଥିବା ଛାତ୍ରୀଛାତ୍ର ପୁଣି ଘର ମୁହାଁ ହେଲେଣି।

# ତୁଳସୀ ରାମାୟଣ ପାରାୟଣ

ଉଲୁଣ୍ଡା,୨୪।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅଖଣ୍ଡ ତୁଳସୀ ରାମାୟଣ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ରାମାୟଣ ପୀଠରେ ଗୋବିନ୍ଦ ପାଣ୍ଡିଆ ପୂଜାର୍ଚ୍ଚନା ସହ କଳସ ସ୍ଥାପନ କରିଥିଲେ। ବୀର ମିଶ୍ର, ପ୍ରମୋଦ ପୁରୋହିତ, ପିଙ୍କୁ ମିଶ୍ର, ଉରୁକ୍ରମ ପାଣ୍ଡିଆ, ରଘୁନାଥ ଦାସ ନିଜ ସାଥିଙ୍କ ସହ ତୁଳସୀ ରାମାୟଣ ପାରାୟଣ କରିଥିଲେ। ଉଦ୍‌ଯାପନୀ ଅବସରରେ ବିଶ୍ୱଶାନ୍ତି ଯଜ୍ଞ ସହ ଶିବ ସହସ୍ରନାମ ପଠନ ଏବଂ ହନୁମାନ ଚାଳିଶା ପାଠ କରାଯାଇଥିଲା। କୋଭିଡ୍ ନିୟମ ଅନୁସାରେ ବିନା ଭକ୍ତରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ରାଜେନ୍ଦ୍ର ଘିଵିଲା, ଶିରିଷ କୁମାର ପୁରୋହିତ, କେଶବ ପାଣ୍ଡିଆ ଏଥିରେ ସହଯୋଗ କରିଥିଲେ ।

# ବୌଦ୍ଧରେ ସପ୍ତାହାନ୍ତ ଶଟ୍‌ଡାଉନ

ବୌଦ୍ଧ,୨୪।୪(ସ୍ୱ.ପ୍ର.)

ସାରା ଦେଶରେ କରୋନାର ଦ୍ୱିତୀୟ ଲହରି ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ କରିଛନ୍ତି। କରୋନା ପ୍ରଭାବରେ ବୌଦ୍ଧ ଜିଲାରେ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୌଦ୍ଧ ସହରାଞ୍ଚଳରେ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହେବା ସହ ସପ୍ତାହାନ୍ତ ଶଟ୍‌ଡାଉନ କରାଯାଇଛି । ଶନିବାର ସକାଳ ଠାରୁ ଶଟଡାଉନ ଆରମ୍ଭ ହୋଇଛି। ଫଳରେ ସହରର ସମସ୍ତ ଅଞ୍ଚଳ ଶୁନଶାନ ହେବା ସହ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଛି। କେବଳ ଜରୁରୀ ସେବା ଯୋଗାଉଥିବା ଗାଡି ମୋଟର ଓ କର୍ମଚାରୀଙ୍କୁ ଅନୁମତି ଦିଆଯାଇଛି। ସେହିପରି ସରକାରୀ କାର୍ଯ୍ୟାଳୟଗୁଡିକରେ ୫୦ ପ୍ରତିଶତ କର୍ମଚାରୀରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇଛି। ଅମାନିଆ ବାହାରକୁ ବାହାରିଲେ ପୋଲିସ ପକ୍ଷରୁ ତାଗିଦ କରାଯାଇ ଘରକୁ ପଠାଇ ଦିଆଯାଉଛି। ଜିଲାରେ ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାବାସୀ ସତର୍କ ରହିବା ସହିତ ସମସ୍ତ କଟକଣା ମାନି ଚଳିବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପରାମର୍ଶ ଦେଇଛନ୍ତି।


ସପ୍ତାହାନ୍ତ ଶଟ୍‌ଡାଉନରେ ବୌଦ୍ଧ ଏନଏସି ଛକରେ ଟ୍ରାଫିକ ଯାଞ୍ଚ ।

# ଗରା, ବାଲ୍‌ଟି ରଖି କଲେ ପ୍ରତିବାଦ

ଲୋଇସିଂହା,୨୪।୪(ଡି.ଏନ.ଏ.)


ପଡାବାସୀ ଗରା, ବାଲଟି ରଖି ଷ୍ଟାଣ୍ଡପୋଷ୍ଟ ନିକଟରେ ପ୍ରତିବାଦ କରୁଛନ୍ତି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଥନାପତି ପଡ଼ାକୁ ଗତ ଦୁଇ ସପ୍ତାହ ହେଲା ପାଇପ ଜଳଯୋଗାଣ ବନ୍ଦ ରହିଛି। ପଡାବାସୀ ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷକୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏଥିଯୋଗୁ ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାର ପ୍ରତିବାଦ କରି ପଡାବାସୀ ଷ୍ଟାଣ୍ଡପୋଷ୍ଟ ନିକଟରେ ଶନିବାର ରାସ୍ତାରେ ଗରା, ବାଲଟି ରଖି ପ୍ରତିବାଦ କରିଥିଲେ। ଅବିଳମ୍ବେ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଥିଲେ।

୮ ୱାର୍ଡ ବିଶିଷ୍ଟ ଯୋଗୀସର୍ଡା ପଞ୍ଚାୟତର ସଦର ଗାଁକୁ ଛେଲବାହଲସ୍ଥିତ ସୁକତେଲ ନଦୀରୁ ପାଇପ ଯୋଗେ ଜଳଯୋଗାଣ ହେଉଛି । ପଞ୍ଚାୟତ ପରିସରରେ ଓଭରହେଡ୍ ଟାଙ୍କି ରହିଛି। ଗ୍ରାମ ଜଗନ୍ନାଥ ମନ୍ଦିର ତଳମୁଣ୍ଡ ଥନାପତି

**ପାଇପ ପାଣିରୁ ବଞ୍ଚିତ ୩ଶହ ପରିବାର**

ପଡ଼ାର ଷ୍ଟାଣ୍ଡପୋଷ୍ଟଗୁଡିକରେ ଗତ ୧୫ଦିନ ହେଲା ପାଣି ବାହାରୁନାହିଁ । ଫଳରେ ପଡ଼ାର ୩ଶହ ପରିବାର ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବେଳେ ଜଳକଷ୍ଟ ଭୋଗୁଛନ୍ତି। ପଡ଼ାବାସୀଙ୍କ ଅଭିଯୋଗ ହେଲା ବସ୍ତିର ଉପରମୁଣ୍ଡର କେତେକ ଲୋକ ମୋଟର ଲଗାଇ ପାଣି ଉଠାଇ ନେଉଛନ୍ତି। ଫଳସ୍ୱରୂପ ସେମାନଙ୍କ ପଡାକୁ ପାଣି ପହଞ୍ଚି ପାରୁନାହିଁ। ସମସ୍ୟାର ସମାଧାନ ପାଇଁ ପଡ଼ାର ମହିଳାମାନେ ସରପଞ୍ଚଙ୍କୁ ଭେଟିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିବା ପଡ଼ାର ଉପେନ୍ଦ୍ର ମିଶ୍ର, ଶତ୍ରୁଘ୍ନ ନାଏକ, ମହେନ୍ଦ୍ର ମିଶ୍ର ପ୍ରମୁଖ କହିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ଆରଡବ୍ଲ୍ୟୁଏସଏସ ବିଭାଗ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।